

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ


RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in



ଜଗତସିଂହପୁର ଜିଲ୍ଲାର ଗର୍ବ ଓ ଗୌରବ
ଜଳ ସଂପଦ, ସୂଚନା ଓ ଲୋକସଂପର୍କ ବିଭାଗ ମନ୍ତ୍ରୀ
ରଘୁନନ୍ଦନ ଦାସ

| Vol.5 | Issue- 21 | November 1 to 7, 2021, | Jagatsinghpur | Page-8 | Rs. 5/- |
|---|---|---|---|---|---|
| ବର୍ଷ-୫ | ସଂଖ୍ୟା- ୨୧ | ନଭେମ୍ବର ୧ ରୁ ୭, ୨୦୨୧, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା |


## ସମ୍ପାଦକୀୟ

# ସମବେଦନା ରାଜନୀତି




ସମ୍ପାଦକ
ରାମ ଚନ୍ଦ୍ର ମହାନ୍ତି

ଉତ୍ତର ପ୍ରଦେଶର ଖେରି ହେଉ କି ହାତରସ୍। ଅପରାଧ ପରେ ଘଟଣାସ୍ଥଳରେ ବିରୋଧୀ ଦଳକୁ ମିଳିନି ଏଣ୍ଟ୍ରି। ନା ପୀଡିତାକୁ ନା ପୀଡିତାର ପରିବାରକୁ ଭେଟିବାକୁ ମିଳିନାହିଁ ଅନୁମତି। ଏପରିକି ଘଟଣାସ୍ଥଳକୁ ବି ବିରୋଧୀ ଦଳକୁ ଯିବାକୁ ମିଳିନି ଅନୁମତି। ୧୪୪ ଧାରା ଲାଗୁ ସହ ଗଣମାଧ୍ୟମକୁ ମଧ୍ୟ ଯିବାକୁ ଦିଆଯାଇନି। କିନ୍ତୁ ଆମ ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ ଥିବା ବିଜେପି ପାଇଁ ତାଙ୍କ ସରକାରରେ ଥିବା ୟୁପିର ଗୋଟିଏ ଆଉ ଓଡ଼ିଶା ପାଇଁ ଆଉ ଗୋଟିଏ ଆଭିମୁଖ୍ୟ। ଅପରାଧ ପରେ ଦୋଷୀକୁ ଗିରଫ କରାଯାଇସାରିବା ପରେ ମଧ୍ୟ ନିଇତି ପୀଡିତାଙ୍କ ପରିବାରକୁ ଭେଟି ମାଇଲେଜ୍ ପଲିଟିକ୍ସ କରୁଛନ୍ତି ବିରୋଧୀ। ସମବେଦନା ଆଳରେ ରାଜନୀତି କରୁଛି ବିଜେପି।

ସେଇଥିପାଇଁ ମମିତାଙ୍କ ଗାଁକୁ ରାଜନୈତିକ ପର୍ଯ୍ୟଟନସ୍ଥଳରେ ପରିଣତ କରିଛି ବିଜେପି। ଦୁଇ ଦଫାରେ ବିଜେପି ନେତାମାନେ ମମିତାଙ୍କ ଘରକୁ ଯାଇ ବୁଲି ଆସିଲେଣି; ଆଜି ଆଉ ଦଳେ ନେତା ତାଙ୍କ ଘରକୁ ଯାଇଛନ୍ତି। ମମିତା ପରିବାରକୁ ସମବେଦନା ନାଁରେ ନିଇତି ପଲିଟିକାଲ୍ ଷ୍ଟଣ୍ଟ କରୁଛି ବିଜେପି। କ୍ରାଇମ୍ ସ୍ପଷ୍ଟ ଓ ପରିବାରର ଫଟୋ ସେସନ୍ କରୁଛି ବିଜେପି। ମମିତା ମୃତ୍ୟୁ ପରେ ପରିବାର ଆଖିରୁ ଲୁହ ସୁଖିନି। ହେଲେ ଘଟଣା ସମ୍ପର୍କରେ ରାଜନୈତିକ ରୁଟି ଶେଖିବା ପାଇଁ ବିଜେପି ଖୁବ୍ ପ୍ରୟାସ କରୁଛି। ପରିବାରକୁ ନ୍ୟାୟ ନୁହେଁ ବରଂ ନିଜ ରାଜନୈତିକ ଫାଇଦା ପାଇଁ ମମିତାଙ୍କ ଘରକୁ ଛୁଟୁଛି ନେତା ସୁଅ। ଆଜି ଜଣେ, କାଲି ଆଉଜଣେ ନେତା ଯାଇ ନମିତାଙ୍କ ପରିବାର ସଦସ୍ୟଙ୍କୁ ଅଯଥା ପ୍ରଶ୍ନରେ ଅଥୟ କରୁଛନ୍ତି। ଏପରିକି ବାରମ୍ବାର ପ୍ରଶ୍ନରେ ଅସ୍ତବ୍ୟସ୍ତ ହୋଇ ମା' ବେହୋସ୍ ହୋଇଯାଉଛନ୍ତି। ତଥାପି ଅଟକୁନି ପ୍ରଶ୍ନ। ଏସବୁ ପରେ କୋହଭରା କଣ୍ଠରେ ହାତଯୋଡି ତାଙ୍କ ଝିଅର ମୃତ୍ୟୁକୁ ନେଇ ରାଜନୀତି ନ କରିବାକୁ ଅନୁରୋଧ କରିଛନ୍ତି ମମିତାର ବାପା। ପୋଲିସ୍ ତଦନ୍ତରେ ସେ ସନ୍ତୁଷ୍ଟ ଏବଂ ଦୋଷୀ ଗୋବିନ୍ଦଙ୍କୁ ଫାସି ଦେବାକୁ ମମିତାଙ୍କ ବାପା ଦାବି କରିଛନ୍ତି।

ମମିତା ପରିବାରକୁ ସମବେଦନା ଓ ହତ୍ୟାକାରୀକୁ ଦଣ୍ଡ ଦେବା ଅପେକ୍ଷା ରାଜ୍ୟ ଗୃହରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କୁ ଟାଣି ଓଟାରି ଘଟଣା ସହ ଯୋଡିବାକୁ ଲାଗିପଡିଛି ବିଜେପି। କୌଣସି ଅଭିଯୁକ୍ତ ସହ ସଂପର୍କ ଥିଲେ କାହାରିକୁ ଦୋଷୀ କୁହାଯାଇପାରିବ ନାହିଁ। ଏକଥା ବିଜେପି ନେତାମାନେ ଠିକ୍ ବୁଝିଛନ୍ତି। ମମିତାଙ୍କ ଘର ବୁଲି ଆସିବା ପରେ ବିଜେପି ନେତା ଥିବା ଜଣେ ଅବସରପ୍ରାପ୍ତ ବରିଷ୍ଠ ପୋଲିସ୍ ଅଧିକାରୀ ଓ ଜଣେ ଆଇନଜୀବୀ ଏକଥା ମଧ୍ୟ ଗଣମାଧ୍ୟମରେ ସ୍ୱୀକାର କରିସାରିଛନ୍ତି। ଘଟଣାରେ ସଂପୃକ୍ତି ନେଇ ଦିବ୍ୟଶଙ୍କରଙ୍କ ବିରୁଦ୍ଧରେ କୌଣସି ପ୍ରମାଣ ନାହିଁ। କେବଳ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସହ ତାଙ୍କର ବ୍ୟକ୍ତିଗତ ସଂପର୍କ ଆଧାରରେ ତାଙ୍କର ଇସ୍ତଫା ଦାବି କରୁଛି ବିଜେପି। ଯଦି ମମିତା ପ୍ରସଙ୍ଗରେ ଦିବ୍ୟଶଙ୍କରଙ୍କ ଇସ୍ତଫା ଯଦି ନ୍ୟାୟଚିତ, ତେବେ ଲକ୍ଷ୍ମୀପୁର ଘେରି ଚାଷୀ ମୃତ୍ୟୁ ଘଟଣାରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ର କାହିଁକି ଇସ୍ତଫା ଦେଲେନାହିଁ ବୋଲି ବିଭିନ୍ନ ମହଲରେ ଏହାକୁ ନେଇ ପ୍ରଶ୍ନ ଉଠୁଛି।

କୁହାଯାଉଛି, ରାଜନୀତି ଓ କ୍ଷମତା ଲିପ୍ସା ରାଜ୍ୟ ବିଜେପି ନେତାମାନଙ୍କୁ ଅନ୍ଧ କରିଦେଇଛି। ଦରଦାମ ବୃଦ୍ଧିଜନିତ ସାଧାରଣରେ ଦଳ ସୃଷ୍ଟି ହୋଇଥିବା ରୋଷକୁ ଏଡାଇବା ପାଇଁ ଜେନ୍‌ତେନ୍ ପ୍ରକାର ମମିତା ପ୍ରସଙ୍ଗକୁ ବଞ୍ଚାଇ ରଖିବା ପାଇଁ ବିଜେପି ପୁରା ଦମ୍ ଲଗାଇଦେଇଛି। ଗଣମାଧ୍ୟମରେ ଚର୍ଚ୍ଚାରେ ରହି ପଞ୍ଚାୟତ ନିର୍ବାଚନ ପର୍ଯ୍ୟନ୍ତ ଉଷ୍ମତା ବଜାୟ ରଖିବା ପାଇଁ କଷରତ ଆରମ୍ଭ କରିଛି। ରୋଜଗାରିଆ ଝିଅକୁ ହରାଇ ମାନସିକ ଅସୁସ୍ଥତା ମଧ୍ୟରେ ଗତି କରୁଥିବା ମମିତା ମେହେରଙ୍କ ପରିବାରକୁ ସମବେଦନା ଜଣାଇବା ବାହାନାରେ ତାଙ୍କ ଘରକୁ ରାଜନୈତିକ ପର୍ଯ୍ୟଟନ କ୍ଷେତ୍ରରେ ଗାଁଟାକୁ ପରିଣତ କରିଛନ୍ତି କ୍ଷମତା ମଦବତ୍ତ ବିଜେପି ନେତା। ମମିତାଙ୍କ ଘରେ ପହଞ୍ଚିଥିବା ସଭାପତିଙ୍କ ନେତୃତ୍ୱରେ ୧୫ଜଣ ଆଜି ଦୁଇ ଜାତୀୟ ନେତାଙ୍କ ସହ ମଧ୍ୟ ମମିତାଙ୍କ ପରିବାରକୁ ବିଜେପିର କେନ୍ଦ୍ରୀୟ କମିଟିର ୩ ମମିତାଙ୍କ ଘରକୁ ଯିବେ ବୋଲି ଘଟଣାକୁ ଜାତୀୟ ପ୍ରସଙ୍ଗ କରିବା ଦଳ ପକ୍ଷରୁ ଦିଲ୍ଲୀରେ ସାମ୍ବାଦିକ ମହିଳା କମିଶନ ପକ୍ଷରୁ ଏହି ଇସ୍ତଫା ଦାବି କରାଯାଇଛି। ମମିତା ପ୍ରସଙ୍ଗକୁ ଯେତିକି ଗୁରୁତ୍ୱ




ପ୍ରଥମ ଦଫାରେ ଜିଲ୍ଲା ନେତାମାନେ ବେଳେ ଦ୍ୱିତୀୟ ଦଫାରେ ରାଜ୍ୟ ନେତା ପହଞ୍ଚିଥିଲେ। ସେହିପରି କଂଗ୍ରେସ ବିଧାୟକ ଦଳ ନେତା ଭେଟିଛନ୍ତି। ଆସନ୍ତା କାଲି ଜଣିଆ ମହିଳା ପ୍ରତିନିଧି ମଣ୍ଡଳୀ ଦଳ ପକ୍ଷରୁ କୁହାଯାଇଛି। ଏହି ପାଇଁ ବିଜେପି ନକ୍ସା ପ୍ରସ୍ତୁତ କରିଛି। ସମ୍ମିଳନୀ କରାଯାଇଛି, ଜାତୀୟ ଘଟଣାରେ ହସ୍ତକ୍ଷେପ କରି ମନ୍ତ୍ରୀଙ୍କ ବିଜେପି ଓ ଏହାର ନେତାମାନେ ଦେଉଛନ୍ତି; ଲକ୍ଷ୍ମୀପୁର ଖେରି କୃଷୀ ମୃତ୍ୟୁ ଘଟଣାରେ କାହିଁକି ଚୁପ୍ ରହିବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଏକ ଘରୋଇ ସ୍କୁଲ୍‌ରେ ଚାକିରି କରୁଥିଲେ ମମିତା। ପରିବାର ପାଇଁ ସେ ଥିଲେ ବଡ ସମ୍ପଦ, ଆୟର ମୁଖ୍ୟ ସ୍ରୋତ। ଝିଅକୁ ହରାଇ ମମିତାଙ୍କ ପରିବାର ଦୁଃଖରେ ଭାଙ୍ଗିପଡିଛନ୍ତି। ପରିବାର ସଦସ୍ୟଙ୍କ ଆଖିରୁ ଲୁହ ଶୁଖିନାହିଁ। ଝିଅକୁ ବାହୁନି ବାହୁନି ତାଙ୍କ ମା'ଣ ଘଡିକୁ ଘଡି ଚେତା ହରାଉଛନ୍ତି। ଝିଅକୁ ଯିଏ ହତ୍ୟା କରିଛି ତାକୁ ଫାଶିଦଣ୍ଡ ମିଳୁ ବୋଲି ମମିତାଙ୍କ ପରିବାର ଦାବି କରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜଣେ ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱବଧାନରେ ମମିତା ହତ୍ୟା ଘଟଣାର ତଦନ୍ତ ଚାଲିଛି। ଅଭିଯୁକ୍ତ ଗୋବିନ୍ଦ ସାହୁକୁ ପୋଲିସ୍ ଗିରଫ କରିଛି ଏବଂ ଏହି ମାମଲାର ତଦନ୍ତ ଫାଷ୍ଟଟ୍ରାକ୍ କୋର୍ଟରେ କରାଯିବାକୁ ପୋଲିସ୍ ପଦକ୍ଷେପ ଗ୍ରହଣ କରିଛି। ପୋଲିସ୍‌ର କାର୍ଯ୍ୟାନୁଷ୍ଠାନକୁ ନେଇ କୌଣସି ସନ୍ଦେହ ନାହିଁ ବୋଲି ତାଙ୍କ ପରିବାର ସ୍ପଷ୍ଟ କରିଛନ୍ତି। ମମିତାଙ୍କର ବଡବାପା, ଭାଇ ଓ ଅନ୍ୟ ସଂପର୍କୀୟମାନେ ପୋଲିସ୍‌ର ତଦନ୍ତକୁ ନେଇ ସନ୍ତୋଷବ୍ୟକ୍ତ କରିଛନ୍ତି।

ଛାତି ଉପରେ ପଥର ଲଦି ମନରେ ଉଠୁଥିବା କୋହକୁ ଚାପି ମମିତାଙ୍କ ପରିବାର ତାଙ୍କର କ୍ରୀୟାକର୍ମ କାର୍ଯ୍ୟରେ ଲାଗିଛନ୍ତି। ମାତ୍ର ବିଜେପି ଓ ବିରୋଧୀ ନେତାମାନେ ସେତକ ବି ସୁରୁଖୁରୁରେ କରିବାକୁ ଦେଉନାହାଁନ୍ତି। ଦଳ ଦଳ ହୋଇ ତାଙ୍କ ଘରେ ପହଞ୍ଚି ଯାଉଛନ୍ତି। ଶୁଖି ଆସୁଥିବା ଘା'କୁ ଉଖୁରାଇ ଲହୁଲୁହାଣ କରି ଦେଉଛନ୍ତି। ମମିତାଙ୍କ ମା', ବାପା, ଭାଇ ଓ ସଂପର୍କୀୟଙ୍କୁ ଗୋଡେଇ ତୋଡେଇ ମମିତା ଓ ଗୋବିନ୍ଦ ସାହୁଙ୍କ ସଂପର୍କ ନେଇ ପ୍ରଶ୍ନ ଉଠାଉଛନ୍ତି। କଟା ଘା'ରେ ଲୁଣ ମାରି ଅଧିକ ଯନ୍ତ୍ରଣା ଦେଉଛନ୍ତି। ମହାଲିଙ୍ଗ କଲେଜ୍‌ର ଛାତ୍ରୀ ଓ ଅଧାପିକାଙ୍କ ଚରିତ୍ର ସଂହାର କରୁଛନ୍ତି। ସମବେଦନା ଜଣାଇବା ଆଳରେ ବିଜେପି ନେତାମାନେ ଯେଉଁ ମାନସିକ ନିର୍ଯ୍ୟାତନା ଦେଉଛନ୍ତି ସେଥିରେ ମମିତାଙ୍କ ପରିବାର ମର୍ମାହତ ହୋଇଛନ୍ତି। ତଥାପି ନିଜ ରାଜନୈତିକ ଫାଇଦା ଓ ଦର ବୃଦ୍ଧି ଆଦି ପ୍ରସଙ୍ଗକୁ ନେଇ କେନ୍ଦ୍ର ସରକାର ଓ ବିଜେପି ପ୍ରତି ସାଧାରଣରେ ସୃଷ୍ଟି ହୋଇଥିବା ଅସନ୍ତୋଷକୁ ଅଡେଇବା ନିମନ୍ତେ ବିଜେପି ମମିତା ହତ୍ୟା ଘଟଣାକୁ ରାଜନୈତିକ ରଙ୍ଗ ବୋଲି ଆନ୍ଦୋଳନ ଆରମ୍ଭ କରିଛି।

ମମିତା ହତ୍ୟାକାଣ୍ଡ ପ୍ରସଙ୍ଗରେ ବିଜେପି ଓ ବିରୋଧୀ ଦଳଗୁଡିକର ଆଭିମୁଖ୍ୟକୁ ନେଇ ପ୍ରକାଶ କରିଛନ୍ତି ତାଙ୍କର ବାପା। ଝିଅ ମୃତ୍ୟୁ ଦୁଃଖରେ ମ୍ରିୟମାଣ ବାପା ବିଜେପି ନେତାମାନଙ୍କ ତୁହାକୁ ତୁହା ଗସ୍ତ, ଅସରନ୍ତି ପ୍ରଶ୍ନ ବାଣରେ ଭାଙ୍ଗି ପଡିଛନ୍ତି। ରାଜନୈତିକ ଦଳଗୁଡିକ ତାଙ୍କ ଘରକୁ ନ ଆସିବାକୁ ସେ ହାତ ଯୋଡି ଅନୁରୋଧ କରିଛନ୍ତି, ତଥାପି ବିଜେପି ଚେତୁନାହିଁ; ସମବେଦନା ଆଳରେ ମମିତାଙ୍କ ପରିବାରକୁ ମାନସିକ ନିର୍ଯ୍ୟାତନା ଦେବା ଉଦ୍ୟମରୁ ବିରତି ହେଉନାହିଁ।

# ବିରୋଧୀ ମିଛୁଆ !

## ମନ୍ତ୍ରୀଙ୍କର କ'ଣ ବଙ୍କା କରିବେ ?

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ମମିତା ହତ୍ୟାକାଣ୍ଡ ଘଟଣା ଏବେ ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ଅନେକ ଲୋକ ଅନେକ କଥା ଓ ଆଲୋଚନା କରୁଛନ୍ତି। ନିରପେକ୍ଷ ବ୍ୟକ୍ତି ବିରୋଧୀଙ୍କୁ ଗାଳିଗୁଲଜ କରୁଛନ୍ତି। ବିରୋଧୀ ବେହିଆ ଗୁଡାକ, ତା ସାଙ୍ଗକୁ ମିଛୁଆ ଓ ଟାଉଟର ବୋଲି ଗାଳି କରୁଛନ୍ତି, ମନ୍ତ୍ରୀଙ୍କର କ'ଣ ବଙ୍କା କରିବେ ବୋଲି ଏପରି କହୁଛନ୍ତି। ଯଦି ବିରୋଧୀଙ୍କ ଦମ୍ ଅଛି ଏ ପର୍ଯ୍ୟନ୍ତ କୋର୍ଟକୁ ଯାଉନାହାଁନ୍ତି କାହିଁକି ? କୋର୍ଟକୁ ଯାଇ ନିର୍ଦ୍ଦେଶନାମା ଆଣି ମନ୍ତ୍ରୀଙ୍କୁ ମନ୍ତ୍ରୀମଣ୍ଡଳରୁ ବହିଷ୍କୃତ କରି ବାନ୍ଧୁନାହାଁନ୍ତି କାହିଁକି ? ଏସବୁ ବେହିଆ ଟାଉଟରଙ୍କର ନୀତି ବୋଲି ଗାଳି କରାଯାଉଛି। ଅତୀତର ଘଟଣାକୁ ବର୍ଣ୍ଣନା କରି ଇତିଶ୍ରୀ, ଋଷି ହତ୍ୟାକାଣ୍ଡ, ପରୀ ଆଦି ଏପରି ଅନେକ ଘଟଣାରେ ବିରୋଧୀ ଆନ୍ଦୋଳନ କରି କୌଣସି ସୁଫଳ ମିଳିପାରିନାହିଁ। ଅତୀତରେ ଋଷି ହତ୍ୟାକାଣ୍ଡରେ ମେୟରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଲାଗି ସରକାରଙ୍କ ବିରୁଦ୍ଧରେ ଆନ୍ଦୋଳନ



କରି ଶେଷରେ କ'ଣ ପାଇଲେ ? ପରୀ ହତ୍ୟାକାଣ୍ଡରେ ମନ୍ତ୍ରୀଙ୍କୁ ଟାଣି ଆନ୍ଦୋଳନ କଲେ କ'ଣ ପାଇଲେ ? ଏବେ ମମିତା କେସ୍‌ରେ ରାଜ୍ୟକୁ ଉଠାପକା କରି ସରକାରଙ୍କୁ ଅଡୁଆରେ ପକାଇବା ପାଇଁ ଚେଷ୍ଟା କରି ଶେଷରେ ଅପଦସ୍ତ ହେବା ବେହିଆ ବିରୋଧୀଙ୍କ କାମ ବୋଲି ଅଶ୍ଳିଳ ଭାଷାରେ ଗାଳି କରୁଥିବା ଶୁଣିବାକୁ ମିଳୁଛି।

ଅନ୍ୟପକ୍ଷରେ, ମମିତା ହତ୍ୟାକାଣ୍ଡରେ ମର୍ମାହତ ବଲାଙ୍ଗୀର ଓ କଳାହାଣ୍ଡିବାସୀ ବିରୋଧୀଙ୍କ ରାଜନୈତିକ ଷଡଯନ୍ତ୍ର ଗନ୍ଧ ବାରିବା ପରେ ତୀବ୍ର ପ୍ରତିକ୍ରିୟା ରଖୁଛନ୍ତି। ମେହେର ସଂପ୍ରଦାୟର ଲୋକେ ମୁହଁ ଖୋଲି ବିରୋଧୀଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ **ମମିତାଙ୍କ ବାପା** (ପୃଷ୍ଠା ୨)

## ବିଜେପି ବାଣ୍ଟୁଛି ଟଙ୍କା !




ମମିତାଙ୍କ ପରିବାରର ଲୁହକୁ ନେଇ ରାଜନୀତି କରୁଛି ବିଜେପି। ନ୍ୟାୟ ଦେବା ଲାଗି ନାଟକ କରି ଦେଉଛି ମାନସିକ ନିର୍ଯ୍ୟାତନା। ଦଳ ଦଳ ହୋଇ ବିଜେପି ନେତାମାନେ ମମତାଙ୍କ ଘରକୁ ଯାଇ ତାଙ୍କ ପରିବାରର ମାନସିକ ଶାନ୍ତିକୁ ନଷ୍ଟ କରୁଛନ୍ତି। ତାହା ମିଛ କହିବାକୁ ବି ଲଜ୍ଜା ମଧ୍ୟ କରୁନାହାଁନ୍ତି। ଦଳୀୟ ନେତା ମମିତା ହତ୍ୟା ମାମଲାକୁ ନେଇ ବିଜେପି କରୁଥିବା ରାଜନୀତି ଓଡ଼ିଶାବାସୀ ବୁଝିସାରିଲେଣି। ବିଜେପିର ଏହି ମାଇଲେଜ୍ ନେବା ରାଜନୀତିକୁ ପସନ୍ଦ (ପୃଷ୍ଠା ୨)

# ଅତନୁଙ୍କ ଉପରେ ଦେବାଶିଷ ଖପ୍ପା

**କେନ୍ଦ୍ରାପଡା(ସଂପର୍କବାର୍ତ୍ତା):-** ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ ପାଟକୁରାରେ ଗୋଷ୍ଠୀକନ୍ଦଳ କରୁଥିବା ନେଇ ସଂଜୟ ଅଗ୍ରୱାଲା ଅଭିଯୋଗ କରିଛନ୍ତି। ମଙ୍ଗଳବାର ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କରିଲୋ ପାଟଣା ଗ୍ରାମରେ ଆୟୋଜିତ ବିଜେଡି କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସିଧାସଳଖ ଗୋଷ୍ଠୀକନ୍ଦଳ ପଦାରେ ପଡିଛି। ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି କେନ୍ଦ୍ରାପଡା




ପର୍ଯ୍ୟବେକ୍ଷକ ଦେବାଶିଷ ସାମନ୍ତରାୟ ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲ୍‌ଙ୍କ ସୁପୁତ୍ର ସଂଜୟ ଅଗ୍ରୱାଲ୍ ଓ ମାର୍ଶାଘାଇ ବ୍ଲକ୍ ଉପାଧକ୍ଷା ମମତା ପ୍ରଧାନ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ପ୍ରମୋଦ ରଥଙ୍କ ସମେତ ବିଜେଡି ନେତାମାନେ ନିଜ ନିଜ ଅଭିଭାଷଣରେ ମହାକାଳ ବିଧାୟକ ଅତନୁ ସବ୍ୟସାଚୀ ନାୟକଙ୍କ ଉପରେ ବିଷ ଉଗାଳିଛନ୍ତି। ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ପାଟକୁରା ନିର୍ବାଚନ ମଣ୍ଡଳୀରେ ଗୋଷ୍ଠି କନ୍ଦଳ କରୁଥିବା ନେଇ ସିଧାସଳଖ ଅଭିଯୋଗ କରିଥିଲେ ସଂଜୟ ଅଗ୍ରୱାଲ୍। ତେବେ ଅତନୁଙ୍କ ଏଭଳି ଆଚରଣ ଉପରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ସଭାରେ ଅତନୁଙ୍କ ଉପରେ ବିରକ୍ତ ପ୍ରକାଶ କରିଥିଲେ ଦେବାଶିଷ ସାମନ୍ତରାୟ। ନିଜ ନିର୍ବାଚନ ମଣ୍ଡଳୀ ଛାଡି ପାଟକୁରାରେ ବେଶି ରାଜନୀତି ନ କରିବା ପାଇଁ ଅତନୁଙ୍କୁ ପର୍ଯ୍ୟବେକ୍ଷକ ଦେବାଶିଷ ଦେଇଥିଲେ ପରାମର୍ଶ। ସଂଜୟ ଅଗ୍ରୱାଲ୍‌ଙ୍କ ବିସ୍ଫୋରକ ବୟାନକୁ ନେଇ ପାଟକୁରା ଗୋଷ୍ଠୀ କନ୍ଦଳର ପଞ୍ଚାୟତ ନିର୍ବାଚନ ଉପରେ କ'ଣ ଫଳାଫଳ ରହିବ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି।

## ପ୍ରତାପ ଜେନା ଥଣ୍ଡା କାଶରେ ପୀଡିତ

**ଫୁଲବାଣୀ(ସଂପର୍କବାର୍ତ୍ତା):-** କନ୍ଧମାଳ ଜିଲ୍ଲା ଗସ୍ତରେ ଆସିଥିବା ବେଳେ ପଞ୍ଚାୟତିରାଜ ତଥା ପାନୀୟ ଜଳ, ଆଇନ୍ ମନ୍ତ୍ରୀ ପ୍ରତାପ ଜେନା ଅସୁସ୍ଥ ହୋଇପଡିଛନ୍ତି। ସେ ଥଣ୍ଡା କାଶରେ ପୀଡିତା ହେବା ସହ କଫ ଯୋଗୁଁ ନିଶ୍ୱାସ ନେବାରେ କଷ୍ଟ ପାଇଥିଲେ। ଏଥିସହ ତାଙ୍କ ଠାରେ ରକ୍ତ ଚାପର ସମସ୍ୟା ଦେଖାଯାଇଛି ବୋଲି ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡ୍ ଅଭୟ ପଟ୍ଟନାୟକ ସୂଚନା ଦେଇଛନ୍ତି। ମନ୍ତ୍ରୀଙ୍କୁ ଡାକ୍ତରୀ ଟିମ୍ ସର୍କିଟ୍ ହାଉସ୍ ଠାରେ ଚିକିତ୍ସା କରିଥିଲେ। ତେବେ ମନ୍ତ୍ରୀଙ୍କୁ ଭୁବନେଶ୍ୱରରେ ଏୟାର ଲିଫ୍ଟ କରାଯାଇଥିବା ସୂଚନା ଦିଆଯାଇଛି। ମନ୍ତ୍ରୀ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲ୍‌ରେ ଚିକିତ୍ସାଧିନ



ଅଛନ୍ତି।

ସୂଚନାଯୋଗ୍ୟ, ମନ୍ତ୍ରୀ ଗୁରୁବାର ବିଳମ୍ବିତ ରାତିରେ କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡିରେ ପହଞ୍ଚି ଶୁକ୍ରବାର ବ୍ରାହ୍ମଣୀ ଗାଁ ଏବଂ ଦାରିଙ୍ଗବାଡିରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ କରିବା ପାଇଁ ସେ ଶନିବାର ବାଲିଗୁଡା ତୁମୁଡିବନ୍ଧ ଆଦି ଅଞ୍ଚଳରେ କାର୍ଯ୍ୟକ୍ରମ କରି ଫୁଲବାଣୀର ଅତିଥି ଭବନରେ ରାତ୍ରିଯାପନ କରିଥିଲେ। ଆଜି ତଥା ରବିବାର ଚକାପାଦ ଅଞ୍ଚଳରେ ମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଥିଲା।

## ୬ରେ ଯୋଗଦେବେ ପ୍ରଦୀପ


**ନବରଙ୍ଗପୁର(ସଂପର୍କବାର୍ତ୍ତା):-** ପଦେଶ କଂଗ୍ରେସ କମିଟିର ପୂର୍ବତନ କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି ଦଳରୁ ଇସ୍ତଫା ଦେବା ପରେ ନିକଟରେ ସେ ବିଜେଡିରେ ଯୋଗ ଦେଉଥିବା ସୂଚନା ଦେଇଥିଲେ ।ମିଳିଥିବା ସୂଚନା ମୁତାବକ ଆସନ୍ତା ନଭେମ୍ବର ୬ ତାରିଖରେ ବିଜେଡିରେ ଭାବେ ଯୋଗଦେବେ । ଏହି ମଶ୍ରଣ ପର୍ବ ନିଜ ନିର୍ବାଚନ ମଣ୍ଡଳୀ ନବରଙ୍ଗପୁରରେ ହେବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବୈଠକରେ ଯୋଗଦେବାର ଖବର ମଧ୍ୟ ଶୁଣିବାକୁ ମିଳୁଛି । ପ୍ରଦୀପଙ୍କ ସହିତ ତାଙ୍କର ନିକଟତମ ସହଯୋଗୀ ଏବଂ ବିଜେଡିର ସ୍ଥାନୀୟ ବିଧାୟକ , ଏମ୍‌ପି ଓ ଦଳୀୟ ନେତାଙ୍କ ଉପସ୍ଥିତିରେ



ପ୍ରଦୀପ ନିଜର ସମର୍ଥକଙ୍କ ସହିତ ବିଜେଡିରେ ଯୋଗଦେବେ ବୋଲି କହିଛନ୍ତି ।ପ୍ରଦୀପ ଅକ୍ଟୋବର ୨୨ରେ କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଥିଲେ । ରାଜ୍ୟରେ କଂଗ୍ରେସ ଦିନକୁ ଦିନ ନିଜର ଅମାନତ ହରାଉଥିବା ବେଳେ ଧିରେ ଧିରେ ଲୋକଙ୍କ ମଧ୍ୟରେ ଗ୍ରହଣୀୟତା ମଧ୍ୟ ହ୍ରାସ ପାଉଛି । ତେବେ ନିଜର ଭବିଷ୍ୟତ ପାଇଁ ପ୍ରଦୀପ କଂଗ୍ରେସ ଛାଡି ବିଜେଡିରେ ଯୋଗ ଦେଉଥିବା ନେଇ ଚର୍ଚ୍ଚା ହେଉଛି ।

## ମନ୍ତ୍ରୀଙ୍କ ସଂପୃକ୍ତି ନାହିଁ-ଦାମ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ମହାଲିଙ୍ଗ ମମିତା ହତ୍ୟା ଘଟଣାକୁ ନିନ୍ଦା କରିଛନ୍ତି ବରିଷ୍ଠ ନେତା ଦାମୋଦର ରାଉତ। ଏହି ଘଟଣାକୁ ନେଇ କୌଣସି ବ୍ୟକ୍ତି କିମ୍ବା ଦଳ ନୁହଁନ୍ତି ସମସ୍ତ ରାଜ୍ୟବାସୀ ଲଜ୍ଜିତ ବୋଲି କହିଛନ୍ତି ଦାମ। ପୋଲିସ୍ ତଦନ୍ତ ପରେ ଘଟଣାରେ ସଂଶ୍ଳିଷ୍ଟ ବ୍ୟକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ। ବିରୋଧୀ ବିଶେଷ କରି ବିଜେପି ଏହାକୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଛି, କିଛି ଆନ୍ତରିକତା ନାହିଁ। ଆଇନ୍ ଶୃଙ୍ଖଳା ରାଜ୍ୟର ବିଷୟ, ସେଥିପାଇଁ ରାଜ୍ୟରେ ପୋଲିସ୍ ରହିଛି। ସିବିଆଇ କେନ୍ଦ୍ରୀୟ ସଂସ୍ଥା, ବିଜେପି ନେତା କହୁଛନ୍ତି ସିବିଆଇ ତଦନ୍ତ କରୁ। ଯଦି ରାଜ୍ୟ ପୋଲିସ୍ ଉପରେ ବିଜେପିର ବିଶ୍ୱାସ ନାହିଁ ତାହେଲେ ସିବିଆଇ ଆସିଲେ ବିଜେପି ଦ୍ୱାରା ପ୍ରଭାବିତ ହୋଇ ରାଜ୍ୟ ସରକାରଙ୍କୁ ବଦନାମ କରିବା ପାଇଁ କିଛି କରିପାରନ୍ତି। ବିଜେପି ଓ



କଂଗ୍ରେସ ମମିତା ମେହେରଙ୍କୁ ନ୍ୟାୟ ଦେବା ପାଇଁ କିଛି କରୁନାହାଁନ୍ତି, ଯାହା କରୁଛନ୍ତି ରାଜନୀତି ପାଇଁ। ମମିତାଙ୍କୁ ହତ୍ୟା କରି ଗୋବିନ୍ଦ ଓ ଅନ୍ୟମାନେ ପୋତିଦେଇଛନ୍ତି, ମନ୍ତ୍ରୀଙ୍କ ସଂପୃକ୍ତିର କୌଣସି ପ୍ରମାଣ ନାହିଁ। ବିରୋଧୀ ଖାଲି ତୁଚ୍ଛାରେ ଡେଉଁଛି। ତଥ୍ୟ ଓ ସାକ୍ଷ ପ୍ରମାଣ ଥିଲେ ଦେବାକୁ କହିଛନ୍ତି ଦାମୋଦର ରାଉତ। କେବଳ ରାଜନୈତିକ ଫାଇଦା ପାଇଁ ବିରୋଧୀ କଂଗ୍ରେସ ଓ ବିଜେପି ଏଭଳି କରୁଥିବା ଦାମ କହିଛନ୍ତି। ମମିତାଙ୍କୁ ନ୍ୟାୟ ଦେବାକୁ ବିରୋଧୀଙ୍କ ଆନ୍ତରିକତା ନାହିଁ। ବିଜେପିର ଆଭିମୁଖ୍ୟ ହେଉଛି ଏହି ଘଟଣାକୁ ଆଳ କରି ରାଜନୈତିକ ଫାଇଦା ଉଠାଇବା। ବିଜେପି ଅଧ୍ୟକ୍ଷ ଯଦି ଏଠାକୁ କମିଟି ପଠାଉଛନ୍ତି ୟୁପି ଲକ୍ଷ୍ମୀପୁର ଖେରିକୁ କାହିଁକି ନୁହେଁ ବୋଲି ପ୍ରଶ୍ନ କରୁଛନ୍ତି ଦାମ। ବାରମ୍ବାର ମମତାଙ୍କ ଘରକୁ ଯାଇ ବିଜେପି ଡ୍ରାମା କରୁଥିବା ବେଳେ ପରିବାର ଲୋକେ କଷ୍ଟ ପାଉଛନ୍ତି। ଏସବୁ ନାପସନ୍ଦ କରିଛନ୍ତି ବରିଷ୍ଠ ନେତା ଦାମୋଦର ରାଉତ।

## ରାଜ୍ୟରେ ୧ନଂ ଜିଲ୍ଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଖୋର୍ଦ୍ଧା କଲେକ୍ଟର

# ଜନତା ମାଲିକ, ଆମେ ସେବକ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସ୍ମାର୍ଟ ହେବ ଜିଲ୍ଲା ବ୍ୟାପୀ ସମସ୍ତ ଜିଲ୍ଲାୟାରୀ ଦପ୍ତର। ପଞ୍ଚାୟତ ରାଜସ୍ୱ ନୀରିକ୍ଷକ, ବ୍ଲକ୍ ତହସିଲ୍ ଠାରୁ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟଗୁଡିକରେ ପ୍ରଯୁକ୍ତିବିଦ୍ୟାର ବହୁଳ ବ୍ୟବହାର ହେବ। ବ୍ୟାପକ କରିବାକୁ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ପାଇଁ ତାଲିମ ପ୍ରଦାନ ହେବ। ଏଥର କୌଣସି ସରକାରୀ ଫାଇଲ୍ କାମ୍ କାଗଜ-କଲମରେ ଚଳିବ ନାହିଁ। ନୂତନ ଜିଲ୍ଲାପାଳ ଭାବେ ଶ୍ରୀ ମହାପାତ୍ର ଦାୟିତ୍ୱ ଗ୍ରହଣ କରିବା ଅବସରରେ ଗଣମାଧ୍ୟମକୁ ଏହା କହିଛନ୍ତି। ଟେକ୍‌ନୋଲୋଜି ଦ୍ୱାରା କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ଓ ସରକାରୀ କାର୍ଯ୍ୟ ତ୍ୱରାନ୍ୱିତ ଓ ଏହାର ସୁଫଳ ଜନସାଧାରଣ ପାଇବେ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଅଳ୍ପ ସମୟରେ ଲୋକଙ୍କ ସମସ୍ୟା ସମାଧାନ ସହ ସେବା ଯୋଗାଇବାରେ ଏହା ବେସ୍ ବେସ୍ ସହାୟକ ହେବ ବୋଲି ପ୍ରକାଶ କରିଥିଲେ। ଦୁର୍ନୀତିକୁ କୌଣସି ପରିସ୍ଥିତିରେ ପ୍ରସୟ ଦେବା ପ୍ରଶ୍ନ ଉଠୁନି। ବରଂ "ମୋ ସରକାର" ଅଧିନରେ କାର୍ଯ୍ୟରତ ଅଧିକାରୀମାନେ ଜାଣିବା ଆବଶ୍ୟକ ସରକାରୀ ଦପ୍ତର ମାଲିକ ଜନତା, ଆମେ ତାଙ୍କର ସେବକ। ତେଣୁ କୌଣସି କର୍ମଚାରୀ ଦାୟିତ୍ୱରେ ଅବହେଳା କଲେ ତାଙ୍କ



ଉପରେ କାର୍ଯ୍ୟାନୁଷ୍ଠାନ ହେବା ନିଶ୍ଚିତ ବୋଲି ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଖଣି ଚୋରି ଜିଲ୍ଲାର ଦୀର୍ଘ ଦିନର ସମସ୍ୟା, ତେଣୁ ଚୋରି ରୋକିବାକୁ ଆଇନ୍‌ଗତ ଦିଗକୁ ନେଇ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଥିଲେ। ଡ୍ରଗ୍ସ କାରବାର ପ୍ରସଙ୍ଗରେ ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ଏସ୍‌ପି ଓ ଅବକାରୀ ବିଭାଗ ସହ ଆଲୋଚନା ପରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ। ସ୍ୱାସ୍ଥ୍ୟସେବା, ଗମନାଗମନ, ଶିକ୍ଷା କ୍ଷେତ୍ରରେ ପ୍ରାଥମିକତା ଦିଆଯିବ। ଗୁଣାତ୍ମକ ଶିକ୍ଷାର ବିକାଶ (ପୃଷ୍ଠା ୨)

# ନାବାଳିକାକୁ ଦେଖି ନିଜକୁ ନିୟନ୍ତ୍ରଣ କରିପାରିଲେନି ୭୪ ବର୍ଷୀୟ ବୃଦ୍ଧ, ଦୋକାନରେ ହିଁ କରି ଦେଲେ ଦୁଷ୍କର୍ମ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କେରଳରେ ମାନବିକତାର ସବୁ ସୀମା ପାର୍ କରିଦେଲା ଭଳି ଏକ ଘଟଣା ସାମ୍ନାକୁ ଆସିଛି । ଘଟଣା ଏମିତି ଯେ ଶେଷରେ ୍ ଜଣେ ବାପା ଆତ୍ମହତ୍ୟା କରିବାକୁ ଚରମ ନିଷ୍ପତ୍ତି ନେଇଛନ୍ତି । ଘଟଣା ଯେତିକି ଆଶ୍ଚର୍ଯ୍ୟଜନକ, ସେତିକ ହୃଦୟବିଦାରକ ମଂଧ । କେରଳ କୋଟ୍ଟାୟମ୍ ଜିଲ୍ଲାରେ ଜଣେ ବୃଦ୍ଧ ନିଜ ନାତୁଣୀ ସମାନ ନାବାଳିକା ଝିଅକୁ ଅମାନବିକ ଭାବେ ଦୁଷ୍କର୍ମ କରିଛନ୍ତି । ଆଉ ଏହି ଘଟଣା ଝିଅର ବାପାକୁ ଏତେ ଆଘାତ ଦେଇଥିଲା । ଯେ ଶେଷରେ ସେ ଜୀବନ ହାରି ଦେବାକୁ ଚରମ ନିଷ୍ପତ୍ତି ନେଇଥିଲେ । ଗତକାଲି ହିଁ ପୀଡିତା ନାବାଳିକାର ୪୨ ବର୍ଷୀୟ ବାପା ଆତ୍ମହତ୍ୟା କରିଥିବା ପୋଲିସ୍ ସୂଚନା ଦେଇଛି । ପୋଲିସର କହିବା ଅନୁସାରେ, ନାବାଳିକା ଝିଅର ବୟସ ୧୦ ବର୍ଷ । ବୃଦ୍ଧ ଜଣକ ତାଙ୍କ ସହିତ ଯେଉଁଳି ଦୁଷ୍କର୍ମ କରିଥିଲେ, ତାହା ତାର ବାପାଙ୍କୁ ଶକ୍ତ ଆଘାତ ପହଞ୍ଚାଇଥିଲା ଦୁଃଖ ଏବଂ ନରାଶର ବଶବର୍ତ୍ତୀ ହୋଇ ବାପା ଜଣକ ଆତ୍ମହତ୍ୟା କରିଛନ୍ତି । ଝିଅକୁ ଦୁଷ୍କର୍ମହୋଇଥବା ନେଇ ଜାଣିବା ପାରେ ସେ ଏଭଳି ପଦକ୍ଷେପ ନେଇଥିବା ଘଟଣାରୁ ସ୍ପଷ୍ଟ ରୂପେ ଜଣାପଡୁଛି । ପୀଡିତାଙ୍କ ବାପାଙ୍କ ମୃତଦେହ ତାଙ୍କ ଘର ନିକଟସ୍ଥ ଏକ କୋଠାରୁ ଝୁଲନ୍ତା ଅବସ୍ଥାରେ ସୋମବାର ଉଦ୍ଧାର କରାଯାଇଥିବା ପୋଲସି ସୂତ୍ରରୁ ଜଣାପଡିଛି । ସୂଚନା ଅନୁଯାୟ, ଏହି ଘଟଣାରେ ୭୪ ବର୍ଷୀୟ ଅଭିଯୁକ୍ତ ବୃଦ୍ଧଙ୍କୁ ପୋଲସି ଗରିଫ କରି ନେଇଛି । ବର୍ତ୍ତମାନ ସେ ପୋଲସି ହେପାଜତରେ ଅଛନ୍ତୁ । ଅଭିଯୁକ୍ତଙ୍କର କରୁଛି ଅଞ୍ଚଳ ରେ ଏକ ଦୋକାନ ଅଛି। ନାବାଳିକା ଜଣକ ଯେତେବେଳେ ତାଙ୍କ ଦୋକାନକୁ କିଛି ଜିନିଷ କିଣିବାକୁ ଯାଇଥିଲେ, ସେହି ସମୟରେ ଅଭିଯୁକ୍ତ ଜଣକ ସୁଯୋଗ ଉଣ୍ଡି ନାବାଳିକାକୁ ଦୁଷ୍କର୍ମ କରିଥିଲେ । ସେପଟେ ପରିବାର ଲୋକଙ୍କ କହିବା ହେଲା, ଘଟଣା ପରେ ପରିବାରକୁ ବାସନ୍ଦ କରି ଦିଆଯିବା ହୁଏତ ଝିଅର ବାପାଙ୍କୁ ଗଭୀର ଆଘାତ ପହଞ୍ଚାଇଛି, ଯେଉଁ କାରଣରୁ ସେ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଅନୁମାନ କରାଯାଇଛି । ଏ ଘଟଣାରେ ପୋଲିସ ଏକ ଅପମୃତ୍ୟ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଛି ।

# ଜେଲରୁ ମୁକୁଳିଲେ ବି ଏହି ୧୦ କାମ କରିପାରିବେନି ଆର୍ୟନ, ସର୍ତ୍ତ ରଖିଛନ୍ତି କୋର୍ଟ



**ମୁମ୍ବାଇ(ସଂପର୍କବାର୍ତ୍ତା):-** କ୍ରୁଜ ଡ୍ରଗ୍ସ କେସ୍‌ରେ ଆର୍ୟନ ଖାନଙ୍କୁ ବମ୍ବେ ହାଇକୋର୍ଟ ଗୁରୁବାର ଜାମିନ ମଞ୍ଜୁର କରିଛନ୍ତି । ତାଙ୍କ ସହ ମାମଲାରେ ଗିରଫ ଅନ୍ୟ ୨ ଅଭିଯୁକ୍ତ ମୁନ୍‌ମୁନ୍ ଧମେଚା ଓ ଅର୍ବାଜ ମର୍ଚେଣ୍ଟଙ୍କୁ ମଧ୍ୟ ଜାମିନ ମିଳି ଯାଇଛ । ହେଲେ କୋର୍ଟ ନଗଦ ଅଥଦା ମୁଚାଲିକାରେ ଜାମିନ ଦେବେ ତାର ନିଷ୍ପତ୍ତି ଶୁକ୍ରବାର ହେବ । ତେବେ ପକ୍ଷଙ୍କ ଓକିଲ ନଗଦ ଜାମିନ ଲାଗ କୋର୍ଟଙ୍କୁ ନିବେଦନ କରିଥିବା ଜଣାପଡିଛି । ଯାହା ବି ହେଉ ଆର୍ୟନଙ୍କ ଜାମିନ ଲାଗି କୋର୍ଟ କିଛି ସର୍ତ୍ତ ରଖିଛନ୍ତି ।ଜେଲରୁ ମୁକୁଳିଲା ପରେ ଯଦି ଆର୍ୟନ ସର୍ତ୍ତ ପାଳନ ନ କରନ୍ତି ହୁଏତ ତାଙ୍କ ଜାମିନ ଆଗକୁ ବାତିଲ ମଧ୍ୟ ହୋଇଯାଇପାରେ ।

କଣ ରହିବଛି ସର୍ତ୍ତ ?

ବମ୍ବେ ହାଇକୋର୍ଟ ଜାମିନ ମଞ୍ଜୁର ନିମନ୍ତେ ରଖିଥିବା ସର୍ତ୍ତରେ ଆର୍ୟନ ଜେଲରୁ ବାହାରିବା ପରେ ଏପରି କୌଣସି କାର୍ଯ୍ୟରେ ଲିପ୍ତ ହେବେନି ଯେଉଁ ଲାଗ ଏନସିବି ତାଙ୍କୁ ଗିରଫ କରିଥିଲା ଅର୍ଥାତ କୌଣସି ପ୍ରକାର ଏନଡିପିଏସ ଆଇନ ଅନ୍ତର୍ଗତ ଗତିବିଧିରେ ଜଡିତ ହେବେନି । ସେହିପରି ଜେଲରୁ ଫେରିବା ପରେ ସେ ଏପରି କୌଣସି ବ୍ୟକ୍ତିଙ୍କ ସହ ସମ୍ପର୍କ କରିପାରିବେନି ଯିଏ ପ୍ରତ୍ୟକ୍ଷ ଅଥବା ଅପ୍ରତ୍ୟକ୍ଷ ଭାବେ କ୍ରୁଜ ଡ୍ରଗ କେସ୍ ସାମିଲ ଅଛନ୍ତି । ସେହିପରି ଆର୍ୟନ ନିଜେ ଅଥବା କାହାଦ୍ୱାରା ମାମଲାରେ ସାମିଲ ଲୋକେ ଅଥବା ସାକ୍ଷଙ୍କୁ ପ୍ରଭାବିତ କରିବାରୁ ଉଦ୍ୟମ ନ କରନ୍ତି ।ଏହା ଛଡା ଜାମିନରେ ଥିବା ବେଳେ ସେ ବିଦେଶ ଯାଇପାରିବେନି ।ଏଣୁ ସ୍ପେଶାଲ କୋର୍ଟରେ ତାଙ୍କ ପାସପୋର୍ଟ ଜମା କରାଇବେ । ଗଣମାଧ୍ୟମ ସମ୍ମୁଖକୁ ଆସିବେନି ଆର୍ୟନ କୋର୍ଟ ତାଙ୍କ ସର୍ତ୍ତରେ ଆର୍ୟନଙ୍କ କୌଣସି ପ୍ରକାର ଗଣମାଧ୍ୟମ ବିବୃତ୍ତି ନେଇ ମଧ୍ୟ କଟକଣା ଲଗାଇଛନ୍ତି ।ଏପରି କୌଣସି ମଧ୍ୟମରେ ବୟାନବାଜୀ କରିବା, ମତାମତ ଦେବା ଅଥବା ବୟାନବାଜୀ କରିବା,ମତାମତା ଦେବା ଅଥବା ସୂଚନା ଦେବାର ତାଙ୍କର ଅଧିକାର ଉପରେ ରୋକ ଲଗାଇଛନ୍ତି । ଯଦି ସେ ଦେଶରୁ ବାହାରକୁ ଯିବାକୁ ଚାହିଁବେ ଏନଡିପିଏସ୍ ଅଥବା କୋର୍ଟଙ୍କ ଅନୁମତି ନେବେ । ସେହିପରି ଗ୍ରେଟର ମୁମ୍ବାଇରୁ ବାହାରକୁ ଯିବାକୁ ପଡିଲେ ସେ ଅଧିକାର ଅନୁମତି ନେବା ଜରୁରି । ସେତେବେଳେବି ଆବଶ୍ୟକତା ପଡିତ ଆର୍ୟନ ଏନସିବିରେ ହାଜର ହେବେ । କୋର୍ଟଙ୍କ ପ୍ରତ୍ୟେକ ଶୁଣାଣିରେ ତାଙ୍କୁ ବ୍ୟକ୍ତିଗତ ହାଜର ହେବାକୁ ହେବ। ଯଦି ସେପରି କୌଣସି ବଡ କାରଣ ନଥାଏ ସେ କୌଣସି ଶୁଣାଣିରେ ଯେପରି ଅନୁପସ୍ଥିତ ନ ରହନ୍ତି ସେ ନେଇ କୌଣସି ଶୁଣାଣିରେ ଯେପରି ଅନୁପସ୍ଥିତ ନ ରହନ୍ତି ସେ ନେଇ କୋର୍ଟ କଡା ତାଗିଦ କରିଛନ୍ତି। ଏହା ଛଡା ପ୍ରତି ଶୁକ୍ରବାର ପୂର୍ବାହ୍ନ ୧୧ଟାରୁ ୨ଟା ଏନସିବି ମୁମ୍ବାଇ କାର୍ଯ୍ୟାଳୟକୁ ଯାଇ ହାଜିରା ଦେବେ।

# ଯୌନ ସମ୍ବନ୍ଧ ରଖିବା ପାଇଁ ପାଗଳ ହୋଇଗଲା ଘଡିଆଳ କୁମ୍ଭୀର



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଅଷ୍ଟ୍ରେଲିଆ ରେ ଗୋଟଏ ଚିଡିଆଖାନାରେ ଘଡିଆଳ କୁମ୍ଭୀର ଯୌନ ସମ୍ବନ୍ଧ ରଖିବା ପାଇଁ ଏପରି ପାଗଳ ହୋଇଗଲା ଯେ ତାକୁ କାବୁ କରିବା ପାଇଁ ଚିଡିଆଖାନା କର୍ମଚାରୀଙ୍କର ଝାଳ ବାହାରି ପଡିଲା । ଯୌନ ସମ୍ବନ୍ଧ ପାଇଁ ଏହି ଘଡିଆଳି ଟି ଏପରି ପାଗଳ ହୋଇ ଯାଇଥିଲା ଯେ ତାଦ୍ୱାରା ଅନ୍ୟ ଜୀବଜନ୍ତୁଙ୍କୁ ମଧ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା ଏହି ଘଡିଆଳ ଟି ବେଳେବେଳେ ଚିଡିଆଖାନାର ଅନ୍ୟ ଜୀବଜନ୍ତୁ ମାନଙ୍କ ଜୀବନ ବିପଦ ଦେଖା ଦେଇଥିଲା। ଏହାପରେ ଚିଡିଆଖାନା ପ୍ରଶାସନ ପକ୍ଷରୁ କୁମ୍ଭୀର ଟିକୁ କାବୁ କରାଯାଇ ଚିଡିଆଖାନା ଜେଲ୍ ଭିତରକୁ ପଠା ଯାଇଥିଲା ଏହି ଘଡିଆଳ କୁମ୍ଭୀରର ଓଜନ ୩୫୦ କେଜ । ତାର ଲମ୍ବ ୪ ମିଟର ଅଟେ । ଏହି ଘଡିଆଳ ଟିକୁ କାବୁ କରିବା ପାଇଁ ଚିଡିଆଖାନା ର କର୍ମଚାରୀ ଙ୍କୁ କଠୋର ପରିଶ୍ରମ କରିବାକୁ ପଡିଥିଲା ଚିଡିଆଖାନ ର କର୍ମଚାରୀ ମାନେ ଏହାକୁ ପାଣି ଭିତରୁ ବାହାର କରି କୂଳକୁ ଆଣି ଦଉଡି ରେ ବାନ୍ଧି ଥିଲେ ଓ ଏହାପରେ ଗୋଟିଏ ଗାଡି ଉପରେ ଲଦି ଚିଡିଆଖାନା ର ଜେଲ୍ କୁ ନିଆଯାଇଥିଲା ମିଳିଥିବା ଖବର ଅନୁସାରେ ଘଡିଆଳଟି ଯେତେବେଳେ ସମ୍ବନ୍ଧ ରଖିବାକୁ ଅସମର୍ଥ ହେଉଥିଲା। ସେତେବେଳେ ସାଥୀ ଘଡିଆଳ ମାନଙ୍କ ଉତକ୍ଷିପ୍ତ ହୋଇ ମାରି ଦେଉଥିଲା ଏହି କାରଣରୁ ତାକୁ ସ୍ଥାନାନ୍ତର କାର ଯାଇଛି । ଚିଡିଆଖାନା ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ କିଛିଦିନ ପରେ ତାକୁ ପୁଣି ତାର ସାଥୀ ମାନଙ୍କ ଭିତରେ ଛଡା ଯିବ ।

# ଡାଇବେଟିସ୍‌ର ୧୨ଟି ଔଷଧ ହେଲା ଶସ୍ତା, ଦେଢ ଟଙ୍କାରେ ଟାବଲେଟ୍



**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଦେଶର ମୂଲ୍ୟ ନିୟାମକ ଏନପିପିଏ ସୋମବାର ଦିନ ଡାଇବେଟିସ୍ ଚିକିତ୍ସାରେ ବ୍ୟବହୃତ ହେଉଥିବା ଇ-୧୨ଟି ଜେନେରିକ୍ ମେଡିସିନ୍ ର ସର୍ବାଧିକ ମୂଲ୍ୟ ସ୍ଥିର କରିଛନ୍ତି । ଏହି ମେଡିସିନ୍ ମଧ୍ୟରେ ଗ୍ଲିମେପାଇରାଇଡ୍ ଟାବଲେଟ୍,ଗ୍ଲୁକୋଜ ଇନଫ୍ୟୁଜନ୍ ଏବଂ ଇନସୁଲିନ୍ ସଲ୍ୟୁଶନ୍ ସାମିଲ ରହିଛି । ଏନେଇ ଏନପିପିଏ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ଏନପପିଏ ସୂଚନା ଦେଇଛି ଯେ ଭାରତୀୟ ମାନେ ମଧୁମେହ ପରିରୋଗର କମ୍ ଦାମ୍ ରେ ଚିକିତ୍ସା ଯେପରି ପାଇପାରିବେ ତାକୁ ଆଖି ଆଗରେ ରଖି ମଧୁମେହରେ ବ୍ୟବହୃତ ହେଉଥିବା ୧୨ଟୋ ଔଷଧର ମୂଲ୍ୟ ସ୍ଥରି କରାଯାଇଛି ।ଏହା ଅନୁସାରେ ଗ୍ଲିମେପାଇରାଇଡ୍ ର ଏକ ଏମଜି ଟାବଲେଟ୍ ଯୁକ୍ତ ଗୋଟିଏ ଟାବଲେଟ୍ ର ମୂଲ୍ୟ ସର୍ବାଧିକ ଖୁଚୁରାର ମୂଲ୍ୟ ୩.୬ ଟଙ୍କା ହେବ । ୨୫ ପ୍ରତିଶତ ଶକ୍ତିର ଏକ ମିଲି ଗ୍ଲୁକୋଜ୍ ଇଞ୍ଜେକ୍ସନର ମୂଲ୍ୟ ୧୭ ପଇସା ସ୍ଥିର ହୋଇଥିବାବେଳେ ୪୦ଆଇୟୁ/ଏମ୍ଏଲ୍ ଶକ୍ତିର ଏକ ମିଲି ଇନସୁଲିନ୍ ଇଞ୍ଜେକ୍ସନର ମୂଲ୍ୟ ୧୫.୦୯ ଟଙ୍କା ସ୍ଥିର କରାଯାଇଛି । ସେହିଭଳି,୪୦ଆଇୟୁ/ଏମଏଲ୍ ଶକ୍ତିର ଏକ ମିଲି ଇନସୁଲିନ୍ ଇଞ୍ଜେକ୍ସନ୍‌ର ମୂଲ୍ୟ ୧୭ ପଇସା ସ୍ଥିର ହୋଇଥିବବେଳେ ୪୦ ଆଇୟୁ/ ଏମଏଲ୍ ଶକ୍ତିର ଏନପିଏଚ୍ ଇନସୁଲିନ୍ ଇଞ୍ଜେକ୍ସନର ମୂଲ୍ୟ ମଧ୍ୟ ୧୫.୦୯ ଟଙ୍କା ସ୍ଥିର କରାଯାଇଛି । ସେହିପରି ୫୦୦ଏମଜି ମେଟାଫର୍ମିନ୍ ଇମିଡିଏଟ୍ ରିଲିଜ୍‌ର ପ୍ରତି ଟାବଲେଟ୍ ର ମୂଲ୍ୟ ୩.୦୫ ଟଙ୍କା ସ୍ଥିର କରାଯାଇଛି ।

# ପ୍ରଧାନମନ୍ତ୍ରୀ ଦେଶର ଉର୍ଦ୍ଧ୍ୱରେ ନୁହଁନ୍ତି:ରାହୁଲ୍

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କିଏ ପେଗାସସ୍ ଆଣିଛି ? ଏହାଦ୍ୱାରା କେଉଁମାନଙ୍କୁ ଟାର୍ଗେଟ୍ କରାଯାଇଛି ? ଅନ୍ୟ କୌଣସି ଦେଶ ପାଖରେ ଆମ ଲୋକଙ୍କ ତଥ୍ୟ ଅଛି କି ? ତାଙ୍କ ପାଖରେ କେଉଁ ସବୁ ତଥ୍ୟ ଅଛି ? ଏସବୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ। ଏପରିକି ଯଦି ଏହି ତଥ୍ୟ ପ୍ରଧାନମନ୍ତ୍ରୀଙ୍କ ଡେସ୍କରେ ଥାଏ, ତେବେ ଏହା ଅପରାଧ ? ଆଉ ଆମେ ଏହା ବିରୋଧରେ ଲଢିବୁ। ପ୍ରଧାନମନ୍ତ୍ରୀ କଦାପି ଦେଶଠାରୁ ଉର୍ଦ୍ଧ୍ୱରେ ନୁହଁନ୍ତି। ପେଗାସସ୍ ମାମଲାରେ ତଦନ୍ତ ପାଇଁ ସୁପ୍ରିମ୍‌କୋର୍ଟ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେବା ପରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ସ୍ୱାଗତ କରିଛନ୍ତି।

ପେଗାସସ୍ ସ୍ପାଇୱେର ସଂପର୍କିତ ଗୁପ୍ତଚରଗିରି ମାମଲାର ତଦନ୍ତ କରିବା ପାଇଁ ସୁପ୍ରିମ୍‌କୋର୍ଟ ୩ ଜଣିଆ ବିଶେଷଜ୍ଞ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାର ଜାତୀୟ ସୁରକ୍ଷା ପ୍ରସଙ୍ଗ ଉଠାଉଥିବା ବେଳେ କୋର୍ଟ ଚୁପଚାପ ବଶିପାରିବ ନାହିଁ। ଗୋପନୀୟତା ପ୍ରତ୍ୟେକ ନାଗରିକଙ୍କ ଅଧିକାର ବୋଲି ସିଜେଆଇ ଏନ୍ ଭି ରମନାଙ୍କ ସମେତ ୩ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।



## ପ୍ରଥମ ପୃଷ୍ଠାରୁ...

### ବିରୋଧୀ...

**ତଦନ୍ତ ପ୍ରକ୍ରିୟାରେ ସନ୍ତୁଷ୍ଟ** ବୋଲି କହିବା ସତ୍ତ୍ୱେ ବିରୋଧୀ ଆଉ କି ପ୍ରକାର ତଦନ୍ତ ଚାହାଁନ୍ତି ବୋଲି ଆଇନଜୀବୀ ପ୍ରଶ୍ନ କରୁଛନ୍ତି। ମମିତା ହତ୍ୟାକାଣ୍ଡରେ ମର୍ମାହତ ମେହେର କୂଳ। ବିରୋଧୀଙ୍କ ଆଭିମୁଖ୍ୟ ନେଇ ପ୍ରଶ୍ନ ଉଠାଇଲେ ବୁଣାକାର ସଂପ୍ରଦାୟ। ତଦନ୍ତ ଆଳରେ ଚରିତ୍ର ସଂହାର ନ କରିବାକୁ ନିବେଦନ। **ଶବ ଉପରେ ପଲିଟିକାଲ୍ ମାଇଲେଜ୍ ନିହାତି ଶସ୍ତା।** କଳାହାଣ୍ଡି ମହାଲିଙ୍ଗର ସନ୍‌ସାଇନ୍ ସ୍କୁଲ୍ ଅଧକ୍ଷାଙ୍କ ହତ୍ୟାକାଣ୍ଡରେ ପୋଲିସ୍ ଅଭିଯୁକ୍ତଙ୍କୁ ଧରିଛି। ଅଭିଯୁକ୍ତକୁ ବିଚାର କରି ଦଣ୍ଡବିଧାନ କରିବ ଅଦାଲତ। ହେଲେ ବିରୋଧୀ ଯେପରି ପ୍ରତିଦିନ ଅସହାୟ ପରିବାରକୁ ଭେଟିବା ଆଳରେ ପଲିଟିକାଲ୍ ଷ୍ଟଣ୍ଟ୍ କରୁଛନ୍ତି ତାକୁ ନେଇ କ୍ଷୁବ୍ଧ କଳାହାଣ୍ଡି ଓ ବଲାଙ୍ଗୀରବାସୀ। ତଦନ୍ତ ବାହାନାରେ ବିରୋଧୀ ପୁରା ସଂପ୍ରଦାୟର ଚରିତ୍ର ସଂହାର କରୁଥିବା ଅଭିଯୋଗ କରୁଛନ୍ତି ପଶ୍ଚିମ ଓଡ଼ିଶା ମେହେର ସଂପ୍ରଦାୟ। ପୋଲିସ୍ ତଦନ୍ତ ସଠିକ୍ ଦିଗରେ ଅଛି ବୋଲି ବାପା କହିବା ପରେ ବି ପଲିଟିକାଲ୍ ଟୁରିଜିମ୍‌ରୁ ଓହ୍ଲାଉନାହାଁନ୍ତି ବିରୋଧୀ।

ଗୋବିନ୍ଦ ସାହୁଙ୍କ ବିରୋଧରେ କଠୋର ଦଣ୍ଡ ଦାବି କରିଥିବା ମେହେର ସଂପ୍ରଦାୟ ବଦନାମ ରାଜନୀତି ନ କରିବାକୁ ବିରୋଧୀଙ୍କୁ ନିବେଦନ କରିଛନ୍ତି। ଗୋବିନ୍ଦ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରିଛି ପୋଲିସ୍। ରିମାଣ୍ଡରେ ବି ସତ ଉଗାଳିଲା। ଆବଶ୍ୟକ ପଡିଲେ ପୁଣି ରିମାଣ୍ଡରେ ଆସିପାରନ୍ତି। ଏହା ହେଉଛି ତଦନ୍ତ ପ୍ରକ୍ରିୟା। ଯାହାକୁ ଖୋଲା ହୃଦୟରେ ସ୍ୱାଗତ କରିଛନ୍ତି ମୃତ ମମିତାଙ୍କ ବାପା। ହେଲେ ବିରୋଧୀ ବାରମ୍ବାର ମମିତାଙ୍କ ପରିବାକୁ ଭେଟି ରାଜନୈତିକ ଗ୍ରୀଲିଂ କରୁଥିବାକୁ ବଲାଙ୍ଗୀର ଓ କଳାହାଣ୍ଡି ଆଇନଜୀବୀମାନେ ନାପସନ୍ଦ କରୁଛନ୍ତି। ବିରୋଧୀଙ୍କ ଦାବି ଅନୁସାରେ ଗୃହରାଷ୍ଟ୍ରମନ୍ତ୍ରୀ ବିବୃତ୍ତି ରଖିଲେ। ହେଲେ ବିରୋଧୀ ତା ଉର୍ଦ୍ଧ୍ୱରେ କି ତଦନ୍ତ ଦାବି କରୁଛନ୍ତି ବୋଲି ପ୍ରଶ୍ନ କରୁଛନ୍ତି। **ରାଜ୍ୟ ବିକାଶ ଦେଖି ବିରୋଧୀ ଜଳକା।** ପଞ୍ଚାୟତ ନିର୍ବାଚନରେ ଗାଁ ଗାଁରେ କି ପ୍ରସଙ୍ଗ କରିବେ? **ଜ୍ୱର ବାଉଳାରେ ତାଡିଆ କାମୁଡିବା** ପରି ବିରୋଧୀ ଏବେ ମମତାଙ୍କ ମୃତ୍ୟୁ ହିଁ ମୁଦ୍ଦା ବୋଲି ଧରିନେଲେଣି। ହେଲେ ଅତିରୁ ଇତି ଭଳି ଏବେ ବିରୋଧୀଙ୍କ ପାଇଁ ଏହା ବୁମେରାଂ ହୋଇଛି।

### ବିଜେପି...

କରୁନାହାଁନ୍ତି ସାଧାରଣ ଜନତା। ବିକ୍ଷୋଭରେ ଲୋକଙ୍କୁ ଏକାଠି କରିବାକୁ ବିଜେପିକୁ ମିଳୁନାହାଁନ୍ତି ଲୋକ। ଟଙ୍କା ଦେଇ ଲୋକଙ୍କୁ ବିକ୍ଷୋଭରେ କରୁଛନ୍ତି ସାମିଲ୍। ବିଜେପିର ଏହି ଟଙ୍କା ବଣ୍ଟା ଧରାପଡିଚି କ୍ୟାମେରାରେ।

ଖୋର୍ଦ୍ଧା-ବଲାଙ୍ଗୀରର ୯୭ନଂ ଜାତୀୟ ରାଜପଥରେ ବିଜେପି କର୍ମୀ ବିକ୍ଷୋଭ ପାଇଁ ଆଣିଥିବା ଲୋକଙ୍କୁ ଟଙ୍କା ବାଣ୍ଟୁଥିବାର ଭିଡିଓ ହେଇଛି ଭାଇରାଲ୍। ବିକ୍ଷୋଭ ପ୍ରଦର୍ଶନ ପାଇଁ ଦଳୀୟ କର୍ମୀ ଯଥେଷ୍ଟ ହେଉନଥିବାରୁ ଟଙ୍କା ପଇସା ଦେଇ ବିଭିନ୍ନ ଲୋକଙ୍କୁ ବିକ୍ଷୋଭରେ ସାମିଲ୍ କରାଉଛି। ବିକ୍ଷୋଭରେ ସାମିଲ୍ ହେଉଥିବା ଲୋକ କେଉଁଥି ପାଇଁ ବିକ୍ଷୋଭ କରାଯାଉଛି ତାହା ଜାଣନ୍ତି ନାହିଁ। କେବଳ ଟଙ୍କା ପାଇଁ କିଛି ଲୋକ ବିକ୍ଷୋଭରେ ସାମିଲ୍ ହେଉଛନ୍ତି। ବିଜେପିର ଏହି ବିକ୍ଷୋଭ ଓ ମାଇଲେଜ୍ ରାଜନୀତିକୁ ସାଧାରଣରେ ନିନ୍ଦା କରାଯାଉଛି। ମମତା ମାମଲାର ମୁଖ୍ୟ ଅଭିଯୁକ୍ତ ଏବଂ ସହଯୋଗୀ ଗିରଫ ହୋଇସାରିଲେଣି। ତଥାପି ବିଜେପିର ଏଭଳି ବିକ୍ଷୋଭ କେବଳ ଗୁଣ୍ଡାଗର୍ଦ୍ଦି ସମସ୍ତଙ୍କୁ ଚକ୍ତିତ କରିଛି। ଏପରିକି କିଛି ସ୍ଥାନରେ ବିକ୍ଷୋଭକାରୀମାନେ ଆମ୍ବୁଲାନ୍ସକୁ ମଧ ଛାଡୁନଥିବା ସମସ୍ତଙ୍କୁ ବ୍ୟଥିତ କରିଛି। ସେହିପରି ଜଗତସିଂହପୁର ଡାକବଙ୍ଗଳା ଛକରେ ବିଜେପି ରାସ୍ତାରୋକ କରିଥିଲା। ଏହି ସମୟରେ ପ୍ରମିଳା ସାହୁ ନାମକ ଜଣକ ବୃଦ୍ଧା ଏକ ଅଟୋରେ ମେଡିକାଲ୍ ଯାଉଥିଲେ। ତାଙ୍କ ମୁଣ୍ଡ ବୁଲାଇ ପକାଇବାରୁ ପ୍ରେସ୍‌କ୍ରିପ୍‌ସନ୍ ଧରି ଯାଉଥିବା ବେଳେ ଡାକବଙ୍ଗଳା ଛକରେ ରାସ୍ତାରୋକ କରୁଥିବା ବିଜେପି କର୍ମୀ ତାଙ୍କ ବାଟ ଉଗାଳିଥିଲେ। ଜଗତସିଂହପୁର ଜିଲ୍ଲା ବିଜେପି ସଭାପତି ମଧ ସେଠାରେ ଉପସ୍ଥିତ ରହି ନୀରବଦ୍ରଷ୍ଟା ସାଜିଥିଲେ ବୋଲି ଅଭିଯୋଗ ହେଉଛି।

### ଜନତା...

କ୍ଷେତ୍ରରେ ବିଦ୍ୟାଳୟ ରୂପାନ୍ତର ଲୋକାଭିମୁଖୀ କାର୍ଯ୍ୟକ୍ରମ ହୋଇଥିବା ସେ ପ୍ରକାଶ କରିଥିଲେ। ଏହାକୁ ସେ ପ୍ରାଥମିକତା ଦେବେ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି କ୍ଷେତ୍ରରେ ଡାକ୍ତର ରାଜ୍ୟସ୍ତରୀୟ ସମସ୍ୟା। ତଥାପି ଏ କ୍ଷେତ୍ରରେ ଉପୁଜୁଥିବା ସମସ୍ୟାର ସମାଧାନ ସେ ସ୍ୱାସ୍ଥ୍ୟ ଅଧିକାରୀ ସହ ଆଲୋଚନା କରି ସମାଧାନର ପ୍ରତିଶ୍ରୁତି ଦେଇଥିଲେ।

ମହାପ୍ରଭୁ ଜଗନ୍ନାଥଙ୍କ ଜମି ପ୍ରସଙ୍ଗରେ ଜିଲ୍ଲାପାଳ କହିଥିଲେ ଯେ, ଜଗନ୍ନାଥ ହେଉଛନ୍ତି ଏ ଜାତିର ଆରାଧ୍ୟ ଦେବତା, ତାଙ୍କ ଜମିର ସୁରକ୍ଷା ଦାୟିତ୍ୱ ଆମର। ତେଣୁ ଆଇନ୍‌ଗତ ଦିଗକୁ ବିଚାର କରି ମହାପ୍ରଭୁ ଜଗନ୍ନାଥଙ୍କର ଖଣିଖାଦାନ ସୁରକ୍ଷା କରାଯିବ। ଜବରଦଖଲ ପ୍ରସଙ୍ଗରେ ଶ୍ରୀ ମହାପାତ୍ର କହିଲେ ଯେ, ଜନସଂଖ୍ୟା ବୃଦ୍ଧି ହେଉଛି ଜବରଦଖଲର ଏକ ପ୍ରମୁଖ କାରଣ। ଏହା ଉପରେ ବହୁ ଲୋକଙ୍କ ଜୀବୀକା ନିର୍ଭର କରିଥାଏ। ତେଣୁ ଆଇନ୍ ମଧ୍ୟରେ ତାଙ୍କ ପାଇଁ ଯେତିକି ଗୁରୁତ୍ୱପୂର୍ଣ୍ଣ ସେମାନଙ୍କ ଜୀବୀକା ମଧ ସେତିକି ମହତ୍ୱପୂର୍ଣ୍ଣ। କୌଣସି କାର୍ଯ୍ୟାଳୟର ସ୍ୱଚ୍ଛତା ଏବଂ ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ତାଙ୍କ ଫୋକସ୍‌ରେ ରହିବ। ଆଗାମୀ ପଞ୍ଚାୟତ ନିର୍ବାଚନକୁ ସ୍ୱଚ୍ଛ ଓ ନିରପେକ୍ଷ ଭାବେ ତୁଲାଇବାକୁ ସେ ଚେଷ୍ଟା କରିବେ ବୋଲି କହିଥିଲେ। ଜିଲ୍ଲାର ସମସ୍ତ ସରକାରୀ କର୍ମଚାରୀଙ୍କ ସଂପତ୍ତି ତାଲିକା ଜିଲ୍ଲା ପ୍ରଶାସନ ୱେବ୍‌ସାଇଟ୍‌ରେ ଉପଲବ୍ଧ ହେବ। ଏହାକୁ ଜନତା ଜାଣି ପାରିବେ। ଏକ ସାମ୍ବାଦିକ ସମ୍ମିଳନୀରେ ନୂତନ ଜିଲ୍ଲାପାଳ ଶ୍ରୀ ମହାପାତ୍ର ଏହି ସୂଚନା ଦେଇଛନ୍ତି। ସେ ତାଙ୍କ ସଂପତ୍ତି ତାଲିକାକୁ ଜିଲ୍ଲା ପୋର୍ଟାଲ୍‌ରେ ଅପ୍‌ଲୋଡ କରିବେ ବୋଲି କହିଛନ୍ତି। ଅନ୍ୟ ସରକାରୀ କର୍ମଚାରୀ ମଧ ପିଡିଏଫ୍ ଫର୍ମାଟ୍‌ରେ ଦାଖଲ କରିବେ। ତାକୁ ଏନ୍‌ଆଇସି ପକ୍ଷରୁ ଜିଲା ପୋର୍ଟାଲ୍‌ରେ ଅପ୍‌ଲୋଡ୍ କରାଯିବ। ଏହାଦ୍ୱାରା ସରକାରୀ ଦପ୍ତରରେ ଦୁର୍ନୀତି ରୋକିହେବ ଏବଂ ସରକାରୀ କର୍ମଚାରୀଙ୍କ ସ୍ୱଚ୍ଛତା ଉପରେ ଜନତାଙ୍କ ଭରଷା ହେବ ବୋଲି ଜିଲ୍ଲାପାଳ ଶ୍ରୀ ମହାପାତ୍ର କହିଥିଲେ।

# ଡ୍ରଗ୍ସ ଦୁଃଖ ଦୂର କରେ:କଂଗ୍ରେସ ସାଂସଦ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କୋର୍ଡିଲିଆ କ୍ରୁଜ୍ ଡ୍ରଗ୍ସ ମାମାଲାରେ ଶାହରୁଖ ଖାଁଙ୍କ ପୁଅ ଆର୍ଯ୍ୟାନ୍ ଖାଁ ଗିରଫ ହେବା ପରେ ଘଟଣା ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ଏପଟେ ମାମଲାର ତଦନ୍ତ କରୁଥିବା ଏନ୍‌ସିବି ଅଫିସର୍ ସମିର ୱାଙ୍କଡେ ମଧ ଲାଞ୍ଚ ଅଭିଯୋଗରେ ଫସିଥିବାରୁ ଘଟଣା ଏବେ ଅଲଗା ମୋଡ ନେଇଛି। ତାଙ୍କ ବିରୁଦ୍ଧରେ ତଦନ୍ତ ଆରମ୍ଭ ହୋଇଛି।



ଏହାରି ଭିତରେ ଡ୍ରଗ୍ସକୁ ସ୍ୱାସ୍ଥ୍ୟ ପକ୍ଷେ ହିତକର ବୋଲି କହିଛନ୍ତି ବରିଷ୍ଠ କଂଗ୍ରେସ ନେତା କେଟିଏସ୍ ତୁଳସୀ। ବରିଷ୍ଠ ଓକିଲ ତଥା ରାଜ୍ୟସଭା ସାଂସଦ ତୁଳସୀ କହିଛନ୍ତି ଯେ, ମଦ, ଗୁଟ୍‌ଖା ଓ ତମ୍ବାକୁ ଭଳି ସେବନ କରିବାକୁ ମଞ୍ଜୁର ଦେବା ଉଚିତ୍। ଡ୍ରଗ୍ସର ସନ୍ତୁଳିତ ବ୍ୟବହାର ଜୀବନ ପାଇଁ ଆବଶ୍ୟକ ବୋଲି ସେ କହିଛନ୍ତି।

ଏନ୍‌ସିଆଇକୁ ଦେଇଥିବା ପ୍ରତିକ୍ରୀୟାରେ ଶ୍ରୀ ତୁଳସୀ କହିଛନ୍ତି ଯେ- "ଡ୍ରଗ୍ସ ପ୍ରତ୍ୟେକ ଲୋକର ଜୀବନ ଅଂଶ ହୋଇଗଲାଣି। ଅନେକ ଘଟଣାରେ ଡ୍ରଗ୍ସ ଜୀବନରୁ ଦୁଃଖ ଦୂର କରିଥାଏ। ମଦ, ଦମ୍ବାକୁ ଓ ଗୁଟ୍‌ଖା ବି କ୍ଷତି ପହଞ୍ଚାଇଥାଏ। ଟଙ୍କା ନେଇ ଯଦି ଏହିସବୁ ସେବନ କରିବାକୁ ଅନୁମତି ଦିଆଯାଉଛି ତେବେ ଡ୍ରଗ୍ସକୁ କାହିଁକି ଦିଆଯିବ ନାହିଁ ?" ସେ ଆହୁରି ମଧ କହିଛନ୍ତି- "ଟ୍ୟାକ୍ସ ସଂଗ୍ରହ ପରେ ଡ୍ରଗ୍ସର ବ୍ୟବହାର କରିବାକୁ ଅନୁମତି ଦିଆଯାଉଛି। କେତେକ କ୍ଷେତ୍ରରେ ଡ୍ରଗ୍ସକୁ ଔଷଧ ଭଳି ବ୍ୟବହାର କରିବାକୁ ପଡିଥାଏ। ଯଦି ସତରେ ଏହାର ଆବଶ୍ୟକତା ପଡୁଛି ତେବେ ଏହାର ବ୍ୟବହାର ପାଇଁ କାହିଁକି ଅନୁମତି ଦିଆଯାଉ ନାହିଁ ?"

ସନ୍ତୁଳିତ ମାତ୍ରାରେ ଡ୍ରଗ୍ସର ବ୍ୟବହାର ସପକ୍ଷରେ ଯୁକ୍ତି ବାଢି ଶ୍ରୀ ତୁଳସୀ କହିଛନ୍ତି ଯେ ତାଙ୍କ ବିରୁଦ୍ଧରେ ଏନ୍‌ଡିପିଏସ୍ ଆକ୍ଟ ୧୯୮୫ରେ ସଂଶୋଧନ ହେବା ଆବଶ୍ୟକ। କାରଣ ଏଥିରେ ଅନେକ ଥର ଲୋକଙ୍କର ଶୋଷଣ କରାଯାଉଛି। କମ୍ କିମ୍ବା ଅଧିକ ମାତ୍ରାରେ ଡ୍ରଗ୍ସର ବ୍ୟବହାର କୁ ନେଇ ଏନ୍‌ଡିପିଏସ୍ ଆକ୍ଟର ଅନେକଥର ଦୁରୁପଯୋଗ ହେଉଛି। ତେଣୁ ଏହି ଆକ୍ଟରେ ସୁଧାର ଆଣିବା ନିହାତି ଆବଶ୍ୟକ ବୋଲି କଂଗ୍ରେସ ସାଂସଦ କହିଛନ୍ତି।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA ODIA WEEKLY

ନଭେମ୍ବର ୧ ରୁ ୭, ୨୦୨୧, ଜଗତସିଂହପୁର

November 1 to 7, 2021, Jagatsinghpur

www.samparkabarta.in




# କଟକ ମହାନଗର ନିଗମ ଅଫିସ୍‌ରେ ଟଙ୍କା ଅଛି, କାମ ହୋଇପାରୁନି

**କଟକ(ସଂପର୍କ ବାର୍ତ୍ତା):-** ଶାରଦୀୟ ପୂଜା ପୂର୍ବରୁ ସହରରେ ରାସ୍ତା ମରାମତି, ନାଳ ସଫେଇ ଓ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ କଟକ ମହାନଗର ନିଗମ (ସି.ଏମ୍.ସି.) ପକ୍ଷରୁ ୫୯ଟି ୱାର୍ଡକୁ ୧୦ ଲକ୍ଷ ଟଙ୍କା ଲେଖାଏ ଦିଆଯିବାକୁ ଘୋଷଣା କରାଯାଇଥିଲା । ଏହି କାମ ୱାର୍ଡ ଅଫିସରଙ୍କ ତତ୍ତ୍ୱାବଧାନରେ କଣ୍ଟ୍ରାକ୍ଟର କରିଥାନ୍ତେ । କାମ ପରେ ବିଲ୍ ପ୍ରସ୍ତୁତ କରି ସି.ଏମ୍.ସି.ରେ ଦାଖଲ ହୋଇଥିଲେ ଅର୍ଥ ମଂଜୁରର ବ୍ୟବସ୍ଥା ହୋଇଥିଲା । ମାତ୍ର ଅଧିକାଂଶ ୱାର୍ଡରେ କାମ ନ ହୋଇ ଉକ୍ତ ଟଙ୍କା ସି.ଏମ୍.ସି.ରେ ପଡି ରହିଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ତୁରନ୍ତ ଏଥିପ୍ରତି ସି.ଏମ୍.ସି. କମିଶନର ଅନନ୍ୟା ଦାସ ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି ।

ସିଏମ୍.ସି.ର ସମସ୍ତ ୱାର୍ଡରେ ଲୋକମାନଙ୍କୁ ମୌଳିକ ସୁବିଧା ଯୋଗାଇବା ପାଇଁ କର୍ମଚାରୀଙ୍କଠାରୁ ଆରମ୍ଭ କରି ବହୁସଂଖ୍ୟକ ଅଧିକାରୀ ରହିଛନ୍ତି । ଏହାସତ୍ତ୍ୱେ ସହରବାସୀ ମୌଳିକ ସୁବିଧା ପାଇବାରୁ ବଂଚିତ ହେଉଛନ୍ତି । ପ୍ରତିବର୍ଷ ପୂଜା ପୂର୍ବରୁ ରାସ୍ତାଘାଟ ମରାମତି, ଆବର୍ଜନା ସଫା କରିବା, ରାସ୍ତାପାର୍ଶ୍ୱରେ ଆଲୋକୀକରଣ ଆଦି କାର୍ଯ୍ୟ କରିବାକୁ ସିଏମ୍‌ସି. ପକ୍ଷରୁ ବିଭିନ୍ନ ୱାର୍ଡ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟବରାଦ ହୋଇଥାଏ । ଉକ୍ତ କାମକୁ ସ୍ଥାନୀୟ ଜନ ପ୍ରତିନିଧିମାନେ କରିଥାନ୍ତି । ଚଳିତବର୍ଷ କାଉନ୍‌ସିଲ ନ ଥିବାରୁ ଲୋକ ପ୍ରତିନିଧି ନାହାନ୍ତି । ଫଳରେ ସିଏମ୍‌ସି କମିନର ଦାସ ପ୍ରତି ୱାର୍ଡରେ ବିଭିନ୍ନ କାର୍ଯ୍ୟ ପାଇଁ ୧୦ ଲକ୍ଷ ଲେଖାଏଁ ଘୋଷଣା କରିଥିଲେ । ତେବେ ଏହି ଘୋଷଣା ବେଳକୁ ପୂଜା ପାଖେଇ ଆସିଥିବାରୁ କାମ ଠିକ୍ ଭାବେ ହୋଇପାରିଲା ନାହିଁ । ପ୍ରତ୍ୟେକ ୱାର୍ଡ ଅଫିସର ପୂଜା କମିଟି ସହ ମିଶି କେଉଁ ସ୍ଥାନରେ କି କାମ ହେବ ତାହାର ତଦାରଖ କରିଥିଲେ । ପରେ ରିପୋର୍ଟ ପ୍ରସ୍ତୁତ କରି ବିଭାଗୀୟ ଅଧିକାରୀଙ୍କୁ ଦେଇଥିଲେ । ରିପୋର୍ଟ ପ୍ରସ୍ତୁତ ହୋଇ କାମ ଆରମ୍ଭ ହେବା ବେଳକୁ ପୂଜା ଆଉ ୨ ରୁ ୩ ଦିନ ରହିଥିଲା । ମାତ୍ର କେତେ ୱାର୍ଡରେ ରାସ୍ତାଘାଟ ସାମାନ୍ୟ ମରାମତି ସହ ଖରାପ ଥିବା ବିଜୁଳି ଆଲୋକ ସଜଡା ଯାଇଛି । ହେଲେ ଏହି କାମ କେବଳ ଧର୍ମକୁ ଆଖିଠାର ସଦୃଶ । ବାସ୍ତବ କ୍ଷେତ୍ରରେ ସହରର ଅନେକ ସ୍ଥାନରେ ରାସ୍ତା ଖାଲଖମା ହୋଇଛି । ଏଥିଯୋଗୁ ଦୁର୍ଘଟଣା ଘଟୁଛି । ସେହିପରି ନାଳ ଓ ଅଧିକାଂଶ ସ୍ଥାନରେ ଆବର୍ଜନା ସଫା କରା ନଯାଇ ଅର୍ଥ ପଡି ରହିଛି । ସିଏମ୍‌ସିର ୱାର୍ଡ ନଂ. ୩୧, ୩୨, ୩୩, ୩୪, ୩୫ ଓ ୪୦ ନଂ. ୱାର୍ଡ ଦାୟିତ୍ୱରେ ଥିବା ଜୁନିୟର ଇଂଜିନିୟର ବିପିନ ପ୍ରଧାନ କହିଛନ୍ତି ୩୪ନଂ. ମଲ୍ଲାସାହି ଓ ବାସୁଳି ସାହି ଅଂଚଳର ନାଳ ଗୁଡିକରେ ସ୍ଲାବ ପକାଯିବା ଓ ରାସ୍ତା ମରାମତି ପାଇଁ ପ୍ରାୟ ୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଛି । ସେହିପରି ୩୧, ୩୨, ୩୩, ୩୫ ଓ ୪୦ ନଂ. ୱାର୍ଡରେ ପୂଜା ପୂର୍ବରୁ କାମ ଅଧା ସରିଥିବାବେଳେ ବାକିକାମ ଏବେ କରାଯାଉଛି ।

# ‘ପ୍ଲାଷ୍ଟିକମୁକ୍ତ ବିଦ୍ୟାଳୟ ପରିସର’ ଓ ଗ୍ରାମ ସଂପର୍କିତ ପ୍ରଶିକ୍ଷଣ ପ୍ରଦାନ

**ଜଗତସିଂହପୁର(ସଂପର୍କବାର୍ତ୍ତା):-** ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଇନସାଫ୍ ଓ ଜିଲ୍ଲା ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ପ୍ଲାଷ୍ଟିକ୍ ମୁକ୍ତ ବିଦ୍ୟାଳୟ ପରିସର ଓ ଗ୍ରାମ ସଂପର୍କିତ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସ୍ଥାନୀୟ ଜଗତସିଂହପୁର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟର ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି । ଇନ୍‌ସାଫର କାର୍ଯ୍ୟକାରୀ ସଭାପତି ବିଶିଷ୍ଟ ସାହିତ୍ୟିକ ତଥା ଶିକ୍ଷାବିତ୍ ମହେନ୍ଦ୍ର କୁମାର ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଓଡିଶାର ଉଚ୍ଚମାଧ୍ୟମିକ ଶିକ୍ଷାର ଯୁଗ୍ମ ନିର୍ଦ୍ଦେଶକ ସନାତନ ପଣ୍ଡା, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଶିକ୍ଷାଧିକାରୀ ଦ୍ୱୟପରେଶ କୁମାର ପାତ୍ର ଓ ରାଜଶ୍ରୀ ସାହୁ, ସମ୍ମାନନୀୟ ଅତିଥି ଭାବେ ନେହେରୁ ଯୁବକେନ୍ଦ୍ରର ଯୁବାଧିକାରୀ ନିଖିଲ କୋକୁଲା, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ, ଓ ରାମସାର ସଂଯୋଜକ ପଦରାଜ ଉମାକାନ୍ତ ନାୟକ ପ୍ରମୁଖ ଯୋଗଦେଇ ନିଜସ୍ୱ ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିବା ସହ ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିବା ଲାଗି ଆହ୍ୱାନ ଦେଇଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲାର ଆଠଟି ଯାକ ବ୍ଲକରୁ ମନୋନୀତ ହୋଇଥିବା ଇକୋ ବିଦ୍ୟାଳୟର ଦାୟୀତ୍ୱରେ ଥିବା ଶିକ୍ଷକ ଶିକ୍ଷୟିତ୍ରୀ, ନିଫା ଜଗତସିଂହପୁର ଶାଖାର କର୍ମକର୍ତ୍ତା ଓ ସାଧାରଣ ସଦସ୍ୟଗଣ, ନେହେରୁ ଯୁବକେନ୍ଦ୍ରର ସମସ୍ତ ସ୍ୱେଚ୍ଛାସେବୀଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତାମାନେ ଯୋଗଦେଇକିଭଳି ସଫଳଭାବେ କାର୍ଯ୍ୟକରିବେ ସେସଂପର୍କରେ ନିଜନିଜର ପ୍ରସ୍ତାବ ଉପସ୍ଥାପନ କରିଥିଲେ । ଶେଷରେ ଅନ୍ୟତମ ମାଷ୍ଟରଟ୍ରେନର ରୋହିତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସମସ୍ତ କାର୍ଯ୍ୟକୁ ଶରତ କୁମାର ପଣ୍ଡା ,ଶିଶିର କୁମାର ତ୍ରିପାଠୀ, ପ୍ରାଣନାଥ ମିଶ୍ର, ପ୍ରତାପକିଶୋର ମହାପାତ୍ର, ରାଜକିଶୋର ସାହୁ,ସ୍ମିତା ଦାସ, ତୁଳସୀପ୍ରସାଦ ମହାପାତ୍ର, ପ୍ରକାଶରଂଜନ ଦାଶ, ଅନୀଲ ଦାସ, ଚନ୍ଦନକୁମାର ସାହୁ ଏବଂ ନେହେରୁ ଯୁବକେନ୍ଦ୍ରର ସଂଯୋଜକ ପବିତ୍ରମୋହନ ସୁବୁଦ୍ଧି ପ୍ରମୁଖ ପରିଚାଳନା କରି ସହାୟତା କରିଥିଲେ ।

# ବିଜେପିର ମାଇଲେଜ୍ ପଲିଟିକ୍ସ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଉତ୍ତରପ୍ରଦେଶର ଖେରୀ ହେଉ କି ହାଥରସ୍ ଅପରାଧ ପରେ ଘଟଣାସ୍ଥଳରେ ବରୋଧୀ ଦଳକୁ ମିଳେନି ଏଣ୍ଟ୍ରି । ନା ପୀଡିତକୁ ନା ପୀଡିତାର ପରିବାରକୁ ଭେଟିବାକୁ ମିଳେ କାହାକୁ ଅନୁମତି । ଏପରିକି ଘଟଣାସ୍ଥଳକୁ ବି ବିରୋଧୀ ଦଳଙ୍କୁ ଯିବାକୁ ଅନୁମତି ମିଳେନି । ୧୪୪ ଧାରା ଲଙ୍ଘନର ସହ ଗଣମାଧ୍ୟମକୁ ମଧ୍ୟ ଯିବାକୁ ଦିଆଯାଏନି । ସେଇଥିପାଇଁ ମମିତାଙ୍କ ଗାଁକୁ ରଚାଜନୈତିକ ପର୍ଯ୍ୟଟନସ୍ଥଳରେ ପରିଣତ କରିଛି ବିଜେପି । ଦୁଇ ଦଫାରେ ବିଜେପି ନେତାମାନେ ମମିତାଙ୍କ ଘରକୁ ଯାଇ ବୁଲି ଆସିଲେଣି; ଆଜି ଆଉ ଦଳେ ନେତା ତାଙ୍କ ଘରକୁ ଯାଇଛନ୍ତି । ମମିତା



ପରିବାରକୁ ସମବେଦନା ନାଁରେ ନିଇତି ପଲିଟିକାଲ ଷ୍ଟଣ୍ଟ କରୁଛି ବିଜେପି । କ୍ରାଇମସ୍ପଟ ଓ ପରବାର ଫଟୋ ସେସନ୍ କରୁଛି ବିଜେପି ।ମମିତା ମୃତ୍ୟୁପରେ ପରିବାର ଆଖିରୁ ଲୁହ ଶୁଖୁନି , ହେଲେ ଘଟଣା ଅଂଚଳରେ ରାଜନୈତିକ ରୁଟି ସେକିବା ପାଇଁ ବିଜେପି ଖୁବ୍ ପ୍ରୟାସ କରୁଛି । ପରିବାରକୁ ନ୍ୟାୟ ନୁହେଁ ବଂର ନିଜ ରାଜନୈତିକ ଫାଇଦା ପାଇଁ ମମିତା ଘରକୁ ଛୁଟୁଛି ନେତାଙ୍କ ସୁଅ ।ମମିତା ହତ୍ୟାକାଣ୍ଡ ପ୍ରସଙ୍ଗରେ ବିଜେପି ଓ ବିରୋଧୀ ଦଳଗୁଡିକର ଆଭିମୁଖ୍ୟକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି ତାଙ୍କର ବାପା ।ଝିଅ ମୃତ୍ୟୁ ଦୁଃଖରେ ମ୍ରିୟମାଣ ବାପା ବିଜେପି ନେତାମାନଙ୍କ ତୁହାକୁ ତୁହା ଗସ୍ତ , ଅସରନ୍ତ ପ୍ରଶ୍ନବାଣରେ ଭାଙ୍ଗି ପଡିଛନ୍ତି ।ରାଜନୈତିକ ଦଳଗୁଡିକ ତାଙ୍କ ଘରକୁ ନ ଆସିବାକୁ ସେ ହାତଯୋଡି ଅନୁରୋଧ କରିଛନ୍ତି । ତଥାପି ବିଜେପି ଚେତୁନାହିଁ ; ସମବେଦନା ଆଳରେ ମମିତାଙ୍କ ପରିବାରକୁ ମାନସିକ ନିର୍ଯ୍ୟାତନା ଦେବା ଉଦ୍ୟମରୁ ବିରତ ହେଉନାହିଁ ।

# ନୂଆ ପୋଲିସ୍ ଡିଜି ନିଯୁକ୍ତି ପ୍ରକ୍ରିୟା ଆରମ୍ଭ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ନୂତନ ପୋଲିସ୍ ମହାନିର୍ଦ୍ଦେଶକ(ଡିଜିପି) ନିଯୁକ୍ତି ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଛି । ଓଡ଼ିଶା ସରକାର ଗୃହ ମନ୍ତ୍ରଣାଳୟକୁ ୧୪ଜଣ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ନାମ ତାଲିକା ପଠାଇଛନ୍ତି । ସାଧାରଣ ପ୍ରଶାସନ ବିଭାଗ ପଠାଇଥିବା ଉକ୍ତ ତାଲିକାକୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଚୂଡାନ୍ତ ଚୟନ ଲାଗି “ୟୁନିୟନ୍ ପବ୍ଲିକ୍ ସର୍ଭିସ୍ କମିଶନ(ୟୁପିଏସ୍‌ସି)”କୁ ପଠାଇବେ ବୋଲି ଜଣାପଡିଛି । ନଭେମ୍ବର ଶେଷ କିମ୍ବା ଡିସେମ୍ବର ପ୍ରଥମ ସପ୍ତାହରେ ୟୁପିଏସ୍‌ସି ଏହି ସଂକ୍ରାନ୍ତରେ ବୈଠକ କରିବେ ବୋଲି ବିଶେଷ ସୂତ୍ରରୁ ପ୍ରକାଶ ।

୨୦୧୯ ନଭେମ୍ବର ‘ଡିଜିପି’ ଭାବେ ନିଯୁକ୍ତି ପାଇଥିବା ୧୯୮୬ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଅଭୟଙ୍କ କାର୍ଯ୍ୟକାଳ ଚଳିତ ବର୍ଷ ଡିସେମ୍ବର ୧୩ରେ ଶେଷ ହେବ । ବିଶେଷ ସୂତ୍ରରୁ ପ୍ରାପ୍ତ ଅନୁସାରେ ଅକ୍ଟୋବର ୨୫ ତାରିଖ ଦିନ ସାଧାରଣ ପ୍ରଶାସନ ବିଭାଗ ତାଲିକା ପଠାଇଛି । ଏହି ତାଲିକାରେ ୧୯୮୬ ବ୍ୟାଚ୍‌ର ‘ଆଇପିଏସ୍’ ଅଧିକାରୀ ପ୍ରଦୀପ କପୁର ଏବଂ ବି.କେ.ଶର୍ମା, ୧୯୮୭ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ସୁନିଲ୍ କୁମାର ବଂଶସଲ୍, ୧୯୮୮ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଏମ୍. କେ. ଛାବ୍ରା, ସନ୍ତୋଷ କୁମାର ଉପାଧ୍ୟାୟ, ବିଜୟାନନ୍ଦ ଝା, ଅରୁଣ କୁମାର ରାୟ, ୧୯୮୯ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ପ୍ରାଣବିନ୍ଦୁ ଆଚାର୍ଯ୍ୟ, ଏମ୍.ଏ. ପ୍ରସାଦ, ବି. ରାଧିକା ଏବଂ ଏସ୍.ଏନ୍. ନରଓ୍ୱଣେଙ୍କ ନାମ ରହିଛି । ଏହା ବ୍ୟତିତ ୧୯୯୦ ବ୍ୟାଚ୍‌ର ଅଧିକାରୀ ୟା.ବି. ଖୁରାନିଆ, ସୁଧାଂଶୁ ଷଡଙ୍ଗୀ ଏବଂ ଅରୁଣ କୁମାର ଷଡଙ୍ଗୀଙ୍କ ନାମ ମଧ ଉକ୍ତ ତାଲିକାରେ ରହିଛି । ଚଳିତ ବର୍ଷ ନଭେମ୍ବରରେ ଚାକିରି ଶେଷ ହେଉଥିବାରୁ ୧୯୮୮ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ତଥା ଅଗ୍ନିଶମ ବିଭାଗର ମହାନିର୍ଦ୍ଦେଶକ ଏମ୍. ଅକ୍ଷୟଙ୍କ ନାମ ଏଥିରେ ଅନ୍ତର୍ଭୁକ୍ତ କରାଯାଇନାହିଁ ।

# ସାଇ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌କୁ ମିଳିଲା ‘ସ୍କୁଲ୍ ଅଫ୍ ଏମିନେନ୍ସ ଆୱାର୍ଡ’

**ଭୁବନେଶ୍ୱର/ଚନ୍ଦ୍ରଶେଖରପୁର(ସଂପର୍କବାର୍ତ୍ତା):-** ସାଇ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌କୁ ମିଳିଛି ସ୍କୁଲ୍ ଅଫ୍ ଏମିନେନ୍ସ ଆୱାର୍ଡ । ଏଜୁକେସନ୍ ୱାର୍ଲଡର A++ ସର୍ବୋଚ୍ଚ ସମ୍ମାନ ‘ସ୍କୁଲ୍ ଅଫ୍ ଏମିନେନ୍ସ ଆୱାର୍ଡ’ ୨୦୨୧-୨୨ ସାଇ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌କୁ ପ୍ରଦାନ କରାଯାଇଛି । ଦେଶର କୋଣ ଅନୁକୋଣରୁ ୭୧୬ଟି ସ୍କୁଲ୍ ଏହି ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ । ବେଙ୍ଗାଲୁରୁରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଇ ଇଣ୍ଟରନ୍ୟାସ୍‌ନାଲ୍ ଚେୟାର ପର୍ସନ୍ ଡଃ. ଶିଳ୍ପୀ ସାହୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି । ପୂର୍ବ ଭାରତର ଏକ ମାତ୍ର ସ୍କୁଲ୍ ଭାବେ ସାଇ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌କୁ ଏହି ସମ୍ମାନ ମିଳିଛି । ଭିତ୍ତିଭୂମି, ଶିକ୍ଷାଦାନ ଓ ମୂଲ୍ୟାଙ୍କନ, ଜାତୀୟ ଓ ଆନ୍ତର୍ଜାତିକ ସହଭାଗିତା କ୍ରୀଡା ଓ ସହପାଠ୍ୟକ୍ରମ ସାଙ୍ଗକୁ ପ୍ରଯୁକ୍ତି ବିଦ୍ୟା ଏକୀକରଣ ପରି ପାଞ୍ଚଟି ପାରାମିଟର ନେଇ ମୂଲ୍ୟାଙ୍କନ କରାଯାଇଥିଲା ।




ସାଇ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସହ ଦେଶରେ ମାତ୍ର ୩ଟି ସ୍କୁଲ୍ A++ ସର୍ବୋଚ୍ଚ ସମ୍ମାନ ‘ସ୍କୁଲ୍ ଅଫ୍ ଏମିନେନ୍ସ ଆୱାର୍ଡ’ ୨୦୨୧-୨୨ରେ ସମ୍ମାନୀତ ହୋଇଛନ୍ତି । ଏହି ସ୍କୁଲ୍‌ଗୁଡିକ ହେଲା ମୁମ୍ବାଇର ଧିରୁଭାଇ ଅମ୍ବାନୀ ସ୍କୁଲ୍, ଦିଲ୍ଲୀର ହେରିଟେଜି ସ୍କୁଲ୍ ଓ ବେଙ୍ଗାଲୁରୁ ଇଣ୍ଡସ୍ ଇଣ୍ଟାରନ୍ୟାସ୍‌ନ୍ୟାଲ୍ ସ୍କୁଲ୍ । ସାଇ ଇଣ୍ଟରନ୍ୟାସ୍‌ନାଲ୍ ଚେୟାରପର୍ସନ୍ ଡଃ. ଶିଳ୍ପୀ ସାହୁ ଏହି ଅବସରରେ କହିଛନ୍ତି ଯେ ଗତବର୍ଷ ସ୍କୁଲ୍‌କୁ ଦେଶର ଏକ ନମ୍ବର ମାନ୍ୟତା ମିଳିଥିବା ବେଳେ ଚଳିତ ବର୍ଷ ‘ସ୍କୁଲ୍ ଅଫ୍ ଏମିନେନ୍ସ ଆୱାର୍ଡ’ ଆମକୁ ଆଗକୁ ବଢିବାରେ ସହଯୋଗ କରିବ । ଗୁଣାତ୍ମକ ଓ ଉଚ୍ଚମାନର ଶିକ୍ଷା ପ୍ରଦାନ କରିବାର ଏହି ପ୍ରଚେଷ୍ଟା ଆଗାମୀ ଦିନରେ ଜାରି ରହିବ ବୋଲି କହିଛନ୍ତି ସାଇ ଇଣ୍ଟରନ୍ୟାସ୍‌ନାଲ୍ ଚେୟାରପର୍ସନ୍ ଡଃ. ଶିଳ୍ପୀ ସାହୁ ।

# ମନ୍ତ୍ରୀଙ୍କ ରାୟପୁର ଘରେ ପହଂଚିଲା ଓଟିଭି ଟିମ୍

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ମମିତା ମେହେର ହତ୍ୟାକାଣ୍ଡର ପ୍ରମୁଖ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଥିବା ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ରାୟପୁରସ୍ଥିତ ଘରେ ପହଂଚିଥିଲା ଓଟିଭି ଟିମ୍ । ରାୟପୁରରେ ଥିବା ଘରେ ହିଁ ଦିବ୍ୟଶଙ୍କର ଗୋବିନ୍ଦ ସାହୁ ଏବଂ ମମିତାଙ୍କ ମଧ୍ୟରେ ବୁଝାମଣା କରାଇବା ଲାଗି ଉଦ୍ୟମ କରିଥିଲେ ବୋଲି ଅଭିଯୋଗ କରିଥିଲେ ଦୁଇ ବରିଷ୍ଠ ରାଜନେତା ପ୍ରଥମେ ବରିଷ୍ଠ ବିଜେପି ନେତା ବିଜୟ ମହାପାତ୍ର ଏବଂ ଗତକାଲି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗକୁ ଉଠାଇଥିଲେ ।ଏପିରିକି ଏ ନେଇ ଡିଆଇଜି ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦେଇଥିଲେ ବି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ କରିଥିଲେ ନରସଂିହ । ତେବେ ଗୋବିନ୍ଦ ଏବଂ ମମିତାଙ୍କ ମଧ୍ୟରେ ଏମିତି କି ବିବାଦ ହୋଇଥିଲା ଯେ ଦିବ୍ୟଶଙ୍କରଙ୍କୁ ହସ୍ତକ୍ଷେପ କରି ବୁଝାମଣା କରିବାକୁ ପଡିଥିଲା ? ଏହା ଏବେ ବି ରହସ୍ୟ ଘେରରେ ରହିଛି । ତେବେ ତଦନ୍ତ ବେଳେ ପୋଲିସ ଏହି ଦିଗ ପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହୋଇଛି । ରାୟପୁର ସହରରେ ଥିବା କୁଲ୍ ହୋମ୍ ଆପାର୍ଟମେଣ୍ଟର ଇ-ବ୍ଲକରେ ଥିବା ଫ୍ଲାଟ୍ ନମ୍ବର ୨୦୩ ଦିବ୍ୟଶଙ୍କରଙ୍କ ନାଁରେ ରହିଛି । ସେପଟେ, ମମିତାଙ୍କ ପରିବାରକୁ ଭେଟିଲେ ବିଜେପି ନେତା ବଲାଙ୍ଗିର ଝରଣୀ ଗାଁକୁ ଯାଇ ମମିତାଙ୍କ ମାଆ, ବାପାଙ୍କ ସହ କଥା ହୋଇଛନ୍ତି ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ସଭାନେତ୍ରୀ ଭି. ଶ୍ରୀନିବାସନଙ୍କ ନେତୃତ୍ୱାଧୀନ ଟିମ୍ । ଏହାସହ ଓଡିଶାର କିଛି ବରିଷ୍ଠନେତା ମାନେ ଏଥିରେ ରହିଛନ୍ତି । ଭି.ଶ୍ରୀନିବାସନ, ସାଂସଦ ସୁନିତା ଦୁଗଲ, ବରିଷ୍ଠ ନେତ୍ରୀ ରୁପା ମିତ୍ରଙ୍କ ସହ ବରିଷ୍ଠ ନେତା ମାନେ ଏଥିରେ ରହିଛନ୍ତି । ହତ୍ୟା ମାମଲାରେ ଅଭିଯୁକ୍ତଙ୍କୁ କଡା ଦଣ୍ଡ ଦେବାକୁ ବିଜେପି ଦାବି କରିଛି । ଏହାସହ ପୀଡିତାଙ୍କ ପରିବାର ପାଇଁ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛନ୍ତି ।ଆଜି ଘଟଣା ଅନୁଧ୍ୟାନ ପରେ ଏନେଇ ସବିଶେଷ ରିପୋର୍ଟ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ଦେବ ଟିମ୍ ।

# ବିଶିଷ୍ଟ ଗାନ୍ଧିବାଦୀ ଏସ.ଏନ୍.ସୁବାରାଓଙ୍କ ବିୟୋଗରେ ଶୋକସଭା

**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ବର୍ଷିଆନ ସମାଜସେବୀ, ଗାନ୍ଧିବାଦୀ ଏସ.ଏନ୍. ସୁବାରାଓଙ୍କ ବିୟୋଗରେ ସ୍ଥାନୀୟ ନବୀନ କାଯର୍ୟାଳୟ ଠାରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ନବୀନର ସମ୍ପାଦକ ରବି ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ ଶୋକସଭାରେ ବରିଷ୍ଠ ଭେଷଜ ବିଶେଷଜ୍ଞ ତଥା ସମାଜସେବୀ ପ୍ରଫେସର ଡ଼ା. ପି.ସି. ସାହୁ, ବୈଜ୍ଞାନିକ ଡ଼ମ୍ବରୁଧର ସାହୁ, ପ୍ରଫେସର ମନ୍ମଥ ପାଢ଼ୀ, ଲୋକ ସେବକ ମଣ୍ଡଳ ଆଜୀବନ ସଦସ୍ୟ ରାଜେନ୍ଦ୍ର କୁମାର ଜେନା, ଶିକ୍ଷାବିତ କୃଷ୍ଣଚନ୍ଦ୍ର ତ୍ରିପାଠୀ, ସମାଜସେବୀ ଏସ. ପ୍ରକାଶ ଚନ୍ଦ୍ର ପାତ୍ର, ରାମକୃଷ୍ଣ ପାତ୍ର, କପିଳ ଚନ୍ଦ୍ର ମହାନ୍ତି, ସୁଶାନ୍ତ କର, ମାନସ ରଞ୍ଜନ ତ୍ରିପାଠୀ, ରଞ୍ଜନ କୁମାର ସାହୁ, ମଞ୍ଜୁ ରଥ, ପବିତ୍ର କୁମାର ଚୌଧୁରୀ, ରାଜ କୁମାର ରଥ ପ୍ରମୁଖ ଯୋଗଦେଇ ସୁବାରାଓଙ୍କ କର୍ମମୟ ଜୀବନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ସୁବାରାଓ ଚମ୍ବଲ ଉପତ୍ୟକାକୁ ଦସ୍ୟୁମାନଙ୍କ କବଳରୁ ମୁକ୍ତ କରିବା ଏବଂ ବିଶ୍ୱରେ ଶାନ୍ତି ସଦଭାବନା ପାଇଁ ତାଙ୍କର ଅହରହ ଉଦ୍ୟମ ଚିର ସ୍ମରଣୀୟ ହୋଇ ରହିବ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା । ସଭାପତି ଶ୍ରୀ ରଥ ତାଙ୍କ ଭାଷଣରେ ସୁବାରାଓଙ୍କୁ ମହାତ୍ମା ଗାନ୍ଧିଙ୍କ




ଦ୍ୱିତୀୟ ଅବତାର ବୋଲି ବର୍ଣ୍ଣନା କରି ବାବ୍ରି ମସଜିଦ୍ ଭଙ୍ଗ ଘଟଣା ଓ ଫୁଲବାଣୀରେ ସାମ୍ପ୍ରଦାୟିକ ଦଙ୍ଗା ପରବର୍ତ୍ତୀ ସମୟରେ ଦେଶରେ ସୌହାଦ୍ଦର୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ବୋଲି କହିଥିଲେ । ଏହି ଅବସରରେ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା ।

# ଜଗତସିଂହପୁର ଠାରେ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ଠାରେ ଶିଶୁପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ସମ୍ମନୀତ ଭାବରେ ଜିଲ୍ଲା ଶିଶୁ ସୁରକ୍ଷା କମିଟି ଜିଲ୍ଲା ବାଲ୍ୟ ବିବାହ ନିରୋଧ କମିଟି ଏବଂ ଜିଲ୍ଲା ଶିଶୁ ସୁକ୍ଷୋ ୟୁନିଟ୍‌ଓ ଜିଲ୍ଲା ଶିଶୁମଙ୍ଗଳ କମିଟିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ପାରୁଲ ପଟାଓ୍ୱରୀ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମରେ ପ୍ରକଳ୍ପ ନିର୍ଦ୍ଦେଶକ,ଅତିରକ୍ତ ଆରକ୍ଷୀ ଅଧିକ୍ଷକ,ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ,ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ,ଚାଇଲ୍ଡଲାଇନର କର୍ମଚାରୀ ଯୋଗଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କାହ୍ନୁଚରଣ ରାଉତସ୍ୱାଗତ ଭାଷଣ ଦେଇ ଏହି କାର୍ଯ୍ୟକ୍ରମ ର ଲକ୍ଷ ଓ ଉଦ୍ଦେଶ୍ୟସଂପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ ,ସେବା ଏବଂ ବିଧିବ୍ୟବସ୍ଥା ବିଷୟରେ ଆଲୋକପାତ କରିଥିଲେ । ବର୍ତ୍ତମାନ ଶିଶୁ ଯତ୍ନ ଅନୁଷ୍ଠାନରେ ୧୦୦ଜଣ ଯତ୍ନ ଓ ସୁରକ୍ଷା ଲୋଡୁଥିବା ଶିଶୁ କୁ ଆନୁଷ୍ଠାନିକ ସେବା ଏବଂ ୩୦ଜଣ ଶିଶୁଙ୍କୁ ସ୍ପନରସିପ୍




ସହାୟତା ମାସିକ ୨ହଜାର ;ଙ୍କା କରି ଯୋଗାଇ ଦିଆଯାଉଛି । ଏହାଛଡା ସବୁଜ ପଥ ଯୋଜନା,ବିଜୁ ଶିଶୁ ସୁରକ୍ଷା ଯୋଜନାରେ ମଧ ବିଭିନ୍ନ ସହାୟତା ଓ ସେବା ଯୋଗାଇ ଦିଆଯାଉଛି । କରୋନା ମହାମାରୀ ସମୟରେ ମୃତ୍ୟୁବରଣ କରିଥିବା ପ୍ରତିପୋଷଣ କରୁଥିବା ଅଭିବାବକଙ୍କର ମୃତ୍ୟୁ ହେଲେ ରାଜ୍ୟ ସରକାରଙ୍କ ଆର୍ଶିବାଦ ଯୋଜନାରେ ଅନାଥଶିଶୁ ମାନଙ୍କୁ ୨୫ଶହ ଟଙ୍କା ଏବଂ ଅଭିବାବକ ଶିଶୁ ମାନଙ୍କୁ ୧୫ଶହ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରାଯାଉଛି । ଏହି ଆର୍ଶିବାଦ ଯୋଜନାରେ ମୋଟ ୬ଶହ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଜିଲ୍ଲାପାଳ ଶିଶୁ ମାନଙ୍କର ସୁରକ୍ଷା ଓ ବିକାଶକୁ ସୁନିଶ୍ଚିତ କରବା ସହିତ ଶିଶୁ ସୁରକ୍ଷାରେ ନିୟମିତ ବୈଠକ ଏବଂ ଶିଶୁ ସୁରକ୍ଷା ସମ୍ବନ୍ଧୀୟସମସ୍ୟା ଗୁଡିକର ତ୍ୱରିତ ସମାଧାନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଆର୍ଶିବାଦ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ପିଲାମାନଙ୍କୁ ଜିଲ୍ଲାପାଳ ପରିଚୟପତ୍ର ,ପ୍ରମାଣପତ୍ର ଏବଂ ମୁଖ୍ୟମନ୍ତ୍ରୀଙ୍କ ର ବାର୍ତ୍ତା ପ୍ରଦାନ କରାଯାଇଥିଲା । ଶେଷରେ ସୁରକ୍ଷା ଅଧିକାରୀ ଜଗଦୀଶ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶିକ୍ଷା ଅଧିକାର୍ ଆଇନ୍ କେତେ ସଫଳ ?

କଥାରେ ଅଛି- ପେଟକୁ ଦାନା, ପିଠିକୁ କନା,ମୁଣ୍ଡ ଗୁଞ୍ଜିବାକୁ ବାସ,ରୋଗକୁ ଓଷ ଓ ପଢିବାକୁ ଦି'ଅକ୍ଷର ପାଠ ଜଣେ ନାଗରିକର ସର୍ବନିମ୍ନ ମୌଳିକ ଅଧିକାର। କିନ୍ତୁ କ୍ଷୋଭର ବିଷୟ ସ୍ୱାଧୀନତାର ୭୫ ବର୍ଷ ପରେ ବି ଆମ ଦେଶର ଭବିଷ୍ୟତ ନାଗରିକମାନଙ୍କୁ ଏସବୁ ମୌଳିକ ଅଧିକାର ଅଦ୍ୟାବଧି ମିଳିପାରି ନାହିଁ।ଏସବୁ ମଧ୍ୟରୁ ଶିକ୍ଷାର ଅଧିକାର ବେଶ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ମାତ୍ର ଶିକ୍ଷା କ୍ଷେତ୍ରରେ ଏବେବି ଆମେ ବହୁତ ପଛରେ। ଏପରିକି ସାମ୍ବିଧାନିକ ବିଧିବ୍ୟବସ୍ଥା,ଜାତୀୟ ଶିକ୍ଷାନୀତି, ନିରନ୍ତର ଶିକ୍ଷା, କଳାପଟା ଅଭିଯାନ, ଜିଲ୍ଲା ପ୍ରାଥମିକ ଶିକ୍ଷା ଓ ସର୍ବଶିକ୍ଷା ଅଭିଯାନ ଭଳି ଯୋଜନା ସତ୍ତ୍ୱେ ଭାରତ ନିରକ୍ଷର ଲୋକଙ୍କ ଭୂସ୍ୱର୍ଗ ପାଲଟିଛି କହିଲେ ଭୁଲ ହେବନାହିଁ । ସବୁଠୁ କ୍ଷୋଭର କଥା ଅଦ୍ୟାବଧି ଆମ ଦେଶରେ ପ୍ରାୟ ୯୨ ଲକ୍ଷ ଶିଶୁ ଶିକ୍ଷାଲାଭରୁ ବଞ୍ଚିତ । ଏମାନଙ୍କୁ ସ୍କୁଲକୁ ଆଣିବା ପାଇଁ ଏକ ଆଇନର ଅବଶ୍ୟକତା ଥିଲା । ଭାରତୀୟ ସମ୍ବିଧାନର ୮୬ତମ ସଂଶୋଧନରେ ଏକ ଧାରା ଯୋଗ କରାଯାଇ ୨୦୦୯ ମସିହାରୁ ଶିକ୍ଷାକୁ ମୌଳିକ ଅଧିକାର ପରିସରଭୁକ୍ତ କରାଯାଇଛି ଓ ଆମ ଦେଶ ତଥା ରାଜ୍ୟରେ ୨୦୧୦ ମସିହା ଏପ୍ରିଲ ପହିଲାରୁ ବହୁ ଚର୍ଚ୍ଚିତ ଏହି ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେଉଛି । ଶିକ୍ଷା ଅଧିକାର ଆଇନ ଲାଗୁହେବାର ୧୧ ବର୍ଷ ବିତିଯାଇଥିଲେ ମଧ୍ୟ ବିଭିନ୍ନ ରାଜ୍ୟରେ ଏହାର ସଫଳ ରୂପାୟନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାଜ୍ୟମାନଙ୍କରେ ଆବଶ୍ୟକୀୟ ଭିତ୍ତିଭୂମି ଓ ପାଣ୍ଠିର ଅଭାବ ଏହାର ପ୍ରଧାନ କାରଣ । ଏତତ୍ ବ୍ୟତୀତ ଏହି ଯୋଜନା କାର୍ଯ୍ୟକାରୀ ନ ହୋଇ ପାରିବା ପଛରେ ଅନେକ ପ୍ରତିବନ୍ଧକ ରହିଛି। ସେଗୁଡ଼ିକ ହେଲା : (୧) ଏହି ଯୋଜନା ପାଇଁ ୧.୭୧ ଲକ୍ଷ କୋଟି ଟଙ୍କା ଆବଶ୍ୟକ । (୨) ଦେଶରେ ବର୍ତ୍ତମାନ ୧୨ ଲକ୍ଷ ଶିକ୍ଷକ ଥିଲାବେଳେ ଆଉ ୫ ଲକ୍ଷ ଅଧିକ ଶିକ୍ଷକ ଆବଶ୍ୟକ । (୩) ଅଧିକାଂଶ ରାଜ୍ୟ ଏହି ଯୋଜନା ପାଇଁ ଅର୍ଥ ଖର୍ଚ୍ଚ କରିବାକୁ ଅରାଜି । (୪) ଏହା ବାବଦରେ କେନ୍ଦ୍ର ଓ ରାଜ୍ୟ ଅନୁପାତ କେତେ ହେବ ତାହା ଚୂଡାନ୍ତ ହୋଇପାରିନି । (୫) ସରକାର ୬ ରୁ ୧୪ ବର୍ଷ ମଧ୍ୟରେ ଥିବା ୯୨ ଲକ୍ଷ ଶିଶୁଙ୍କୁ କିପରି ଶିକ୍ଷା ଦେବେ କୌଣସି ନିର୍ଦ୍ଦିଷ୍ଟ ଉପାୟ ଖୋଜି ନାହାନ୍ତି । (୬) ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକ ୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବା ନେଇ ସେପରି ଅନୁକୂଳ ମନୋଭାବ ପ୍ରକାଶ କରିନାହାନ୍ତି।

ଶିକ୍ଷା ଅଧିକାର ଆଇନ ଆମ ରାଜ୍ୟରେ କାର୍ଯ୍ୟକାରୀ ହେବା ପରେ ଯେଉଁ ସବୁ ସମସ୍ୟା ଦେଖାଦେଇଛି ତାହା ଏଠାରେ ଆଲୋଚନା କରିବା ଯଥାର୍ଥ ମନେ ହୁଏ । ଏହି ଆଇନ ଅନୁସାରେ ରାଜ୍ୟରେ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ସ୍ତରରେ ଅତି କମ୍‌ରେ ୨ଲକ୍ଷ ୨୪ହଜାର ୩୩୦ ଜଣ ଶିକ୍ଷକଙ୍କର ଆବଶ୍ୟକତା ରହିଛି। ଅଛନ୍ତି ୧ ଲକ୍ଷ ୧୫ ହଜାର ୮୩୩ ଜଣ ନିୟମିତ ଶିକ୍ଷକ। ବଳକା ୧ଲକ୍ଷ ୮ ହଜାର ୪୯୭ ନିୟମିତ ଶିକ୍ଷକ ପଦବୀ ସ୍ଥାନରେ ରାଜ୍ୟ ସରକାର ୭୩ ହଜାର ୭୩୬ ଜଣ ଶିକ୍ଷା ସହାୟକ ଓ ଗଣ ଶିକ୍ଷକଙ୍କୁ ନେଇ ଶିକ୍ଷା ବ୍ୟବସ୍ଥା ଚଳାଇଛନ୍ତି। ଏବେବି ୩୪ହଜାର ୭୭୯ ଶିକ୍ଷକ ପଦବୀ ଖାଲି ପଡିଅଛି। ସବୁଠୁ ଆଶ୍ଚର୍ଯ୍ୟର କଥା ନିୟମିତ ଶିକ୍ଷକଙ୍କଠାରୁ ୩ ରୁ ୪ ଭାଗ କମ୍ ଦରମାରେ ଏହି ବର୍ଗର ଶିକ୍ଷକମାନେ କାର୍ଯ୍ୟ କରୁଛନ୍ତି। ଯାହାଫଳରେ ଶିକ୍ଷକମାନେ ସମାନ କାମ କରି ସମାନ ଦରମା ପାଇବାରୁ ବଞ୍ଚିତ ହେଉଛନ୍ତି। ଏହା ଶିକ୍ଷକମାନଙ୍କ ଭିତରେ ଜାତିଭେଦ ସୃଷ୍ଟି କରିବା ସହ ଗୁଣାତ୍ମକ ଶିକ୍ଷାରେ ବାଧକ ସାଜିଛି। ଗୋଟିଏ ପଟେ ସରକାର ଖାଲିଥିବା ହଜାର ହଜାର ଶିକ୍ଷକ ପଦବୀ ପୂରଣ କରିପାରୁନଥିବା ବେଳେ ଶିକ୍ଷା ଅଧିକାର ଆଇନ ଅନୁସାରେ ଅଧିକ ଶିକ୍ଷକ ନିଯୁକ୍ତି କଲେ ସେ ବାବଦ ଅଧିକ ଅର୍ଥ କିପରି ଭରଣା କରିବେ ତାହା ସରକାରଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ହୋଇ ରହିଛି। ଶିକ୍ଷା ଅଧିକାର ଆଇନର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ହେଲା, ସ୍କୁଲମାନଙ୍କରେ ତାଲିମପ୍ରାପ୍ତ ଶିକ୍ଷକ ରହିବେ । ତା'ନହେଲେ ସେମାନେ ଚାକିରି ହରାଇବେ । ଘରୋଇ ସି.ଟି ଓ ବି.ଏଡ୍ ଉଠିଯିବା ପରେ ସରକାରୀ ସ୍ତରରେ ଏସବୁ ଟ୍ରେନିଂ ପାଇଁ ଜିଲ୍ଲା ଭିତ୍ତିରେ ଯେତିକି ସ୍ଥାନ ରହିଛି ତାହା ପର୍ଯ୍ୟାପ୍ତ ନୁହେଁ । ଫଳରେ ଏତେ ସଂଖ୍ୟକ ତାଲିପ୍ରାପ୍ତ ଶିକ୍ଷକ ଆସିବେ କେଉଁଠୁ? ସବୁଠାରୁ ବଡକଥା ହେଲା ଏହି ଆଇନରେ କେନ୍ଦ୍ର ସରକାର ଶିଶୁ ଶ୍ରମିକମାନଙ୍କ ପାଇଁ କୌଣସି ନିର୍ଦ୍ଦିଷ୍ଟ ବ୍ୟବସ୍ଥା କରିନାହାନ୍ତି । ଆମ ଦେଶରେ ଏବେବି ୯୦ ଲକ୍ଷ ଶିଶୁ ଶ୍ରମିକ ପେଟପାଟଣା ପାଇଁ ବିପଜ୍ଜନକ କ୍ଷେତ୍ରରେ ଖଟୁଛନ୍ତି । ସେମାନଙ୍କ ଉପାର୍ଜନରେ ଦରିଦ୍ର ପରିବାର ମଧ୍ୟ ଚଳୁଛି । ଆମ ରାଜ୍ୟରେ ଏମାନଙ୍କ ସଂଖ୍ୟା ୪ ଲକ୍ଷ ୩୯୯ । ତେଣୁ ଏହି ଶିଶୁମାନଙ୍କୁ ଥଇଥାନ କରି ସ୍ୱତନ୍ତ୍ର ବ୍ୟବସ୍ଥା ଜରିଆରେ ଶିକ୍ଷାଦାନ କରିବାର ଆବଶ୍ୟକତା ରହିଛି । ଏତଦ୍‌ବ୍ୟତୀତ ଏହି ଶିକ୍ଷା ଅଧିକାର ଆଇନ୍ ଅନୁଯାୟୀ ଘରୋଇ ଶିକ୍ଷାନୁଷ୍ଠାନଗୁଡିକ ଆର୍ଥିକ ଦୃଷ୍ଟିରୁ ଅନଗ୍ରସର ପିଲାମାନଙ୍କ ପାଇଁ ୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବେ । କିନ୍ତୁ ଘରୋଇ ଶିକ୍ଷାନୁଷ୍ଠାନ ଗୁଡ଼ିକ ସରକାରୀ ନିୟମକୁ ମାନୁନାହାଁନ୍ତି। ଫି ଆଦାୟ ଠାରୁ ଆରମ୍ଭ କରି ନାମଲେଖା ପ୍ରର୍ଯ୍ୟନ୍ତ ସବୁଠି ଅଭିଭାବକମାନେ ଶୋଷଣର ଶିକାର ହୋଇଛନ୍ତି। ରାଜ୍ୟର ସହରାଞ୍ଚଳରେ ଥିବା ଘରୋଇ ବିଦ୍ୟାଳୟ ସରକାରଙ୍କ ଏହି ନିୟମକୁ ଆଖିମିଟିକା ମାରୁଥିବା ଲକ୍ଷ୍ୟ କରାଯାଉଛି। ଅବସ୍ଥା ଏଭଳି ହୋଇଛି ଖୋଦ୍ ରାଜଧାନୀରେ ପ୍ରଥମ ଶ୍ରେଣୀରେ ନାମ ଲେଖିବା ପାଇଁ ଅଭିଭାବକ ମାନଙ୍କଠାରୁ ୫୦ ରୁ ୭୦ ହଜାର ଟଙ୍କା ଆଦାୟ କରାଯାଉଛି। ଏପରିକି ଓଡ଼ିଆ ମାଧ୍ୟମ ଘରୋଇ ଶିକ୍ଷାନୁଷ୍ଠାନ ବି ପ୍ରଥମ ଶ୍ରେଣୀର ନାମ ଲେଖିବା ପାଇଁ ୧୫ ରୁ ୨୫ ହଜାର ଟଙ୍କା ନେଉଛନ୍ତି। ଏପରିସ୍ଥଳେ ସରକାର ଘରୋଇ ଶିକ୍ଷାନୁଷ୍ଠାନ ଉପରେ କେତେଦୂର ଅଙ୍କୁଶ ଲଗାଇ ପାରିବେ ତାହା ଉପରେ ଶିକ୍ଷା ଅଧିକାର ଆଇନର ସଫଳତା ଅନେକାଂଶରେ ନିର୍ଭର କରୁଛି।


ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି, ସାରସ୍ୱତ ପରିଷଦ,
ଜଗତସିଂହପୁର
ମୋ-୯୯୩୭୧୫୧୦୫୨

ଶିକ୍ଷା ଅଧିକାର ଆଇନର ପ୍ରମୁଖ ଅଙ୍ଗ ହେଲା ସର୍ବଶିକ୍ଷା ଅଭିଯାନ । ୨୦୦୧-୨୦୦୨ ମସିହାରୁ ଆମ ରାଜ୍ୟରେ ଏହା କାର୍ଯ୍ୟକାରୀ ହେଲାଣି । ଏ ଦିଗରେ ୭ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହୋଇସାରିଲାଣି । କିନ୍ତୁ ଶିକ୍ଷା କ୍ଷେତ୍ରରେ ସେଭଳି ଆଖିଦୃଶିଆ ପରିବର୍ତ୍ତନ ହୋଇପାରିନି । ଫଳରେ *"ସଭିଏଁ ପଢନ୍ତୁ ଓ ସଭିଏଁ ବଢନ୍ତୁ"* ସ୍ଲୋଗାନ ବସ୍ତୁତଃ ସ୍ଲୋଗାନରେ ରହିଯାଇଛି । ଏକ ହିସାବରୁ ଜଣାଯାଏ ଓଡିଶାରେ ୬ ରୁ ୧୪ ବର୍ଷ ମଧ୍ୟରେ ମୋଟ ୬୫ ଲକ୍ଷ ୨୮ ହଜାର ୩୫୬ ଜଣ ଶିଶୁଙ୍କ ମଧ୍ୟରୁ ପ୍ରାୟ ୩ ଲକ୍ଷ ୫୧ ହଜାର ୧୪୭ ଜଣ ଶିଶୁ ସ୍କୁଲ ଘର ଦେଖିନାହାଁନ୍ତି। ଏସବୁ ପିଲା କିପରି ସ୍କୁଲ ଆସିବେ ତାହା ଗୁରୁତର ସହ ଚିନ୍ତା କରାଯିବା ଜରୁରୀ । ଅନ୍ୟ ଏକ ସମସ୍ୟା ହେଲା ସରକାର ଯଥା ସମୟରେ ପିଲାଙ୍କୁ ପାଠ୍ୟପୁସ୍ତକ ଯୋଗାଇବାରେ ବିଫଳ ହୋଇଛନ୍ତି। ଏବେ ସାରା ବିଶ୍ୱରେ କରୋନାର ଭୟ । ଛାତ୍ରଛାତ୍ରୀଙ୍କୁ ସ୍କୁଲ ଆସିବା ମନା । ସେମାନଙ୍କ ଭବିଷ୍ୟତକୁ ଦୃଷ୍ଟିରେ ରଖି ବର୍ତ୍ତମାନ ଅନ୍‌ଲାଇନରେ ଶିକ୍ଷାଦାନ ବ୍ୟବସ୍ଥା କରାଯାଇଛି । ମାତ୍ର ଏହି ସୁବିଧା ସବୁ ପିଲାଙ୍କ ପାଖରେ ପହଁଚି ପାରୁନାହିଁ। ନିକଟରେ ଜାତୀୟ ଶିକ୍ଷା ନୀତି-୨୦୨୦ ଘୋଷଣା କରାଯାଇଛି । ତେବେ ଏହା ଆମ ଅସଜଡା ଶିକ୍ଷା ବ୍ୟବସ୍ଥା ସଜାଡିବାରେ କେତେ ସଫଳ ହେବ ତାହା ସମୟ କହିବ !

ଶିକ୍ଷା ଅଧିକାର ଆଇନ କାର୍ଯ୍ୟକାରୀ ହେବାପାଇଁ ପାଞ୍ଚବର୍ଷିଆ ଅବଧି ଗତ ୨୦୧୫ ମସିହା ଏପ୍ରିଲ ପହିଲାରେ ଶେଷ ହୋଇଯାଇଛି। ତେବେ ଏ ଦିଗରେ ଆଖିଦୃଶିଆ ସଫଳତା ହାସଲ ହୋଇପାରିନାହିଁ। ତେବେ ଭବିଷ୍ୟତରେ ଏହି ଆଇନ ତାର ଲକ୍ଷ୍ୟ ପୂରଣ ଦିଗରେ କେତେ ଦୂର ସଫଳ ହେବ ତାହା ଏକ ବିରାଟ ପ୍ରଶ୍ନବାଚୀ ରୁପେ ଉଭା ହୋଇଛି। ସେ ଦୃଷ୍ଟିରୁ ଏହି ଆଇନର ସଫଳ ରୂପାୟନ ପାଇଁ ଦୃଢ ଇଚ୍ଛାଶକ୍ତି ଓ ଆନ୍ତରିକତା ସରକାରୀସ୍ତରରେ ରହିବା ଦରକାର । ଏହି ପ୍ରସଙ୍ଗରେ ଏକ ଲୋକପ୍ରିୟ କାହାଣୀ କୁହେ " ଯଦି ତୁମେ ଗୋଟିଏ ବର୍ଷପାଇଁ ଯୋଜନା କରୁଛ ତା' ହେଲେ ତୁମେ ଜମିରେ କିଛି ମଞ୍ଜି ବୁଣିଦିଅ,ଯଦି ତୁମେ ଦଶ ବର୍ଷ ବା ତା ଠାରୁ ଉର୍ଦ୍ଧ୍ୱ ସମୟ ପାଇଁ ଯୋଜନା କରୁଛ ତା' ହେଲେ ତୁମେ ଜମିରେ କିଛି ଗଛ ଲଗାଇ ଦିଅ, ଆଉ ଯଦି ତୁମେ ଶହେ ବର୍ଷ ପାଇଁ ଯୋଜନା କରୁଛ ତା' ହେଲେ ସମସ୍ତଙ୍କୁ ଶିକ୍ଷିତ କରାଇଦିଅ।"

# ଦୀପାବଳୀ

ପ୍ରାଚୀନ କାଳରୁ ଆମର କଳା, ସାହିତ୍ୟ, ସଂସ୍କୃତି, ବୀରତ୍ୱ, ସାହସିକତା ଓ ଆଧ୍ୟାତ୍ମିକତା କ୍ଷେତ୍ରରେ ସାରା ବିଶ୍ୱରେ ନିଜର ସ୍ୱତନ୍ତ୍ରତା ପ୍ରଦର୍ଶନ କରି ଆସିଛି। ଏହି ସ୍ୱତନ୍ତ୍ରତା ମଧ୍ୟରେ ପରିଲକ୍ଷିତ ହୁଏ ଆମର ପର୍ବପର୍ବାଣି, ପର୍ବ ପର୍ବାଣୀକୁ ଛାଡିଦେଇ ଆମର ସାଂସ୍କୃତିକ, ସାମାଜିକ ଓ ଆଧ୍ୟାତ୍ମିକତାର ବୈଭବକୁ ମାପିବା ଅସମ୍ଭବ। ସୁସ୍ଥ ସମାଜର ସ୍ୱପ୍ନକୁ ସାକାର କରିବା ପାଇଁ ଆମର ମୁନି ଋଷିମାନେ ବୋଧହୁଏ ସୃଷ୍ଟି କରିଥିଲେ ଅନେକ ପର୍ବପର୍ବାଣୀ। ତାହା ମଧ୍ୟରୁ ଦୀପ ବା ପ୍ରଦୀପ ପ୍ରଜ୍ୱଳନ ଶୁଭର ପ୍ରତୀକ ଦୀପାବଳୀ। ଦୀପମାନଙ୍କର ସମୂହ ପଂକ୍ତି ଜାଳି ଯେଉଁ ଉତ୍ସବ କାର୍ତ୍ତିକ ଅମାବାସ୍ୟାରେ ପାଳିତ ହୁଏ ତାହା 'ଦୀପାବଳୀ' । ହିନ୍ଦୁ ମାନଙ୍କର ସବୁ ପର୍ବ ସହିତ ରହିଛି ପୌରାଣିକ, ଆଧ୍ୟାତ୍ମିକ, ସାମାଜିକ, ଐତିହାସିକ ଓ ସାଂସ୍କୃତିକ ଜନଶ୍ରୁତି।

ଶ୍ରୀରାମଚନ୍ଦ୍ର ରାବଣଙ୍କୁ ବଧ କରିବା ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ ଘଟଣା ସହିତ ଦୀପାବଳୀ ଉତ୍ସବ ସଂଶ୍ଳିଷ୍ଟ। ଅଯୋଧ୍ୟାବାସୀ ନିଜର ରାଜ୍ୟକୁ ସୁସଜ୍ଜିତ କରି ଦୀପଜାଳି ରାମ-ଲକ୍ଷ୍ମଣ-ସୀତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଏହି ଭବ୍ୟ ସମ୍ବର୍ଦ୍ଧନାର ସ୍ମାରକୀ ହେଉଛି ଦୀପାବଳୀ। ଏହିଦିନ ନୃସିଂହ ରୂପେ ନାରାୟଣ ହିରଣ୍ୟ କଶ୍ୟପକୁ ବଧ କରି ଭକ୍ତ ପ୍ରହ୍ଲାଦକୁ ରକ୍ଷା କରିଥିଲେ। ସମୁଦ୍ର, ମନ୍ଥନରୁ ଲକ୍ଷ୍ମୀ ଦୀପାବଳୀ ଦିନ ସମ୍ଭୂତା ହୋଇଥିଲେ। ସେଥିପାଇଁ ଏହି ଦିନ ଲକ୍ଷ୍ମୀପୂଜା ମଧ୍ୟ କରାଯାଏ। କାର୍ତ୍ତିକ ଅମାବାସ୍ୟାରେ ଦୀପାବଳୀ ସହ କାଳୀପୂଜାର ପ୍ରଚଳନ ବହୁ ପ୍ରାଚୀନ କାଳରୁ ହୋଇଆସୁଛି। ଦୁର୍ଗତିନାଶିନୀ ମହାମାୟା ମହାଚଣ୍ଡୀଙ୍କର ଦଶ ରୂପ ହେଉଛି କାଳୀ, ତାରା, ଭୂବନେଶ୍ୱରୀ, ଷୋଡ଼ଶୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳାମୁଖୀ, ମାତଙ୍ଗୀ ଓ କମଳା। ନୃମୁଣ୍ଡମାଳିନୀ, କରାଳ ବଦନା କାଳୀ ସମସ୍ତ ଦାନବୀୟ ଗୁଣକୁ ନାଶ କରି କାଳରାତ୍ରୀ ରୂପେ ଅନ୍ଧାରକୁ ଦୂରେଇ ଆଲୋକ ପ୍ରଦାନ କରି ଥାଆନ୍ତି। ସେଥିପାଇଁ ଆମେ କାଳି ପୂଜା କରିଥାଉ। ଦୀପାବଳୀ ଦିନ ବାମନଙ୍କ ଦୟାରୁ ସପ୍ତ ପାତାଳରେ ବଳିରାଜା ଦ୍ୱାରା ବନ୍ଦିନୀ ଲକ୍ଷ୍ମୀ ଅନ୍ୟ ଦେବତା ମାନଙ୍କ ସହିତ ମୁକ୍ତି ଲାଭ କରିଥିଲେ।

ରାଜାବଳୀ କାର୍ତ୍ତିକ ଅମାବାସ୍ୟା ତିଥିରେ ଅର୍ଦ୍ଧ ରାତ୍ରିରେ ପୃଥିବୀ ଭ୍ରମଣ କରିବାକୁ ବାମନଙ୍କଠାରୁ ଅନୁମତି ପାଇଥିଲେ। ବଳିଙ୍କ ସୁଶାସନରୁ ବଂଚିତ ପ୍ରଜାଗଣ ବର୍ଷରେ ଥରେ ବଳିଙ୍କୁ ପାଇ ଖୁସିରେ ଦୀପ ଜାଳି ସ୍ୱାଗତ କରିଥାଆନ୍ତି। ଦୀପାବଳୀରେ ଶ୍ରୀକୃଷ୍ଣ ନରକାସୁରକୁ ବିନାଶ କରି ଷୋଳ ହଜାର କନ୍ୟାକୁ ମୁକ୍ତି ପ୍ରଦାନ କରିଥିଲେ। ଏଥିପାଇଁ ଜନସାଧାରଣ ଖୁସିରେ ନରକୋତ୍ସବ ପାଳନ କରିଥାଆନ୍ତି। ଦୀପାବଳୀକୁ ଜୈନମାନେ "ଯକ୍ଷ ରାତ୍ର ଉତ୍ସବ " ଭାବେ ପାଳନ କରିଥାନ୍ତି। ରାଜା ବିକ୍ରମାଦିତ୍ୟ ଏହି ଦିନ ସିଂହାସନ ଆରୋହଣ କରି ଗୁପ୍ତାବ୍ଦ ପ୍ରଚଳନ କରିଥିଲେ। ହର୍ଷ ବର୍ଦ୍ଧନ ମଧ୍ୟ ଦୀପାବଳୀ ପାଳନ କରୁଥିବାର ପ୍ରମାଣ ମିଳେ। ଜୈନ ତୀର୍ଥଙ୍କର ମହାବୀର ବର୍ଦ୍ଧମାନ ଏହି ଦିନ ନିର୍ବାଣ ଲାଭ କରିଥିଲେ। ଶିଖ୍ ଗୁରୁ ହର ଗୋବିନ୍ଦ ସିଂହକୁ ଆଉରଙ୍ଗଜେବ ଏହିଦିନ କାରାଗାରରୁ ମୁକ୍ତ କରିଥିଲେ।


ଅକ୍ଷୟ କୁମାର ରାଉତ
ପାରାଦ୍ୱୀପଗଡ, କୁଜଙ୍ଗ
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

ଦୀପାବଳୀ ଦିନ ରାତ୍ରିରେ ପ୍ରତି ଘରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଦୀପଦାନ ଉତ୍ସବ ପାଳନ ହୁଏ। ଶ୍ରାଦ୍ଧ ସହିତ ଜ୍ୱଳନ୍ତ ବଳିତା, କାଉଁରିଆ କାଠିରେ ଆଲୋକ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପ୍ରଦର୍ଶନ କରାଯାଏ। ସେହି ସମୟରେ ଲୋକମାନେ ଉଚ୍ଚ ସ୍ୱରରେ ଗାଆନ୍ତି " ବଡ ବଡୁଆ ହୋ, ଅନ୍ଧାରରେ ଆସି ଆଲୁଅରେ ଯାଅ"। ଗଙ୍ଗା ଯାଅ ଗୟା ଯାଅ, କାଶୀ ଯାଅ, ପୁରୁଷୋତମରେ ମହା ପ୍ରସାଦ ଖାଇ ବାଇଶି ପାହାଚରେ ଗଡ ଗଡଉ ଥାଅ"।


ଦୀପାବଳୀ ଦିନ ମହାକାଳୀଙ୍କ ପୂଜା ସହିତ ଲକ୍ଷ୍ମୀ-ଗଣେଶଙ୍କ ପୂଜା କରାଯାଇଥାଏ। ଏହି ଦିନଲୋକମାନେ ନୂଆ ପୋଷାକ ପରିଧାନ କରିଥାଆନ୍ତି। ରାତ୍ରରେ ଆଲୋକ ସଜ୍ଜା ସହିତ ବାଣ ଫୁଟାଯାଏ। ଏପରିକି ଲୋକମାନଙ୍କ ମଧ୍ୟରେ ବାଣ ପ୍ରତିଯୋଗୀତା ଆରମ୍ଭ ହୋଇଯାଏ। ଆଜିକାଲି ପରିବେଶ ସୁରକ୍ଷା ଓ ଶବ୍ଦ ପ୍ରଦ୍ୟୂଷଣ ରକ୍ଷା ପାଇଁ ବାଣ ଫୁଟାଇବା ଉଚିତ୍ ନୁହେଁ। ବର୍ଷା ଋତୁରେ ଜନ୍ମିତ କୀଟ ପତଙ୍ଗ ଦୀପାଲୋକରେ ନଷ୍ଟ ହୋଇଯାଆନ୍ତି। ଦୀପାବଳୀ ଦିନ ପଶୁ ବଳୀ, ଜୁଆ ଓ ନିଶା ସେବନରୁ ଆମେ ଦୂରେଇ ରହି ଭକ୍ତି ଓ ଶ୍ରଦ୍ଧାରେ ପୂର୍ବ ପୁରୁଷଙ୍କୁ ଦୀପ ଜାଳି ଆଶୀର୍ବାଦ ଭୀକ୍ଷା କରିବା ଉଚିତ୍ । ଦୀପାବଳୀ ଏକ ଜାତୀୟ ପର୍ବ। ଏହି ଆଲୋକର ଉତ୍ସବ ତ୍ୟାଗ, ସଂଗଠନ ଓ ପବିତ୍ର ଭାବର ସନ୍ଦେଶ ପ୍ରଦାନ କରେ। ଆଲୋକ ଅନ୍ଧକାର ଦୂର କରିବା ପରି ଆମ ହୃଦୟରୁ ଅଜ୍ଞାନ ଅନ୍ଧକାର ଦୂର କରିବା ଏହି ପର୍ବର ଲକ୍ଷ୍ୟ। ସାମାଜିକ ଜୀବନକୁ ସୁଦୃଢ଼ ଓ ମଧୂମୟ କରିବା ପାଇଁ ଦୀପାବଳୀର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଦୀପାବଳୀ କହେ-

"ଦୀପ ପରି ଜଳି ନର କର ବିଶ୍ୱ ଉପକାର
ହୃଦୟ ତିମିର ନାଶ କରି ହୁଅ ଅଗ୍ରସର।"

# ଏକାମ୍ର ହାଟରେ ମାଟିର ଦୀପ ଓ ଟେରାକୋଟା ସାମଗ୍ରୀର ସମ୍ଭାର


**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ଅନ୍ତର୍ଗତ ଏକାମ୍ର ହାଟ ଏବେ ନୂଆ ରୂପରେ। ଏକାମ୍ର ହାଟରେ ହସ୍ତଶିଳ୍ପ, ହସ୍ତତନ୍ତ, ଉତ୍କର୍ଷ କଳା ପ୍ରଦର୍ଶନ, ରୁଚିକର ଓଡ଼ିଆ ଖାଦ୍ୟ, ବିବିଧ ଭାରତୀୟ ବ୍ୟଞ୍ଜନ, କନ୍‌ଫେରେନ୍ସ ହଲ୍, ମୁକ୍ତାକାଶ ରଙ୍ଗମ, ପାର୍କିଂ ଓ ଏଟିଏମ୍‌ର ସୁବିଧା ରହିଛି।

ଏକାମ୍ର ହାଟରେ ଦୀପାବଳି ଉପଲକ୍ଷେ ଦୀପ ଓ ଟେରାକୋଟା ସାମଗ୍ରୀର ବିଶେଷ ଆୟୋଜନ କରାଯାଇଛି। ଅକ୍ଟୋବର ୧୬ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ବିଶେଷ ଆୟୋଜନରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଶିଳ୍ପୀ ଓ କାରିଗରମାନେ ମାଟିର ବିଭିନ୍ନ ସାମଗ୍ରୀ ଯଥା: ଦୀପ, ଘରକରଣା ସାମଗ୍ରୀ, ଘର ସଜାଇବା ସାମଗ୍ରୀ, ରଙ୍ଗବେରଙ୍ଗର କଣ୍ଢେଇ. ଲେଡି ଦୀପ, ଗଣେଶ ଦୀପ, ଗଣେଶ ମୂର୍ତ୍ତି, ମୋଟୁପତଲୁ, ବୁଦ୍ଧମୂର୍ତ୍ତି, କଙ୍ଗାରୁ, କୁଂପି, ହଂସ କୁଂପି, ମାଛ କୁଂପି, ଶଙ୍ଖ କୁଂପି, ଅମୃତଭଣ୍ଡା କୁଂପି, ଗୋଲ କୁଂପି, ଝୁଲା ଦୀପ ଷ୍ଟାଣ୍ଡ, ଦେଉଳ ଦୀପ ଷ୍ଟାଣ୍ଡ, ଲଣ୍ଠନ ଦୀପ ଷ୍ଟାଣ୍ଡ, ପଞ୍ଚଦୀପ, ଲାଇଟ୍ ପୋଷ୍ଟଷ୍ଟାଣ୍ଡ, ବ୍ରସଷ୍ଟାଣ୍ଡ, ଦୀପ, ମଶାଧୂପ ଷ୍ଟାଣ୍ଡ ଆଦି ସାମଗ୍ରୀ ଦର୍ଶକମାନଙ୍କୁ ବେଶ୍ ଆକୃଷ୍ଟ କରୁଛି। ଏକାମ୍ର ହାଟରେ ଆଉ ମଧ୍ୟ ଗ୍ଲାସ, ଜଗ୍, ଦହିହାଣ୍ଡି, ପାଣିବୋତଲ, ମିର କପ୍, ଶ୍ରୀଜଗନ୍ନାଥଙ୍କର ନବକଳେବର ରଥ, ରୋଷେଇ ସାମଗ୍ରୀ, ରଙ୍ଗୀନ ମ୍ୟୁଜିକ୍ ସେଟ୍, ମହାପୁରୁଷଙ୍କର ମାଟିର ମୂର୍ତ୍ତି ମାଟି ଚଢେଇ, ହାତୀ ଦ୍ୱୀପ, ମାଟି ନିର୍ମିତ ବାଦ୍ୟ, ମାଟି ଲଣ୍ଠନ, ଡେଉଁଥିବା ବେଙ୍ଗ, ଲ୍ୟାମ୍ପ, ଲ୍ୟାମ୍ପ, ବଡ ଫୁଲଦାନୀ, ଦୀପଦାନୀ, ମୟୂର ମୁଖା ଆଦି ଗ୍ରାହକମାନଙ୍କ ପ୍ରଦର୍ଶନ ଓ ବିକ୍ରୟ ନିମନ୍ତେ ରଖାଯାଇଛି। ପୁଣି ମାଟିରେ ତିଆରି ୱାଟର ଫଲ୍ ଷ୍ଟଲ୍‌ରେ ଭୀଡ ହେଉଛି। ଏକାଥରକେ କାରିଗର ମାଟିପୋଡି ୧୦ରୁ ୨୦ଟି ଫଉଣ୍ଟେନ୍ ଗଢିଥାନ୍ତି। ଏହି ମାଟି ତିଆରି ଫାଉଣ୍ଟେନ୍ ୧୮୦୦ ଟଙ୍କାରୁ ଆରମ୍ଭ ହୋଇ ୫ ହଜାର ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରୟ ହେଉଛି।



# ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ବିପର୍ଯ୍ୟୟ ପ୍ରଶମନ ଦିବସ ଅନୁଷ୍ଠିତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ପ୍ରାକୃତିକ ଦୁର୍ବିପାକ ଓ ବିପର୍ଯ୍ୟୟ ମାନବସମାଜର ଚିରସହଚର। ବିପର୍ଯ୍ୟୟଟିଏ ଆସିଲେ ପରିବାର ତରଫରୁ ଏହାର ମୁକାବିଲା ନିମନ୍ତେ ପ୍ରସ୍ତୁତି କରିହୁଏ। ଜନବସତିରେ ପରିବାର ସହିତ ବସବାସ କରୁଥିବା ଶିଶୁମାନେ ପାରିବାରିକ ସୁରକ୍ଷା ପାଇ ପାରୁଥିବାବେଳେ କୌଣସି କାରଣରୁ ସେଥିରୁ ଦୂରେଇଯାଇ ଆନୁଷ୍ଠାନିକ ଯତ୍ନ ବ୍ୟବସ୍ଥାରେ ରହିଥିବା ଶିଶୁମାନଙ୍କୁ ବିପର୍ଯ୍ୟୟ ନିମନ୍ତେ ପ୍ରସ୍ତୁତ ରଖିବା ସହିତ ଉପଯୁକ୍ତ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଶିଶୁମାନେ ଅଧିକ ସମ୍ବେଦନଶୀଳ ହୋଇଥିବାରୁ ସେମାନଙ୍କୁ ବିପର୍ଯ୍ୟୟ ପାଇଁ ପ୍ରସ୍ତୁତ ରଖିବା ଦିଗରେ ଶିଶୁଯତ୍ନ ଅନୁଷ୍ଠାନଗୁଡିକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଆଜି ପୂର୍ବାହ୍ନରେ ମହିଳା ଓ ଶିଶୁବିକାଶ ବିଭାଗ ପକ୍ଷରୁ ଶିଶୁମାନଙ୍କ ପାଇଁ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିପର୍ଯ୍ୟୟ ପ୍ରଶମନ ଦିବସରେ ବିଭାଗୀୟ ମନ୍ତ୍ରୀ ଶ୍ରୀମତୀ ଟୁକୁନି ସାହୁ ମତବ୍ୟକ୍ତ କରିଛନ୍ତି।



୧୯୯୯ ଅକ୍ଟୋବର ୨୯ ତାରିଖରେ ସଂଘଟିତ ମହାବାତ୍ୟା ପରେ ସମଗ୍ର ରାଜ୍ୟରେ ଏହି ଦିନଟିକୁ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ପ୍ରସ୍ତୁତି ଦିବସ ଭାବେ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଆଭାସୀ ମାଧ୍ୟମରେ ବିଭାଗ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀମତୀ ସାହୁ ଓଡ଼ିଶା ଭଳି ଏକ କ୍ରମାଗତ ବିପର୍ଯ୍ୟୟ ପ୍ରବଣ ରାଜ୍ୟରେ ବନ୍ୟା, ବାତ୍ୟା, ମରୁଡି, ବଜ୍ରପାତ, ଅଂଶୁଘାତ, ଭୂସ୍ଖଳନ ଏବଂ ମହାମାରୀ ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଶିଶୁଯତ୍ନ ଅନୁଷ୍ଠାନରେ ରହୁଥିବା ଶିଶୁମାନଙ୍କୁ ମାନସିକ ଓ ଶାରୀରିକ ସ୍ତରରେ ଏହାର ମୁକାବିଲା କରିବା ନିମନ୍ତେ ପର୍ଯ୍ୟାପ୍ତ ପ୍ରସ୍ତୁତି ଦିଗରେ ବିଭାଗ ପକ୍ଷରୁ କରାଯାଇଥିବା ଆକ୍ସନ ପ୍ଲାନ୍ ବେଶ୍ ଫଳପ୍ରଦ ହୋଇପାରିବ ଏବଂ ଏହାର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବା ଉପରେ ମନ୍ତ୍ରୀ ଶ୍ରୀମତୀ ସାହୁ ଗୁରୁତ୍ୱାରୋପ କରିଛନ୍ତି।

# କନ୍ଦରପୁର ବରିଷ୍ଠ ନାଗରିକଙ୍କ ବୈଠକ

**କନ୍ଦରପୁର(ସଂପର୍କବାର୍ତ୍ତା):-** କନ୍ଦରପୁର ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ପରିଷଦ ବୈଠକ ଓ ନୂତନ କର୍ମକର୍ତ୍ତା ଚୟନ ଗତ ଗୁରୁବାର ଦିନ ସ୍ଥାନୀୟ ଥାନା ଅନ୍ତର୍ଗତ କେଶପୁର ହୁଙ୍କା ଗୋସ୍ୱାମୀଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମଞ୍ଚରେ ନୂତନ କର୍ମକର୍ତ୍ତା ଚୟନ କରାଯାଇ ସଭାପତି ଭାବେ କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କୁ ପୁନର୍ବାର ଚୟନ କରାଯାଇଥିବା ବେଳେ ଉପ-ସଭାପତି ଭାବେ ସନ୍ତୋଷ କୁମାର ତ୍ରିପାଠୀ, ସାଧାରଣ ସମ୍ପାଦକ ଅନନ୍ତ ଚରଣ ଦଳାଇ, ଯୁଗ୍ମ ସମ୍ପାଦକ ଗଜେନ୍ଦ୍ରନାଥ ସ୍ୱାଇଁ, ସହ-ସମ୍ପାଦକ ମିର୍ଜା ଜାହେଦିନ୍ ବେଗ୍, କୋଷାଧକ୍ଷ ବଂଶୀଧର ବେହେରା, ସମୀକ୍ଷକ ତ୍ରିଲୋଚନ ବେହେରା ଓ ଆବାହକ ବସନ୍ତ କୁମାର ରାୟଙ୍କୁ ମନୋନୀତ କରାଯାଇଛି। ଏଥିରେ ଉପଦେଷ୍ଟା ଭାବେ ଅଙ୍କିତ ଭୋଇ ଚିନ୍ତାମଣୀ ଜେନା, ବାବାଜୀ ବିଶ୍ୱାଳ, ଫକୀର ଚରଣ ମହାରଣା ଓ ଅକ୍ଷୟ ପଟ୍ଟନାୟକଙ୍କୁ ରଖାଯାଇଥିବା ଜଣାପଡିଛି।

# ମାଲକାନାଗିରିରେ ଜୁଆ ଖେଳ,୮ ଗିରଫ

**ମାଲକାନାଗିରି(ସଂପର୍କବାର୍ତ୍ତା):-**ମାଲକାନଗିରି ଜିଲ୍ଲା ଅର୍କେଲ ଥାନା ପୋଲିସକୁ ସଫଳତା ଅର୍କେଲ ଥାନା ଅଂଚଳରେ ଏକ ବେଆଇନ ଜୁଆ ଆଡ୍ଡା ଉପରେ ପୋଲିସ ଚଢଉ କରି ୮ ଜଣ ଜୁଆଡିଙ୍କୁ ଗିରଫ କରିଛି ।ଚଢଉ ବେଳେ ନଗଦ ୩୬ ହଜାର ୭୮୦ ଟଙ୍କା ସହ ୮ ଟି ମୋବାଇଲ ଫୋନ୍ ,ଗୋଟିଏ କାରକୁ ଜବତ କରିଛି ପୋଲିସ ।ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରିଥିବା ନେଇ ଚିତ୍ରକୋଣ୍ଡା ଏସ.ଡି.ପିଓ ଅଶୁଂମାନ ଦ୍ୱିବେଦୀ ସୂଚନା ଦେଇଛନ୍ତି । ଅର୍କେଲ ଥାନା ଅଂଚଳରେ ବେଆଇନ ଜୁଆ ଆଡ୍ଡା ଚାଲୁଥିବା ନେଇ ବିଶେଷ ସୂଚନା ମିଳିବା ପରେ ଚିତ୍ରକୋଣ୍ଡା ଏସ.ଡ.ପି. ଓ ଓ ଆର୍କେଲ ଥାନା ଅଧିକାରୀ ଜନଖୁଜୁରଙ୍କ ସହ ପୋଲିସ୍‌ର ସ୍ୱତନ୍ତ୍ର ଟିମ୍ ଏହି କରି ଅଭିଯୁକ୍ତଙ୍କୁ ଧରିଥିଲେ ।



# ଜଗତସିଂହପୁରରେ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳିତ



**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଓଡିଶା ବିପର୍ଯ୍ୟୟ ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ଜିଲ୍ଲାପାଳ ଶ୍ରୀମତୀ ପାରୁଲ୍ ପଟାଓରୀ ଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଅଛି । ୧୯୯୯ ମହାବାତ୍ୟା ଏରସମା ବ୍ଲକ ଓ ଜଗତସିଂହପୁର ଜିଲ୍ଲାକୁ ଅଧିକ କ୍ଷତିଗ୍ରସ୍ତ କରିଥିଲା । ମଣିଷ, ଗୋରୁଗାଈ,ପଶୁପକ୍ଷୀ,ବୃକ୍ଷରାଜି ଅଧିକ କ୍ଷତିଗ୍ରସ୍ତ ହୋଇଥିଲା । ଏହି ମହାବାତ୍ୟାର ସ୍ମୃତିରେ ପ୍ରତିବର୍ଷ ଅକ୍ଟୋବର ୨୯ ତାରିଖରେ ରାଜ୍ୟ ବିପର୍ଯ୍ୟୟ ପ୍ରସ୍ତୁତି ଓ ଜାତୀୟ ବିପର୍ଯ୍ୟୟ ପ୍ରଶମନ ଦିବସ ପାଳନ କରାଯାଉଛି । ଆଜି ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଅଧିକାରୀ କର୍ମଚାରୀ ମାନଙ୍କୁ ନେଇ କୋଭିଡ୍-୧୯ ମାର୍ଗଦର୍ଶିକା ପାଳନ ପୂର୍ବକ ସାମାଜିକ ଦୂରତା ରକ୍ଷାକରି ଏହି ଦିବସ ପାଳିତ ହୋଇଅଛି । ଜିଲ୍ଲାପାଳ ପାରୁଲ୍ ପଟାଓରୀ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ଶପଥ ପାଠ କରାଇଥିଲେ । ଯେ କୌଣସି ପ୍ରକାର ବିପର୍ଯ୍ୟୟରେ ଧନ ଜୀବନ କ୍ଷୟକ୍ଷତିକୁ ହ୍ରାସ କରିବା ପାଇଁ ମୁଁ ମୋର ଶକ୍ତି ଓ ସାମର୍ଥ୍ୟ ଅନୁସାରେ କାର୍ଯ୍ୟ କରିବି । ଉଦ୍ଧାର ଓ ରିଲିଫ୍‌କାର୍ଯ୍ୟରେ କାର୍ଯ୍ୟରତ କର୍ମଚାରୀ,ବ୍ୟକ୍ତି ବିଶେଷ,ଅନୁଷ୍ଠାନ ଓ ସହଯୋଗୀ ଦଳ ମାନଙ୍କୁ ସାହାଯ୍ୟ କରିବି । ଲୋକମାନଙ୍କ ମଧ୍ୟରେ ପରିବେଶରେ ସୁରକ୍ଷା ଓ ବିପର୍ଯ୍ୟୟ ପ୍ରସ୍ତୁତି ନିମନ୍ତେ ସଚେତନତା ବୃଦ୍ଧି କରିବାକୁ ଚେଷ୍ଟା କରିବି । ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଚିନ୍ମୟୀ ବିଶ୍ୱାଳ,ଉପ-ଜିଲ୍ଲାପାଳ ଧର୍ମେନ୍ଦ୍ର ମଲ୍ଲିକ,ଜିଲ୍ଲାସ୍ତରୀୟ ଅଧିକାରୀ,ଡେପୁଟୀ କଲେକ୍ଟର,ସହକାରୀ ଜିଲ୍ଲାପାଳ,ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ଉପସ୍ଥିତ ରହି ଶପଥ ପାଠ କରିଥିଲେ । ଜିଲ୍ଲା ଜରୁରୀ ବିଭାଗ ଅଧିକାରୀ ଅକ୍ଷୟ କୁମାର ବଡୁ, ଡି.ପି.ଓ ଆଶୁତୋଷ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ସଂଧ୍ୟାରେ ୧୯୯୯ ମହାବାତ୍ୟାରେ ମୃତ୍ୟୁ ବରଣ କରିଥିବା ଅମର ଆତ୍ମାଙ୍କ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ମହାବାତ୍ୟା ସ୍ମୃତିସ୍ତମ୍ଭ ନିକଟରେ ଅତିରିକ୍ତ ଜିଲ୍ଲାପାଳ ଚିନ୍ମୟୀ ବିଶ୍ୱାଳ,ଅନ୍ୟାନ୍ୟ ଅଧିକାରୀ,ମହିଳା ସ୍ୱୟଂସହାୟକ ସଭ୍ୟାମାନେ ସମୂହ ଦୀପଦାନ କରିଥିଲେ । ଏହାକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଣୀ ସ୍ୱର୍ଣ୍ଣ ମଞ୍ଜରୀ ନାୟକ ପରିଚାଳନା କରିଥିଲେ ।

# କଟକ ସଦର ଥାନା ଅଞ୍ଚଳରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

**କଟକ(ସଂପର୍କ ବାର୍ତ୍ତା):-** କମିଶନରେଟ ପୁଲିସ ଅନ୍ତର୍ଗତ ସଦର ଥାନା ଅଂଚଳରେ ଦିନକୁ ଦିନ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେଉଥିବା ଅଭିଯୋଗ ଉଠିଛି । ଏହି ଅଂଚଳରେ ପ୍ରତିଦିନ ହିଂସାକାଣ୍ଡ ଘଟୁଥିଲେ ମଧ୍ୟ ପୁଲିସର ନିଷ୍କ୍ରିୟତା ଯୋଗୁଁ ଜନସାଧାରଣ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ଏନେଇ ଜନସାଧାରଣ ଥାନାର ଦ୍ୱାରସ୍ଥ ହେବା ପରେ କୌଣସି ସୁଫଳ ମିଳୁନଥିବା ଯୋଗୁଁ ଡିସିପିଙ୍କ ନିକଟରେ ଅଭିଯୋଗ କରୁଥିଲେ ମଧ୍ୟ ଏହାର କୌଣସି ପ୍ରଭାବ ପରିଲକ୍ଷିତ ହେଉନାହିଁ । ପୁଲିସ ପ୍ରଶାସନର କୌଣସି କାର୍ଯ୍ୟାନୁଷ୍ଠାନ ନେଉନଥିବା ଯୋଗୁଁ ଅପରାଧୀମାନେ ଉତ୍ସାହିତ ହେଉଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

ପ୍ରକାଶ ଯୋଗ୍ୟ, କଟକ ସଦର ଥାନା ଅନ୍ତର୍ଗତ ଖଣ୍ଡେଇତା ଅଂଚଳରେ ଘରେ ପଶି ଜଣେ ତଫସିଲଭୁକ୍ତ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ଅଭିଯୋଗକାରିଣୀ ଥାନାର ଦ୍ୱାରସ୍ଥ ହୋଇଥିଲେ । ଏହି ଘଟଣାରେ ଥାନା ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁଁ ବାଧ୍ୟ ହୋଇ ସେ ଡିସିପିଙ୍କୁ ଗୁହାରି କରିଥିଲେ । ତେବେ ଏହି ଘଟଣାର ୪୮ ଘଣ୍ଟା ନପୁରୁଣୁ ଇନ୍ଦିରା କଲୋନୀଠାରେ ସଂଘବଦ୍ଧ ଆକ୍ରମଣର ଶିକାର ହୋଇ ୩ଜଣ ବ୍ୟକ୍ତି ସଦର ଥାନାର ଦ୍ୱାରସ୍ଥ ହୋଇଥିଲେ ।

ଇତି ମଧ୍ୟରେ ୨ ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନଥିା ଯୋଗୁଁ ଅଭିଯୋଗାରୀମାନେ ନିଜକୁ ଅସୁରକ୍ଷିତ ମଣୁଛନ୍ତି । ଅଭିଯୋଗ ଅନୁଯାୟୀ ଉକ୍ତ ଅଂଚଳର ଚନ୍ଦ୍ରମଣି ସାମଲ, ଅର୍ଜୁନ ସାମଲ, ପ୍ରଶାନ୍ତ ସାମଲ ଉକ୍ତ ଦିନ ସନ୍ଧ୍ୟା ୬ଟା ବେଳେ ସ୍ଥାନୀୟ ଛକକୁ ମାର୍କେଟିଂ କରିବା ପାଇଁ ଯାଉଥିବାବେଳେ ଉକ୍ତ ଅଂଚଳର ୯ରୁ ୧୦ ଜଣ ଲୋକ ସେମାନଙ୍କ ଉପରେ ଅତର୍କିତ ଆକ୍ରମଣ କରିଥିଲେ । ପୂର୍ବରୁ ପ୍ରସ୍ତୁତ ହୋଇ ସାଥିରେ ଆଣିଥବା ଠେଙ୍ଗାବାଡିରେ ଆକ୍ରମଣ କରି ଲହୁଲୁହାଣ କରି ପକାଇଥିଲେ । ତେବେ ପାଟିତୁଣ୍ଡ ଶୁଣି ଅଂଚଳର ଆଉ କିଛି ଲୋକ ସେଠାରେ ପହଂଚିଯିବା ପରେ ସେମାନେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇ ଚାଲିଯାଇଥିଲେ । ହେଲେ ଏଭଳି ସମ୍ବେଦନଶୀଳ ଘଟଣାକୁ ପୁଲିସ ହାଲୁକା ଭାବେ ଗ୍ରହଣ କରିବା ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# ୨୦୨୦ରେ ସଡକ ଦୁର୍ଘଟଣାରେ ୭୫ ହଜାର ମୃତ୍ୟୁ

**ନୂଆଦିଲ୍ଲୀ;** ଗତ ବର୍ଷ ଭାରତରେ ଦ୍ରୁତ ଗତି ଯୋଗୁ ସଡକ ଦୁର୍ଘଟଣାରେ ୭୫,୩୩୩ଲୋକ ପ୍ରଣା ହରାଇଥିଲେ । ୨ଲକ୍ଷ ୯ହାଜର ୭୩୬ସଡକ ଦୁର୍ଘଟଣାରେ ଉଯାତ୍ରୀ ଆହତ ହୋଇଥିଲେ । ସରକାରୀ ତଥ୍ୟ ଅନୁସାୟୀ ୩,୫୪,୭୯୬ଟି ସଡକ ଦୁର୍ଘଟଣାରୁ ୨,୧.୧୫୯ ଟି ଅଧିକ ବେଗରେ ଯାନବାହାନ ଚଳାଚଳ ଯୋଗୁଁ ଘଟିଛି । ଯାହା ସଡକ ଦୁର୍ଘଟଣାର୬୦% ଅଟେ । ନ୍ୟାୟନାଲ କ୍ରଇମ୍ ରେର୍କଡ ବ୍ୟୁରୋ (ଏନସିଆରବି) ର ବାର୍ଷିକ ରିପୋର୍ଟ ଅନୁଯାୟୀ, ୨୦୧୯ ତୁଳନାରେ ସଡକ ଦୁଘାଟଣା ହୋଇଥିବାବେଳେ ୨୦୨୦ରେ ୦.୫୨ରୁ ୦.୪୫ ହ୍ରାସ ପାଇଛି ।୨୦୧୯ରେ ୪୬,୭୧୭୧ ସଡକ ଦୁର୍ଘଟଣା ହୋଇଥିବାବେଳେ ୨୦୨୦ରେ ଏହି ସଂଖ୍ୟା ୩୬,୮୮୨୮କୁ ହ୍ରାସ ପାଇଛି । ୨୦୨୦ରେ ସଡକ ଦୁର୍ଘଟଣାରେ ୧୪,୬୩୫୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩୩,୬୨୪୮ ଜଣ ଆହତ ହୋଇଥିଲେ । ପ୍ରଥମ ଥର ପାଇଁ ଉତ୍ତରପ୍ରଦେଶରେ ସଡକ ଦୁର୍ଘଟଣା ସଂଖ୍ୟା ହ୍ରାସ ପାଇଛି ।୨୦୨୦ରେ ରାଜ୍ୟରେ ୩୦,୫୯୦ ସଡକ ଦୁର୍ଘଟଣା ହୋଇଥିବବେଳେ ୨୦୧୯ରେ ଏହି ସଂଖ୍ୟା ୪୨,୩୬୮ ଥିଲା ସଡକ ଦୁର୍ଘଟଣା ହ୍ରାସ ଦୃଷ୍ଟିରୁ ତାମିଲନାଡୁ ଏକ ନମ୍ବରରେ ଅଛି, ୨୦୧୯ରେ ୫୯,୪୯୯ ଦୁର୍ଘଟଣା ଘଟିଛି ଏବଂ ୨୦୨୦ରେ ୪୬,୪୪୩କୁ ହ୍ରାସ ପାଇଛି । ଦ୍ୱିତୀୟ ସ୍ଥାନରେ କେରଳ, ଯେଉଁ ଠାରେ ସଡକ ଦୁର୍ଘଟଣା ୪୦,୩୫୪ ରୁ ୨୭,୯୯୮ କୁ ହ୍ରାସ ପାଇଛି । ଏନ୍‌ସିଆରବି ରିପୋର୍ଟ ଅନୁଯାୟ୍ୟ, ୨୦୨୦ରେ ସର୍ବାଧିକ ସଡକ ଦୁର୍ଘଟଣା ଯାନବାହାନର ଦ୍ରୁତ ଗତିରେ ଘଟିଥିଲା ।ଏହା ବ୍ୟତୀତ ଅବହେଳା କିମ୍ବା ଅତିକ୍ରମ ଯୋଗୁଁ ୮୬,୨୪୮ ସଡକ ଦୁର୍ଘଟଣା ଘଟିଛି । ଏଥିରେ ୩୫,୨୧୯ ଜଣଙ୍କର ମୃତ୍ୟୁ ଘଟିଥିଲା ଏବଂ ୭୭.୦୬୭ ଲୋକ ଆହତ ହୋଇଥିଲେ ।

# ବିଦ୍ୟାଧରପୁରରେ ୫ଶହ ବର୍ଷର କାଳୀ ପୂଜା ପରମ୍ପରା ରହିଛି

**କଟକ(ତପନ ମହାନ୍ତି):-** ପୂର୍ବାଞ୍ଚଳର ବିଦ୍ୟାଧରପୁର କାଳୀ ପୂଜା ୫ଶହ ବର୍ଷ ପୁରୁଣା । ତେବେ ଗତବର୍ଷ ଭଳି ଏବର୍ଷ ମଧ୍ୟ କରୋନା ପାଇଁ ପରମ୍ପରା ଭାଙ୍ଗିବ । ମୂର୍ତ୍ତି ଉଚ୍ଚତା ଠାରୁ ଆରମ୍ଭ କରି ମେଲଣ ପର୍ଯ୍ୟନ୍ତ ସବୁକିଛିରେ ପରିବର୍ତ୍ତନ କରାଯାଇଛି ।

ଆସନ୍ତା ନଭେମ୍ବର ୪ ତାରିଖରେ ପୂଜା ପାଇବେ ବଡକାଳୀ, ସାନକାଳୀ ଓ ଶ୍ୟାମକାଳୀ । ସମସ୍ତଙ୍କର ଉଚ୍ଚତା ରହିଛି ୪ ଫୁଟ୍ ମଧ୍ୟରେ । ପରଦା ଟଣା ହୋଇ ବିନା ବାଜା, ମାଇକ୍, ସାଜସଜ୍ଜା ତଥା ତୋରଣରେ ପୂଜା ପାଇବେ ମା' କାଳୀ । ବଡକାଳୀଙ୍କ ପୂଜକ ସନ୍ତୋଷ ଚକ୍ରବର୍ତ୍ତୀ ଓ ସାନକାଳୀଙ୍କ ପୂଜକ ଦେବାଶିଷ ଚକ୍ରବର୍ତ୍ତୀଙ୍କ କହିବା ଅନୁସାରେ ଆମେ ପ୍ରତିଦିନ ମା'ଙ୍କ ଚଳନ୍ତି ପ୍ରତିମାକୁ ପୂଜା କରି ଆସୁଛୁ । ୫ ଶହ ବର୍ଷ ହେବ ବଡକାଳୀ ପୂଜା ପାଉଥିବା ବେଳେ ୩ଶହ ବର୍ଷ ହେବ ସାନକାଳୀ ପୂଜା ପାଉଛନ୍ତି । ମା'ଙ୍କ ମହିମା ଅଲୌକିକ । ବିଦ୍ୟାଧରପୁର ବ୍ରାହ୍ମଣ ସାହିର କାଳୀମେଳା ସ୍ଥାନରେ ପୂଜା ପାଉଥିବା ବଡକାଳୀ ଓ ସାନକାଳୀଙ୍କ ଧଣ୍ଡା ପାଇଲେ ଅସାଧ୍ୟ ରୋଗ ଉପଶମ ହେବାର ପ୍ରମାଣ ରହିଛି । ମା'ଙ୍କ ନୀତିକାନ୍ତିରେ କୌଣସି ପରିସ୍ଥିତିରେ ପରିବର୍ତ୍ତନ ହୁଏ ନାହିଁ । ଅଁଳା ନବମୀରେ ବିସର୍ଜନର କାର୍ଯ୍ୟକ୍ରମ ଆରମ୍ଭ ହୋଇଥାଏ । ବିଦ୍ୟାଧରପୁରରେ ୨୮ଟି ମଣ୍ଡପରେ କାଳୀପୂଜା ଅବସରରେ ଭିନ୍ନ ଭିନ୍ନ ଦେବଦେବୀ ପୂଜା ପାଇବେ । ଗୋଲଡେନ୍ ଛକ, ବିନାୟକ କ୍ଲବ୍, ସାହୁଲେନ ଛକ, ସାମଲ ସାହି, ବାଘମୁଣ୍ଡା ସାହି, ଗୋପାଳ ସାହି, କେଶପୁର ସାହି, ଜାଗୁଲେଇ ବଜାର, ଫାର୍ମ ଗେଟ୍, ଗଣେଶ ବଜାର, ଗୋପୀନାଥ ବଜାର, ଆଖଣ୍ଡଳମଣୀ ବଜାର, ସାରଳା ଯୁବକ ସଂଘ, ଦୋଳମଣ୍ଡପ, ଗୌତମ ନଗର, ଭଗବତୀ ସାହି, ବାସୁଲେଇ ସାହି, ମାରୁତି ନଗର, ନାୟକ ସାହି, ଡିହତକ ସାହି, ରାମ ଗାଦି, ଗ୍ରହ ବିପ୍ରସାହି, ଯୁବକ ସଂଘ, ବାର୍ମି ସାହି, ଗଳିସାହି (ସାହୁଲେନ), ବଡ ଚଉରାଛକ, ଲେଙ୍କା ସାହି ଓ ଦେବେନ୍ଦ୍ର ନଗର ଆଦି ମଣ୍ଡପରେ ବିଭିନ୍ନ ଦେବଦେବୀଙ୍କ ମୂର୍ତ୍ତି ପୂଜା ପାଇବେ । ପୂଜାର ପ୍ରସ୍ତୁତି ବୈଠକ ଏଯାବତ୍ ହୋଇ ନଥିବା ବେଳେ କୋଭିଡ୍ କଟକଣା ମଧ୍ୟରେ ପୂଜା ଓ ବିସର୍ଜନ ସମାହିତ ହେବ ବୋଲି ଜଣା ପଡିଛି ।

# ପଡାଗ୍ରାମକୁ ରାଜସ୍ୱ ଗ୍ରାମ କରିବା ନିମନ୍ତେ ବୈଠକ



**ରଘୁନାଥପୁର(ସଂପର୍କବାର୍ତ୍ତା):** ଜଗତସିଂହପୁର ଜିଲ୍ଲା ରଘୁନାଥପୁର ତହସିଲର ରେଢୁଆ ରାଜସ୍ୱ ଗ୍ରାମର ପଡାଗ୍ରାମ ବାରଡିରାକୁ ଏକ ରାଜସ୍ୱଗ୍ରାମରେ ପରିଣତ କରିବାର କାର୍ଯ୍ୟକ୍ରମରେ ରଘୁନାଥପୁର ତହସିଲଦାର ରୂପାଲିକା ଦାଶଙ୍କ ସଭାପତିତ୍ୱରେ ଏକ ସଭା ବାରଡିରା ସ୍ଥ ଶ୍ରୀ ଶ୍ରୀ ଗୋସେଇଁ ଙ୍କ ପ୍ରାଙ୍ଗଣରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପଡା ଗ୍ରାମଟିଏ ରାଜସ୍ୱ ଗ୍ରାମରେ ପରିଣତ ହେବାର କାଯ୍ୟଧାରା ତାର ଆବଶ୍ୟକତା,ସୁବିଧା ସୁଯୋଗ ସମ୍ବନ୍ଧରେତହସିଲର କ୍ଷେତ୍ର ପରିଦର୍ଶନ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ସଭାର କର୍ଯ୍ୟକ୍ରମ ରେଢୁଆଗ୍ରାମର ସମାଜସେବୀ ଗୋବିନ୍ଦ ଓଝା ଅତିଥି ପରିଚୟ ପ୍ରଦାନ କରିଥିଲେ । ରେଢୁଆ(ନୂଆଗଡ)ର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିଜନ କୁମାର ମହାପାତ୍ର,ରେଢୁଆ ମଜୁରାଇ ର ନିରଞ୍ଜନ ବାରିକ ବାରଡିରାର ରାଜସ୍ୱ ଗ୍ରାମରେ ପରିଣତ ହେବାକୁ ସ୍ୱାଗତ କରିଥିଲେ । ଗ୍ରାମର ବରିଷ୍ଠ ନାଗରିକ ମନ୍ଦରଧର ନାୟକ,ରବିନ୍ଦ୍ର ନାଥ ବେହେରା,ବଳରାମ ନାୟକ,ନବକିଶୋର ନାୟକ,କିଶୋର କୁମାର ସ୍ୱାଇଁ,ରାଜକୁମାର ନାୟକ ସେମାନଙ୍କର ଅଭିଭାଷଣ ରଖିଥିଲେ । ପୂର୍ବତନ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ଖୁବ୍ ଶୀଘ୍ର ଶେଷ କରାଯିବାର ପ୍ରତିଶୃତି ଦେବା ସହ ଗ୍ରାମର ଅନ୍ୟାନ୍ୟ ସମସ୍ୟା ଗୁଡିକ ପ୍ରତି ନିରାକରଣ ପ୍ରତି ଦୃଷ୍ଟି ଦେବା ପାଇଁ ତହସିଲଦାର ରୂପାଲିକା ଦାଶ ତାଙ୍କ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ୱାର୍ଡସଭ୍ୟ ବନ୍ଧୁଚରଣ ନାୟକ,ନୟନା ବେହେରା,ନଳିନୀ ପ୍ରଭା ଦାସଙ୍କ ଆବାହନରେ ଆୟୋଜିତ ହୋଇଥିଲା । ଶେଷରେ ବିଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# କଟକ ସହରାଞ୍ଚଳ ପୋଲିସ ପକ୍ଷରୁ ସାଇବର ସୁରକ୍ଷା ପାଇଁ ସଚେତନା




**କଟକ(ସଂପର୍କବାର୍ତ୍ତା):-** କଟକ କନ୍ଦରପୁରଥାନା ତତ୍ତ୍ୱାବଧାନରେ ସିନିୟର ସିଟିଜନମାନଙ୍କ ପାଇଁ ଏକ ସାଇବର ଆୱାରନେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବର୍ତ୍ତମାନ ସମୟରେ ମନୁଷ୍ୟ ତାର କାର୍ଯ୍ୟ ଭାର କମାଇବା ପାଇଁ ଟେକ୍ନୋଲୋଜି ଉପରେ ନିର୍ଭର କରୁଛି । ସମସ୍ତ ଜରୁରୀ କାର୍ଯ୍ୟ ଇଣ୍ଟରନେଟ ଓ କମ୍ପୁଟର ମାଂଧମରେ ଖୁବ କମ ସମୟରେ ହୋଇପାରୁଛି । ସବୁଠାରୁ ବଡ କଥା ହେଲା ଏହି ସମୟରେ ଆମେମାନେ ବିଶେଷ ସମାଧନତା ଅବଲମ୍ବନ କରିବା ଦରକାର ଟିକେ ସତର୍କତା ଅବଲମ୍ବନ ନ କଲେ ସାଇବର ଅପରାଧୀଙ୍କ ଠକାମିର ଶିକାର ହେବା କୁପଡିବ ଆମେ କିପରି ସାଇବର ଠକାମୀର ଶିକାର ନ ହେବା ସେଥିପାଇଁ ଆଜି କଟକ ସହରାଂଚଳ ପୁଲିସ ଜିଲ୍ଲାର ସାଇବର ସେଲ ଅଧିକାରିଣୀ ଇନ୍ସପେକ୍ଟର ରେଣୁବାଳା ତ୍ରିପାଠୀ କନ୍ଦରପୁର ଥାନା ଅଧିକାରୀ ବିପନି ବିହରୀ ହୋତା,ସାଇବର ସୁରକ୍ଷା ପାଇଁ ବରିଷ୍ଠ ନାଗରିକମାନଙ୍କୁ ସଚେତନ କରାଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ କନ୍ଦରପୁର ଅଂଚଳର ବହୁ ବରିଷ୍ଠ ନାଗରିକ ଉପସ୍ଥିତ ରହିଥିଲେ । ବରିଷ୍ଠ ନାଗରିକମାନେ ସାଇବର ଉପରେ ଅଧିକ ଜାଣିବ ପାଇଁ ସାଇବର ସେଲ ଅଧିକାରୀକୁ ପ୍ରଶ୍ନ କରି ଅଧିକ ସଚେତନ ହୋଇଥିଲେ ।

# କରୋନାକୁ ନେଇ ଏମିତି କହିଲେ ଡିଏମଇଟି ସିବିକେ ମହାନ୍ତି



**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଦିନକୁ ଦିନ କରୋନା ସଂକ୍ରମଣ ହ୍ରାସ ପାଉଥିବାବେଳେ କରୋନାରୁ ଏପର୍ଯ୍ୟନ୍ତ ଆସେ ସଂପୂର୍ଣ୍ଣ ଭାବେ ମୁକ୍ତ ହୁଏନାହୁଁ । ତେବେ ଆଜି କରୋନା ନେଇ ପ୍ରତିକ୍ରିୟା ରଖିଛନ୍ତି ଡିଏମିଟି ସିବିକେ ମହାନ୍ତି । ସେ କହିଁନ୍ତି କରୋନାକୁ ନେଇ ଏମିତି ଦେଶରେ ଏବେ କରୋନା ସଂକ୍ରମଣ ସେତେ ଅଧିକ ନଥିଲେ ବି କିଛି କିଛି ରାଜ୍ୟରେ କରୋନା ସଂକ୍ରମଣ ବଢୁଥିବା ଦେଖାଯାଉଛି । ଓଡିଶାରେ ଏବେ ସଂକ୍ରମଣ ସ୍ଥିର ଥିବା ବେଳେ ଏହାକୁ କମ କରିବା ପାଇଁ କରୋନା କଟକଣାକୁ କଡାକଡି ଭାବେ ପାଳନ କରିବାକୁ ପଡିବ ବୋଲି ସିବିକେ ମହାନ୍ତି କହିଛିନ୍ତି । ଦେଶରେ ସଂକ୍ରମଣ ବଢିବାର ମୁଖ୍ୟତଃ ଦୁଇଟି କାରଣ ହୋଇପାରେ ବୋଲି ସେ କହିଛନ୍ତି ।ଗୋଟେ ହେଲା ଲୋକମାନେ କିପରି ନିୟମ ମାନୁଛନ୍ତି ଓ ଆଉ ଗୋଟେ ହେଲା ଭୂତାଣୁର ଗୁଣସୂତ୍ର ପରିବର୍ତ୍ତନ ହେବା କିନ୍ତୁ ଗଲା ୭ ଦିନ ଭିତରେ ରାଜ୍ୟରେ ସଂକ୍ରମଣ ୪୦୦ରୁ ୬୦୦ଭିତରେ ରହୁଛି । ତେବେ ବିଶ୍ୱର କିଛି ଦେଶରେ ସଂକ୍ରମଣ ବଢିଥିଲେ ବି ଓଡିଶାରେ ସଂକ୍ରମଣ ସ୍ଥିର ରହିଛି । ଏହା ସହିତ ସେ ଆହୁରି ମଧ୍ୟ କହିଛନ୍ତୁି ଯେ ପର୍ଯ୍ୟନ୍ତ କରୋନା ପୂର୍ଣ୍ଣ ରୂପେ ପ୍ରତିହତ ନ ହୋଇଛି ସେ ପର୍ଯ୍ୟନ୍ତ କଡାକଡି ନିୟମ ପାଳନ କରିବାକୁ ପଡିବ ।ଅନ୍ୟ ରାଜ୍ୟକୁ ଯାତ୍ରା କରିବା ପାଇଁ ଯେହେତୁ ସେତେଟା କଟକଣା ନାହିଁ, ତେଣୁ ଏ ଦିଗ ଉପରେ ମଧ୍ୟ ଲୋକଙ୍କୁ ଧାନ ଦେବାକୁ ପଡିବ । ଟେଷ୍ଟିଙ୍ଗ, ଟ୍ରାକିଙ୍ଗ, ଟିଟ୍ରମେଣ୍ଟ ଉପରେ ଆହୁରି ଆହୁରି ଅଧିକ ଗୁରୁତ୍ୱ ଦେବାକୁ ପଡିବ । ଏଥିପାଇଁ ଓଡିଶା ସବୁ କ୍ଷେତ୍ରରେ ପ୍ରସ୍ତୁତ ଅଛି ବୋଲି ସେ କହୁଛନ୍ତି ।ଅନ୍ୟପଟେ ଦଶହରା ପରେ ପଶ୍ଚମବଙ୍ଗରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ହୁ ହୁ ହୋଇ ବଢିବାରେ ଲାଗିଛି ।

# ମାସ୍କ ଓ ହେଲ୍‌ମେଟ୍ ଚେକିଂରେ ୧ କୋଟିର ବ୍ରାଉନ୍‌ସୁଗାର ଜବତ



**ଭଦ୍ରକ(ସଂପର୍କବାର୍ତ୍ତା):-** ବିନା ମାସ୍କ ଓ ହେଲ୍‌ମେଟ୍‌ରେ ଗାଡି ଚଳାଉଥିଲେ । ଧରିନେଲା ପୋଲିସ୍, ଆଉ ଚେକିଂ କରୁ କରୁ ବାହାରିଲା ବିପୁଳ ପରିମାଣର ବ୍ରାଉନ୍‌ସୁଗାର । ଯାହାର ଆନୁମାନିକ ମୂଲ୍ୟ ୧ କୋଟି ଟଙ୍କାରୁ ଅଧିକ ହେବ ବୋଲି କୁହାଯାଉଛି । ଭଦ୍ରକ ଗ୍ରାମାଞ୍ଚଳ ପୋଲିସ୍‌କୁ ମିଳିଛି ଏହି ସଫଳତା । ପୋଲିସ୍ ଏହି ମାମଲାରେ ୨ଜଣଙ୍କୁ ଗିରଫ କରିଛି । ଖବରରୁ ପ୍ରକାଶ ଭଦ୍ରକ-ଆନନ୍ଦପୁର ୫୩ ନଂ ରାଜ୍ୟ ରାଜପଥର ରାନ୍ଧିଆ ପାୱାରପ୍ଲାଣ୍ଟ ଛକ ନିକଟରେ ଗ୍ରାମାଞ୍ଚଳ ପୋଲିସ୍‌ର ଚେକିଂ ଚାଲିଥିଲା । ତେବେ ପୂର୍ବରୁ ବ୍ରାଉନ୍‌ସୁଗାର ଚାଲାଣ ବିଷୟରେ ପୋଲିସ୍ ଖବର ପାଇଥିଲା । ଏହି ସମୟରେ ୨ଜଣ ଏକ ବାଇକ୍‌ରେ ବିନା ମାସ୍କ ଓ ବିନା ହେଲ୍‌ମେଟ୍‌ରେ ଆସୁଥିବାର ଦେଖି ପୋଲିସ୍ ମାଡିବସିଥିଲା । ପରେ ପୋଲିସ୍ ଉଭୟଙ୍କୁ କାବୁ କରି ଚେକିଂ କରିଥିଲା । ଚେକିଂ କରୁ କରୁ ୨ଜଣଙ୍କ ନିକଟରୁ ମିଳିଥିଲା ବିପୁଳ ପରିମାଣର ବ୍ରାଉନ୍‌ସୁଗାର । ଜବତ ବ୍ରାଉନ୍‌ସୁଗାରର ପରିମାଣ ୧ କିଲୋ ୩୦ଗ୍ରାମ ହେବ । ଯାହାର ଆନୁମାନିକ ମୂଲ୍ୟ ୧ କୋଟି ୩ଲକ୍ଷ ଟଙ୍କା ହେବ ବୋଲି ଏସ୍‌ପି ଚରଣ ସିଂ ମିନା ସୂଚନା ଦେଇଛନ୍ତି । ବ୍ରାଉନ୍‌ସୁଗାର ଚାଲାଣ ବେଳେ ଗିରଫ ହୋଇଥିବା ଅଭିଯୁକ୍ତ ହେଲେ ଭଦ୍ରକ ଗ୍ରାମାଞ୍ଚଳ ଥାନା ହାସିନ୍‌ପୁର ଅଞ୍ଚଳର ଶ୍ରୀକାନ୍ତ ପ୍ରଧାନ ଓ ଅରୁଣ ସେଠୀ । ତେବେ ସେମାନେ କେଉଁଠାରୁ ଏତେ ପରିମାଣର ବ୍ରାଉନ୍‌ସୁଗାର ଆଣିଥିଲେ ଓ କେଉଁ ସ୍ଥାନକୁ ନେଇ ଯାଉଥିଲେ ସେ ନେଇ ପୋଲିସ୍ ଏବେ ତଦନ୍ତ ଆରମ୍ଭ କରିଛି । ଏ ବ୍ରାଉନ୍‌ସୁଗାର ଜଳେଶ୍ୱରରୁ ଗଣିଜାଙ୍ଗ ଅଭିମୁଖେ ଯାଉଥିବା ଜଣାପଡିଛି ।




ଓଡ଼ିଶା ମେଡିକାଲ୍ କର୍ମଚାରୀ ସଂଘ ପକ୍ଷରୁ "ସଂପର୍କବାର୍ତ୍ତା" ଖବରକାଗଜର କଟକ ଜିଲ୍ଲା ସାମ୍ବାଦିକ ତପନ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

# ଶୀତଦିନେ ମୂଳା ଖାଇବା ଭୁଲନ୍ତୁ ନାହିଁ, ମିଳିଥାଏ ଏହିସବୁ ଫାଇଦା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଶୀତଦିନେ ମୂଳା ଖାଇବା ଶରୀର ପାଇଁ ବହୁତ ଲାଭଦାୟକ ହୋଇଥାଏ । ଥଣ୍ଡା ସିଜିନରେ ମୂଳା ସବୁଆଡେ ପ୍ରାୟତଃ ଲପଲବ୍ଧ ହୋଇଥାଏ ମୂଳାରେ କ୍ୟାଲସିୟମ୍ ,ଫାଇବର, ମ୍ୟାଗ୍ନେସିୟମ ଓ ଭିଟାମିନ୍-ଓ ଆଦି ରହିଛି । ତେଣୁ ଏହା ଶରୀରରେ ହଜମ କ୍ରିୟାକୁ ଠିକ ରଖିବାରେ ସହାୟକ ହୋଇଥାଏ । ଆସନ୍ତୁ ଜାଣିବା ମୂଳା ଖାଇଲେ କଣ ସବୁ ଫାଇଦା ମିଳିଥାଏ।



ମୂଳାକୁ ସାଲାଡ ଭାବରେ ଖାଇବା ଦ୍ୱାରା ଶରୀରରେ ସୃଷ୍ଟି ହେଉଥିବା ପଥର ତରଳିଯିବା ସହ ବାହାରି ଯାଇଥାଏ ।ଲ୍ୟୁକୋରଆ ରୋଗରେ ଆକ୍ରାନ୍ତ ଥିବା ବ୍ୟକ୍ତି ମୂଳା ରସ ଓ ପତ୍ର ଖାଇବା ଉଚିତ । ଏଥିସହ ମୂଳା ରସ ଓ ପତ୍ର ଖାଇବା ଉଚିତ । ଏଥିସହ ମୂଳା ହୃଦରୋଗର ଆଶଙ୍କାକୁ ହ୍ରାସ କରିଥାଏ । ମୂଳା ଶରୀରକୁ ପୋଟାସିୟମ୍ ଯୋଗାଉଥିବାରୁ ଏହା ରକ୍ତଚାପକୁ ହ୍ରାସ କରିବାରେ ସାହାଯ୍ୟ କରିଥାଏ ।ଏଥିରେ ଭିଟାମିନ୍-ସି ଥିବାରୁ ଏହା ଥଣ୍ଡା ଓ କାଶରୁ ରକ୍ଷା କରିଥାଏ ।

# ଶୀତଦିନେ ଶରୀର ପାଇଁ ବରଦାନ ସଦୃଶ ହୋଇଥାଏ ସୋରିଷ ତେଲ, ଜାଣନ୍ତୁ ଏହାର ଫାଇଦା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସୋରିଷ ତେଲ ପ୍ରତ୍ୟେକ ଲୋକଙ୍କ ଘରେ ମିଳିଥାଏ । ସୋରିଷ ତେଲକୁ ସାଧାରଣତଃ ଅଧିକାଂଶ ଲୋକ ରୋଷଇରେ ବ୍ୟବହାର କରିଥାନ୍ତି । ଏହା କେବଳ ଖାଦ୍ୟ କୁ ସ୍ୱାଦିଷ୍ଟ କରେ ତାହା ନୁହେଁ , ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ମାତ୍ରାରେ ବ୍ୟବହାର କରାଯାଇଥାଏ।



ପୁରାତନ କାଳରେ ରୋଗ ସଂକ୍ରମଣରୁ ଦୂରେଇବା ପାଇଁ ପିଲାମାନଙ୍କ ଶରୀରରେ ଏହିତେଲରେ ଅନେକ ଉପକାରୀ ଗୁଣ ଭରି ରହିଛି ଉତ୍ତର ଭାରତରେ ଏହାକୁ ଅଧିକ ମାତ୍ରରେ ବ୍ୟବହାର କରାଯାଇଥାଏ । ସୋରିଷ ତେଲ ଆପଣଙ୍କ ଭୋକ ବଢାଇବାରେ ସାହାର୍ଯ୍ୟ କରିଥାଏ । ଯଦି ଆପଣଙ୍କୁ ଭୋକ ହେଉନାହିଁ , ତେବେ ଆପଣ ଏହା ତେଲକୁ ଉପଯୋଗ କରିପାରିବେ । ଏଥିସହ ଏହାଦ୍ୱାରା ଆମର ପାଚନ ଶକ୍ତି ଠିକ୍ ଭାବେ କାର୍ଯ୍ୟ କରିଥାଏ । ଏଥିରେ ଥାୟାମିନ, ନିଆସିନ ପରି ଭିଟମିନ୍ ପରି ଭିଟାମିନ୍ ରହିଥାଏ , ଯାହା ଓଜନ ହ୍ରାସରେ ସହାୟକ ହୋଇଥାଏ ସୋରିଷ ତେଲକୁ ମାଲିସ କରିବା ଦ୍ୱାରା ଶରୀରରେ ଅତିରିକ୍ତ ଚର୍ବି ହ୍ରାସ ଘଟିଥାଏ ।

# ଭିଟାମିନ ବି-୧୨ଅଭାବର ଲକ୍ଷଣ; ସ୍ମରଣ ଶକ୍ତି ହ୍ରାସ ପାଇବା ସହ ଦେଖା ଦେଇଥାଏ ଏହିସବୁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଯଦି ଆପଣ ଭିଟାମିନ୧୨ ଅଭାବ ଜନିତ ସମସ୍ୟାର ସମ୍ମୁଖିନ ହେଇଛନ୍ତି ଆପଣଙ୍କୁ ଦେଖାଦେଇପାରେ ଏହି ରୋଗ ଓ ଲକ୍ଷଣ ! ଭିଟାମିନ୍ ବି-୧୨ ଆମ ଶରୀରର ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱ ପୁଷ୍ଟିକର ଉପାଦନ । ଯାହା ମସ୍ତିଷ୍କ ଠାରୁ ଆରମ୍ଭକରି ହାଡ ପର୍ଯ୍ୟନ୍ତ ଶରୀରର ସମସ୍ତ କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ । ଏହା ଏପରି ଭିଟାମିନ୍ ଯାହା ଆମ ଶରୀରରୁ ସହଜରେ ସରିଯାଇପାରେ । ପରିସଂଖ୍ୟାନ ଏହା ଦର୍ଶାଏ ଯେ ଭିଟାମିନ୍ ବି-୧୨ର ଅଭାବ ଏକ ସାଧାରଣ ରୂପ ।ଯେଉଁଥିରେ ୧୫%ରୁ ଅଧିକ ଲୋକଙ୍କର ଭିଟାମିନ୍ ଅଭାବର ସୀମାରେଖା ନିକଟରେ ଅଛନ୍ତି




ଭିଟାମିନ୍ ବି-୧୨ ହେଉଛି ଏକ ମୁଖ୍ୟ ପୋଷକ ତତ୍ତ୍ ଯାହା ଆମ ଶରୀରର ମୂଳ ସ୍ତରର କାମକୁ ସମର୍ଥନ କରିଥାଏ । ଏହା ରକ୍ତ ସ୍ନାୟୁ ଓ କୋଷକୁ ସୁସ୍ଥ ରଖିବା ସହ (ଡିଏନଏ) ଉତ୍ପାଦନକୁ ସହଜ କରିଥାଏ। ଯେହେତୁ ଆମ ଶରୀର ପ୍ରକୃତିକ ଭାବରେ ଭିଟାମିନ(ବି-୧୨) ଉତ୍ପାଦନ କରିପାରେ ନାହିଁ , କେବଳ କିଛି ମାଂଧମରେ ଏହା ପାଇବା ସମ୍ଭବ ହୋଇଥାଏ । ଯାହା ମଂଧରୁ କେତେକ ପ୍ରାଣୀଜାତ ଖାଦ୍ୟ ଓ ସାମୁଦ୍ରିକ ଖାଦ୍ୟରୁ ମିଳିଥାଏ । ଏହା ସ୍ୱଭାବିକ ଭାବେ ତିଆରି ହୁଏ। ସେଥିପାଇଁ ଆମଶରୀର ଭିଟାମିନ୍ ବି-୧୨ ସ୍ତରକୁ କମିବା ଅତି ସହଜ ହୋଇଥାଏ।

ବିଶେଷକରି ଅଳ୍ପ ଖାଉଥିବା ବ୍ୟକ୍ତି ମାନେ ଏହି ଭିଟାମିନ୍ ଅଭାବରୁ ଅଧିକ ଦୁର୍ବଳ ହୋଇପଡନ୍ତି। ଏହି ଅତ୍ୟାବଶ୍ୟକ ଭିଟାମିନର ଉପକାରିତାକୁ ସହଜରେ ଅଣଦେଖା କରାଯାଇପାରିବ ନାହିଁ ଯେତେବେଳେ ଏହି ଭିଟାମିନ୍ ସ୍ତର ଶରୀରରେ କମ ହୋଇଯାଏ ସେତେବେଳେ ଶରୀରର ନିୟମିତ ରକ୍ତ ପ୍ରବାହ ମଧ୍ୟ ବାଧାପ୍ରପ୍ତ ହୋଇଥାଏ ଯେତେବେଳେ ଭିଟାମିନ୍ ଯେତେବେଳେ ଭିଟାମିନ୍ ୧୨ସ୍ତର କମି ଯାଏ ।ଶରୀର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡିକ ମଧ୍ୟ ବନ୍ଦ ହୋଇଯାଇପାରେ। ଭିଟାମିନ୍ ବି-୧୨ ପାଇଁ ପ୍ରକୃତିକ ଖାଦ୍ୟ ଯେପରିକି ସାମୁଦ୍ରିକ ଖାଦ୍ୟ, ଅଣ୍ଡା ,କୁକୁଡା ଓ କିଛି ପ୍ରକାରର କ୍ଷତି ଉପରେ ନିର୍ଭର କରାଯାଏ । ଏହିପରି କେତେକ ଉଦ୍ଭିଦ ଭିତ୍ତକ ଖାଦ୍ୟ ପନିପରିବା,ଫଳ ଓ ଲେମ୍ବରେ ଭିଟାମିନ୍ ବି-୧୨ ଥାଏ। ଶାକାହାରିମାନେ ଏହି ଅଭାବର ବିକାଶ ପାଇଁ ଆମିଶାଷିଙ୍କ ଅପେକ୍ଷା ଅଧିକ ବିପଦରେ ରହିଥାଆନ୍ତି।

ଯଦି ଆପଣ ପପିଲା ହରାଇ ପାରନ୍ତି, ଯାହା ଜିଭରେ ଥିବା ଛୋଟ ସ୍ୱାଦର ତନ୍ତ୍ରିକା ଯଦି ଏଭଳି ହୁଏ ଆପଣ ନିଶ୍ଚିତ ଭାବେ ଗଳାରେ ଯନ୍ତ୍ରଣା ଅନୁଭବ କରିବେ । ଆପଣଙ୍କ ସ୍ୱାଦରେ ପରିବର୍ତ୍ତନ ଲକ୍ଷ କରିବେ ।ଭିଟାମିନ୍ ବି-୧୨ କମ୍ ହେବାର ଆଉ ଏକ ଲକ୍ଷ ଣ ହେଲା ମାନସିକ ରୋଗ ସହ ଶକ୍ତି ହ୍ରାସ ପାଇବା ଯେହେତୁ ଭିଟାମିନ୍ ବି-୧୨ ଆମ ଶରୀରରେ ସ୍ନାୟବିକ କାର୍ଯ୍ୟକୁ ନିୟନ୍ତ୍ରଣ କରେ ଏହାର କମି ସିଧାସଳଖ ମାନସିକ ସ୍ୱାସ୍ଥ୍ୟ ଓ କାର୍ଯ୍ୟରେ ସମସ୍ୟା ସୃଷ୍ଟି କରିପାରେ। ମସ୍ତିଷ୍କରେ ଥିବା ସ୍ନାୟୁରେ କୌଣସି କ୍ଷତି କିମ୍ବା ସ୍ମୃତି ଶକ୍ତି ହ୍ରାସ, ବିବ୍ରତତା ଭଳି ସମସ୍ୟା ସୃଷ୍ଟି କରିପାରେ କିମ୍ବା କୌଣସି ଜିନିଷକୁ ମନେ ରଖିବା କଷ୍ଟକର ହୋଇପାରେ । ଯଦି ଆପଣଙ୍କ ଶରୀରରେ ଭିଟାମିନ୍ ବି-୧୨ ହ୍ରାସ ହୁଏ ,ତେବେ ଆପଣ ହୃଦସ୍ପନ୍ଦନରେ କଷ୍ଟ ଅନୁଭବ କରିବେ । ଯେତେବେଳେ ଏହାର ଅଭାବ ହୁଏ ହୃତପିଣ୍ଡ କାମ କରିବା କଷ୍ଟକର ହୋଇଥାଏ । ଏହା ଦ୍ୱାରା ଆମ ଶରୀରରେ ଆରବିସି ସ୍ତର ଶୀଘ୍ର ନଷ୍ଟ ହୋଇଯାଏ । ଏହି ପ୍ରକ୍ରିୟା ହେଉଛି ଶରୀରର ସମସ୍ତ ସ୍ଥାନକୁ ଯଥେଷ୍ଟ ପରିମାଣର ଅମ୍ଳଜାନ ପ୍ରବାହିତ ହେବା ଓ ସମସ୍ତ ଅଙ୍ଗରେ ପହଞ୍ଚିବା ସୁନିଶ୍ଚିତ ଉପାୟ । ଯାହା ଫଳରେ ଆପଣ ମଧ୍ୟ ନିଶ୍ୱାସ ନେବାରେ ଅସୁବିଧାର ସମ୍ମୁଖୀନ ହେବେ ।

# ଯାହାର ନିଦ ଭୋର ୩ ରୁ ୫ ଟା ଭିତରେ ଭାଙ୍ଗିଯାଏ ସେମାନେ ଏହାକୁ ଥରେ ନିଶ୍ଚୟ ଦେଖନ୍ତୁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଶାସ୍ତ୍ର ଅନୁଯାୟୀ କୁହାଯାଇଅଛି ଯେ , କୌଣସି ବ୍ୟକ୍ତି ର ନିଦ ସକାଳ ୩ ଟାରୁ ୫ଟା ମଧ୍ୟରେ ଭାଙ୍ଗିଯାଇଥାଏ ତେବେ ଏହାର ପଛରେ କୌଣସି ନା କୌଣସି ଶକ୍ତିର ଈଶାରା ଲୁଚି ରହିଥାଏ । ଆସନ୍ତୁ ବର୍ତ୍ତମାନ ଜାଣିନେବା ଏହା ପଛରେ ଥିବା ରହସ୍ୟ ସମ୍ବନ୍ଧରେ । କେତେକ ସମୟରେ ଏପରି ହୋଇଥାଏ ଯେ ଜଣେ ବ୍ୟକ୍ତି ଶୋଇବା ସମୟରେ ହଟାତ ରାତି ଅଧରେ ସେହି ବ୍ୟକ୍ତିର ନିଦ ଭାଙ୍ଗିଯାଇଥାଏ । ମାତ୍ର ଯଦି ଆପଣଙ୍କ ନିଦ ଏପରି ହଟାତ ଭାଙ୍ଗି ଯାଉଅଛି ଆପଣ ଏହାକୁ ଅଣରଦେଖା କରନ୍ତୁ ନାହିଁ । ଏହା ପଛରେ ବହୁତ ସାରା ସଂକେତ ଲୁଚି ରହିଥାଏ । ଯଦି ଆପଣଙ୍କର ନିଦ ସକାଳ ୩ରୁ୫ ମଧ୍ୟରେ ଭାଙ୍ଗୁଥାଏ ତେବେ ଏହି ସମୟକୁ ବ୍ରହ୍ମ ମୂହୁର୍ତ୍ତ କୁହାଯାଇଥାଏ । ଏହି ସମୟକୁ ଦୟିବି ଶକ୍ତିର ସମୟ କୁହାଯାଏ । ମାତ୍ର ଆପଣ ମାନଙ୍କୁ ଏହି ସବୁକୁ କେବଳ ବୁଝିବା ପାଇଁ ଆବଶ୍ୟକ ହୋଇଥାଏ ଏହା ସହିତ ସେହି ଆଲୋକିତ ଶକ୍ତି କେବଳ ସେମାନଙ୍କୁ ନିଦରୁ ଉଠାଇ ଦେଇଥାନ୍ତି ଯେଉଁ ମାନଙ୍କୁ ଏମାନେ ଖୁବି ଦେଖିବାକୁ ଚାହିଁଥାନ୍ତି । ଏହାର ଅର୍ଥ ଯଦି ଆପଣଙ୍କ ନଦି ୩



ଟାରୁ ୫ ଟା ମଧ୍ୟରେ ଖୋଲିଯାଇଥାଏ , ତେବେ ଏହି ଶକ୍ତି ଆପଣଙ୍କୁ ନାନା ପ୍ରକାରର ଖୁସି ଦେଖଇଥାନ୍ତି । ଏହି ସମୟରେ ଆପଣଙ୍କ ନିଦ ଭାଙ୍ଗିବାର ଅର୍ଥ ହେଉଛି ଆପଣଙ୍କ ଘରେ ଧନ ର ବୃଦ୍ଧି ହେବା ର ସମ୍ଭାବନା ରହିଅଛି । ଏହା ସହିତ ଆପଣଙ୍କ ଘରେ ଆନନ୍ଦ ର ଲହରୀ ଖେଳିବାକୁ ଯାଉଅଛି । ଏହା ସହିତ ଆପଣଙ୍କ ମନ ନିମନ୍ତେ ନୁହେଁ, ବରଂ ଏହା ଆପଣଙ୍କ ସ୍ୱାସ୍ଥ୍ୟ ନିମନ୍ତେ ମଧ୍ୟ ବହୁତ ଭଲ କଥା ଅଟେ । ମାତ୍ର ସକାଳୁ ଉଠିବା ଦ୍ୱାରା କିଛି ଧାର୍ମିକ ଲାଭ ମଧ୍ୟ ହୋଇଥାଏ । ଯେଉଁମାନେ ସକାଳୁ ଉଠିଥାନ୍ତି ସେମାନେ ସର୍ବଦା ସତେଜ ରହିଥାନ୍ତି । ଏହା ସହିତ ସକାଳୁ ଭୋରରି ଉଠୁଥିବା ପ୍ରକୃତିର ଭରପୁର ଆନନ୍ଦ ମଧ୍ୟ ନେଇଥାନ୍ତି । ଏଥି ନିମନ୍ତେ ଯଦି ଆପଣଙ୍କ ନିଦ ସକାଳୁ ୩ ଟାରୁ୫ ଟା ମଧ୍ୟରେ ଖୋଲିଯାଇଥାଏ ତେବେ ଆପଣ ବାସ୍ତବ ରେ ଅଧିକ ଭାଗ୍ୟଶାଳୀ ଅଟନ୍ତି । ବନ୍ଧୁଗଣ ଏହି ଦୁନିଆରେ ଏଭଳି କିଛି ଲୋକ ଅଛନ୍ତି ଯେଉଁ ମାନେ ଶାସ୍ତ୍ର ଅନୁଯାୟୀ କୌଣସି ବିଷୟର ବିଶ୍ୱାସ କରନ୍ତି ନାହିଁ । ମାତ୍ର ଆପଣ ମାନେ ଜାଣି ରଖନ୍ତୁ ଯେ ଶାସ୍ତ୍ର ଅନୁଯାୟୀ କୌଣସି କଥା ବିନା ଉଦେଶ୍ୟରେ କୁହାଯାଇନଥାଏ ।

# ପ୍ରତିଦିନ ଖାଇବାକୁ ପଡିବ ନାହିଁ ବିପି ମେଡିସିନ; ଏହିସବୁ ଅଭ୍ୟାସ କୁ ନିୟମିତ ପାଳନ କରନ୍ତୁ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ହାଇ ବ୍ଲଡ ପ୍ରେସର୍ କୁ ଶାଇଲେଣ୍ଟ କିଲର କୁହାଯାଏ । ଏହାର ସାଧାରଣତଃ କୌଣସି ଲକ୍ଷଣ ଦେଖିବାକୁ ମିଳି ନଥାଏ । ଅଧିକଂାଶ ସମୟରେ ହୃଦ୍‌ରୋଗ ମଧ୍ୟ ରକ୍ତ ଚାପ ର କାରଣ ହୋଇଥାଏ । ବିଶେଷ ମାନଙ୍କ ମତରେ ଆପଣଙ୍କ ହାର୍ଟ କେତେ ବ୍ଲଡ ପମ୍ପ କରିଥାଏ ତାହା ଉପରେ ହାର୍ଟ ଆଟାକ୍ ର କାରଣ ହୋଇଥାଏ । ତେଣୁ କିଛିଟା ଜିନିଷକୁ ଆଖି ଆଗରେ ରଖି ବିଶେଷ ଭାବରେ ନିଜର ଶରୀରର ଯତ୍ନ ନେଇ




ପାରିବା ଓଜନ ନିୟନ୍ତ୍ରଣ କରିବା ନିହାତି ଆବଶ୍ୟକ । ସପ୍ତାହକୁ ନିହାତି କିଛି ମାତ୍ରାରେ ଓଜନ ହ୍ରାସ ହେବା ଆବଶ୍ୟକ । ଗବେଷାଣା ରୁ ଜଣାପଡିଛି ଯେ ଓଜନ ବୃଦ୍ଧି ରକ୍ତଚାପ ଓ ହାର୍ଟ ଅଟାକ୍ ର ଗୋଟିଏ ମୁଖ୍ୟ କାରଣ ଅଟେ । ଉଚ୍ଚ ରକ୍ତଚାପ ରୋଗୀ ମାନେ ପ୍ରୋସେସ୍ ଫୁଡ୍ ନିୟମିତ ଖାଇବା ଉଚିତ୍ ନୁହେଁ । ଏଥିରେ ଲୁଣ ଓ ଚିନିର ମାତ୍ରା ଖୁବ୍ ଅଧିକ ରହିଥାଏ । ଯାହାଉଚ୍ଚ ରକ୍ତଚାପ ରୋଗୀଙ୍କ ପାଇଁ କ୍ଷତିକାରକ । ଉଚ୍ଚ ରକ୍ତଚାପ ରୋଗୀ ମାନେ ଧୂମ୍ର ପାନ ଠାରୁ ନିହାତି ଦୂରେଇ ରହିବା ଆବଶ୍ୟକ । ଧୂମ୍ର ପାନ ଅସ୍ଥାୟୀ ଭାବରେ ରକ୍ତଚାପ କୁ ବୃଦ୍ଧି କରିଥାଏ । ସମସ୍ତଙ୍କ ଜୀବନରେ ପ୍ରାୟ ଚିନ୍ତା ସବୁବେଳେ ନଚେତ୍ ବେଳେବେଳେ ଦେଖିବାକୁ ମିଳିଥାଏ । ଯେଉଁ କାରଣରୁ ରକ୍ତଚାପ ବୃଦ୍ଧି ହେବା ଗୋଟିଏ ସାଧାରଣ ଲକ୍ଷଣ ଭାବରେ ଦେଖା ଦେଇଥାଏ । ତେଣୁ ଚିନ୍ତା ଓ ମାନସିକ ଚାପ ସର୍ବଦା ନିୟନ୍ତ୍ରିତ କରିବା ଉଚିତ୍। ଉଚ୍ଚ ରକ୍ତଚାପ ରୋଗୀ ମାନେ ମଦ୍ୟପାନ କରିବା ଉଚିତ୍ ନୁହେଁ । ମଦ୍ୟପାନ ରକ୍ତଚାପ ସମସ୍ୟାକୁ ବୃଦ୍ଧି କରିଥାଏ । ତେଣୁ ମଦ୍ୟପାନ ଠାରୁ ଦୂରେଇ ରହିବା ଆବଶ୍ୟକ ରକ୍ତଚାପ ନିୟନ୍ତ୍ରଣ କରିବା ପାଇଁ ଡାର୍କ୍ ଚକୋଲେଟ୍ ଗୋଟିଏ ଭଲ ମାଂଧମ । ତେଣୁ ଏହାକୁ ଆପଣ ଖାଇ ପାରିବେ । ଯଦି ଆପଣ ନିୟମିତ ଭାବରେ କଂଚା ରସୁଣ ସେବନ କରିବେ ତେବେ ଏହାରକ୍ତଚାପକୁ ନିୟନ୍ତ୍ରିତ କରିଥାଏ ।

# କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ୭୪ତମ ଜନ୍ମ ଦିବସ

**ବ୍ରହ୍ମପୁର(ସଂପର୍କବାର୍ତ୍ତା):-** ଓଡ଼ିଶାର ଲବ୍ଧପ୍ରତିଷ୍ଠ ସାହିତ୍ୟିକ, ବାଗ୍ମୀ, ଶିକ୍ଷାବିତ୍ ତଥା ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନର କାଯର୍ୟକାରୀ ସଭାପତି କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ୭୪ତମ ଜନ୍ମ ଦିବସ ଅବସରରେ ଇଞ୍ଜିନିୟରିଂ ସ୍କୁଲ ଛକସ୍ଥିତ ନବୀନ ଭବନ ପରିସରରେ ଏକ ଅଭିନନ୍ଦନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏ ସମ୍ପର୍କରେ ଆୟୋଜିତ ସଭାରେ ପ୍ରତିଷ୍ଠାନର ସଭାପତି ତଥା ନବୀନର ସମ୍ପାଦକ ରବି ରଥ ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଖଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ମନ୍ମଥ ପାଢ଼ୀ ଓ ସମ୍ମାନିତ ଅତିଥି ଭାବେ ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ରାଜେନ୍ଦ୍ର କୁମାର ଜେନା ପ୍ରମୁଖ ଯୋଗଦେଇ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିବା ସହ ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ସମ୍ବର୍ଦ୍ଧନାର ଉତ୍ତର ଦେଇ ଶ୍ରୀ ତ୍ରିପାଠୀ କହିଥିଲେ ଯେ ସାହିତ୍ୟ ସାଧନା ହିଁ ମୋ ଜୀବନର ମୁଖ୍ୟ ଆଧାର । ସାହିତ୍ୟ ସାଧନା ବିନା ମୋ ପକ୍ଷେ କ୍ଷଣେ ମାତ୍ର ଜୀବନ ଧାରଣ କରିବା ଅସମ୍ଭବ ବୋଲି ସେ ପ୍ରକାଶ କରିଥିଲେ । ସଭାପତି ଶ୍ରୀ ରଥ ତାଙ୍କ ଭାଷଣରେ ଏଭଳି ଜଣେ ପ୍ରତିଭାବାନ କବିଙ୍କ ପ୍ରତି ଓଡ଼ିଶା ସାହିତ୍ୟ ଏକାଡ଼େମୀର ଲଗାତାର ବୈମାତୃକ ମନୋଭାବକୁ ତୀବ୍ର ସମାଲୋଚନା କରିଥିଲେ ।




ଏହି କାଯର୍ୟକ୍ରମରେ ଅଧାପକ ଲକ୍ଷ୍ମୀ ନାରାୟଣ ପଣ୍ଡା, କବି ପ୍ରମୋଦ କୁମାର ପଣ୍ଡା, ସମାଜସେବୀ ଏସ୍.ପ୍ରକାଶ ଚନ୍ଦ୍ର ପାତ୍ର ଓ ରାମକୃଷ୍ଣ ପାତ୍ର, ଡ଼. ଶାନ୍ତନୁ କୁମାର ଦାଶ, ସରିତା ପଣ୍ଡା, ନବୀନର ପ୍ରକାଶିକା ମଞ୍ଜୁ ରଥ, ବନ୍ଦନା ମହାପାତ୍ର, ଗଙ୍ଗାପାଣି ସାହୁ, ରମାକାନ୍ତ ମିଶ୍ର, ପୂର୍ବତନ କର୍ପୋରେଟର ଜି. ଗୋପାଳ ରେଡ୍ଡି, ଉମାକାନ୍ତ ଚୌଧୁରୀ, ବିଘ୍ନରାଜ ପଣ୍ଡା, ଭକ୍ତରାମ ପଣ୍ଡା, ଗୋବିନ୍ଦ ପାତ୍ର, ଇଂ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, ଲାଲବାହାଦୁର ପଟ୍ଟନାୟକ, ଉଦୟନାଥ ପଣ୍ଡା, ଡ଼ା. ସାଗର ରଞ୍ଜନ ତ୍ରିପାଠୀ, ଇଂ. ମାନସ ରଞ୍ଜନ ତ୍ରିପାଠୀ, ସିଏଚ୍ ମହେନ୍ଦ୍ର କୁମାର ପାତ୍ର, ରାଜ କୁମାର ରଥ, ବସନ୍ତ କୁମାର ଅଧିକାରୀ, ବି. ସତ୍ୟମ୍ ଆଚାରୀ, ମନୋଜ କୁମାର ପାଢ଼ୀ, ପବିତ୍ର କୁମାର ଚୌଧୁରୀ ପ୍ରମୁଖ ଯୋଗଦେଇ କବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ସାହିତ୍ୟକୃତି ଓଡ଼ିଆ ବାଣୀ ଭଣ୍ଡାରକୁ ସୁସମୃଦ୍ଧ କରିପାରିଛି ବୋଲି କହିବା ସହ ତାଙ୍କର ଦୀର୍ଘ ଜୀବନ କାମନା କରିଥିଲେ । ଅନୁଷ୍ଠାନର ସମ୍ପାଦକ ସୁଶାନ୍ତ କର ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ସାଧାରଣ ସମ୍ପାଦକ କପିଳ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଉଦୟନାଥ ପଣ୍ଡାଙ୍କ ଦ୍ୱାରା ରଚିତ 'ଶ୍ରୀ ଶ୍ରୀ ଗୟା-ମାହାତ୍ମ୍ୟ' ପୁସ୍ତକ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା।

# ଶରୀରରେ କୋଷ୍ଟ୍ରେଲ ମାତ୍ରା ବଢିଛି କି ! ଜାଣିବେ କେମିତି ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଆପଣ ଶରୀରରେ କୋଲେଷ୍ଟ୍ରଲ ମାତ୍ରା ବଢିଛି କି ?ଯଦି ଏହାର ମାତ୍ରା ଶରୀର ବଢିଛି , ତେବେ ଜାଣିବେ କେମିତି ? କୋଷ୍ଟ୍ରେଲ ବଢିବ ସାଧାରଣତଃ ବାହାରକୁ ଜଣାପଡେ ନାହିଁ । ତେଣୁ ଶରୀରରେ ବିଭିନ୍ନ ପ୍ରକାର ଲକ୍ଷଣ ଦେଖିବାକୁ ମିଳେ । ଏମିତିରେ ଶରୀରରେ କେଷ୍ଟ୍ରେଲ ବଢିବାର ସଂଯୋଗ ଛାତି ସହ ରହିଥାଏ । ଯଦି ଥରେ କୋଷ୍ଟ୍ରେଲ ବଢିବାର ସଂଯୋଗ ଛାତି ସହ ।ରହିଥାଏ । ଯଦି ଥରେ କୋଷ୍ଟ୍ରେଲ ହୋଇଯାଇଥାଏ ।, ତେବେ ଖାଇବା ସମୟରେ ସାବଧାନ ରହିବାକୁ ପଡିଥାଏ । ଏଥିରୁ ରକ୍ଷା ପାଇବା ପାଇଁ ଖାଦ୍ୟ-ପାନୀୟ ଉପରେ ଧାନ ଦେବ ଉଚିତ । ଏହାକୁ କମ କରିବା ପାଇଁ ଅନେକ ପ୍ରକାର ଖାଦ୍ୟ ପଦାର୍ଥକୁ ଭୋଜନରେ ସାମିଲ କରିପାରିବେ । ପାଦରେ ହେଉଥିବ ଯନ୍ତ୍ରଣାକୁ ଆମେ ସବୁବେଳେ ଜାଣିବା ପରେ ମଂଧ ଅଣଦେଖା କରିଦେଇଥାଉ । କିନ୍ତୁ ଏହା ଉଚ୍ଚ କୋଷ୍ଟ୍ରେଲ ହେବାର କାରଣରୁ ହୋଇପାରେ । ତେଣୁ କେବେ ବି ଉଚ୍ଚ କୋଷ୍ଟ୍ରେଲକୁ ଅଣଦେଖା ନ କରିବାକୁ ଡାକ୍ତର ପରାମର୍ଶ ଦେଇଛନ୍ତି । ଛାତିରେ ଯନ୍ତ୍ରଣା, ନିଶ୍ୱାସ ପ୍ରଶ୍ୱାସ ନେବା ଷ୍ଟ୍ରେକ୍‌ର ବିପଦ ବଢିବା ହୃଦରୋଗର ସବୁଠାରୁ ବଡ କାରଣ ହୋଇଥାଇପାରେ। ସେହିପରି ପାଦରେ ଯନ୍ତ୍ରଣା ଉଚ୍ଚ କୋଷ୍ଟ୍ରେଲର ଲକ୍ଷଣ ହୋଇଥାଇପାରେ। ଉଚ୍ଚ ରକ୍ତ କୋଷ୍ଟ୍ରେଲ ସ୍ତର ,ଯାହାକୁ ଡାକ୍ତର ହାଇପରଲିପିଡେମିୟା କହନ୍ତି । ଏହା ଅଧିକ ହେବା କାରଣରୁ ଧମନୀଗୁଡିକ ସଠିକ୍ ଭାବେ କାମ କରିବା ବନ୍ଦ କରିଦିଏ । ଏହା ସବୁଠାରୁ ଅଧିକ ହୃଦୟ ଏବଂ ଏହାର ଆଖପାଖ ଧମନୀ ବନ୍ଦ ହେବା କାରଣରୁ ହୋଇଥାଏ । କେବେ କେବେ ଏହା ପାଦର ଅନ୍ୟ ସ୍ଥାନର ଧମନୀକୁ ମଂଧ ପ୍ରଭାବିତ କରିଥାଏ । ଏହି କାରଣରୁ ଧମନୀ ରୋଗ, ପିଏଡି,ପାଦକୁ ସଠିକ୍ ରକ୍ତ ପ୍ରବାହ ହୋଇନଥାଏ । ପାଦରେ ଯନ୍ତ୍ରଣା ସବୁବେଳେ ଉଚ୍ଚ କେଷ୍ଟ୍ରେଲ କିମ୍ବା ହୃଦୟ ସମ୍ବନ୍ଧୀୟ ସମ୍ୟାସର ସଂକେତ ଦେଇଥାଏ । ବିଶେଷଜ୍ଞଙ୍କ କହିବାନୁଯାୟୀ, ଏହି ପ୍ରକାରର ଯନ୍ତ୍ରଣା ଲକ୍ଷଣକୁ ସହଜରେ ଲୋକେ ଭୁଲ୍ ବୋଲି କହନ୍ତି ।ପାଦରେ ଯନ୍ତ୍ରଣା ଚାଲିବା ଯୋଗୁଁ ହୋଇଥାଏ ।ଆଉ ବିଶ୍ରାମ କରିବା ବେଳେ ହିଁ ପାଦକୁ ଆରାମ ମିଳିଥାଏ ।

ଯଦି ଯନ୍ତ୍ରଣାକୁ ଠିକ୍ ସମୟରେ ଉପଚାର କରାନଯାଏ,ତେବେ ଜଟିଳତା ବଢିଯାଇପାରେ । କାରଣ ପେରିଫେରଲ ଆର୍ଟରୀ ଡ଼ିସଅର୍ଡର ଏମିତି ଏକ ରୋଗ, ଯାହା ଅନ୍ୟ ଲକ୍ଷଣ କାରଣରୁ ହୁଏ ନାହିଁ । ପାଦରେ ଯନ୍ତ୍ରଣା ହୃଦ ରୋଗର ପ୍ରାରମ୍ଭିକ ଲକ୍ଷଣ ଭାବେ ଧରାଯାଏ । ତେଣୁ ପାଦରେ ଯନ୍ତ୍ରଣା ଓଜନ ଲାଗିବା, ଜଳାପୋଡା ଲକ୍ଷଣକୁ କେବେ ବି ଅଣଦେଖା କରନ୍ତୁ ନାହିଁ ।

# ୪୨ ମୌଜାରେ ପାଣି ପମ୍ପ ଅଚଳ, ଚାଷୀ ହତାଶ କେହି ଶୁଣିବାକୁ ନାହାଁନ୍ତି, ଦୁର୍ଭାଗ୍ୟ

**କଟକ(ତପନ ମହାନ୍ତି):** କଟକ ସଦର ବ୍ଲକ ଅଧୀନ ୪୨ ମୌଜା ଅଂଚଳରେ ୪୫ଟି ପାଣି ପମ୍ପ ଅଚଳ ହୋଇ ପଡିଛି । ଫଳରେ ଏହା ଉପରେ ନିର୍ଭର କରି ଚାଷ କରୁଥିବା ଅଧିକାଂଶ ଚାଷୀ ହତାଶ ହୋଇ ପଡିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ଅଂଚଳର ଚାଷ ପାଇଁ ଉଠା ଜଳସେଚନ ନିଗମ ପକ୍ଷରୁ ୧୯୭୨ ମସିହାରେ ଜଳଯୋଗାଣ ବ୍ୟବସ୍ଥା କରାଯାଇଥିଲା । ଏହି ବ୍ୟବସ୍ଥା ମାଧ୍ୟମରେ ବିଭିନ୍ନ ସ୍ଥାନରେ ୯୭ଟି ପାଣି ପମ୍ପ ଚାଲୁ ହେବାରୁ ଚାଷୀମାନେ ଆଗ୍ରହ ପ୍ରକାଶ କରି ରବି ଓ ଖରିଫ ଫସଲ କରିଥିଲେ । ହେଲେ ଏବେ ବିଦ୍ୟୁତ୍ ଦର ବୃଦ୍ଧି ପାଇଥିବାରୁ ଚାଷୀମାନେ ଜଳକର ଦେଇପାରୁ ନାହାନ୍ତି । ଏଥିଯୋଗୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଛି । ବହୁଦିନ ଧରି ନ ଚାଲିବା ଯୋଗୁ ୪୫ଟି ପାଣିପମ୍ପ ଅଚଳ ହୋଇ ପଡିଛି । ଫଳରେ ସ୍ଥାନୀୟ ଅଂଚଳରେ ରବି ଫସଲ ବାଧାପ୍ରାପ୍ତ ହୋଇଛି । କେତେଜଣ ଚାଷୀ ନିଜ ନଳକୂପରୁ ପାଣି ମଡାଇ ଅଳ୍ପ ଜମିରେ ଚାଷ କରୁଛନ୍ତି । ଅନ୍ୟପକ୍ଷରେ ଜଳକର ବୃଦ୍ଧି ଯୋଗୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ତୁରନ୍ତ ସମସ୍ତ ଉଠା ଜଳସେଚନ ପଏଣ୍ଟକୁ ସୌରଚାଳିତ କରିବା ପାଇଁ କଟକ ସଦର ଉଠା ଜଳସେଚନ ପାଣି ପଂଚାୟତ ମହାସଂଘ ଦାବି କରିଛି । ମୋଟ୍ ୧୨୦୦ ହେକ୍ଟର ଚାଷ ଜମିରୁ ୨୦୦ ହେକ୍ଟର ଧାନ ସମେତ ବିଭିନ୍ନ ଫସଲ ଏବେ କରାଯାଇଛି । ତୁରନ୍ତ ବକେୟା ବିଦ୍ୟୁତ୍ ବିଲ ଛାଡ କରିବା ସହ ଅତି କମ୍‌ରେ ୧୫ଟି ପାଣି ପମ୍ପକୁ ପରୀକ୍ଷାମୂଳକ ଭାବେ ସୌରଚାଳିତ କରିବା ପାଇଁ ମହାସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି ।

# ବିଧାୟକମାନଙ୍କ ପାଇଁ ବହୁତଳ ବିଶିଷ୍ଟ ଆବାସିକ ଗୃହ ନିର୍ମାଣ ପାଇଁ ବୈଠକ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ବିଧାୟକମାନଙ୍କ ପାଇଁ ବହୁତଳ ଆବାସିକ ଗୃହ ନିର୍ମାଣ ପାଇଁ ଏକ ଉଚ୍ଚ ସ୍ତରୀୟ ବୈଠକ ଆଜି ମାନ୍ୟବର ବାଚସ୍ପତି ଡଃ. ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତିଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ଉକ୍ତ ବୈଠକରେ ଏହାର ନିର୍ମାଣ ସଂକ୍ରାନ୍ତିୟ ସବିଶେଷ ଆଲୋଚନା ହୋଇଛି। ୨୭୫ କୋଟି ଟଙ୍କା ବ୍ୟୟରେ ଓଡ଼ିଶା ବ୍ରିଜ୍ ଏବଂ କନ୍ସଟ୍ରକସନ୍ କରପୋରେସନ୍ ଦ୍ୱାରା ନିର୍ମିତ ହେଉଥିବା ଉକ୍ତ ବହୁତଳ ବିଶିଷ୍ଟ ଆବାସିକ ଗୃହ ନିର୍ମାଣରେ ସମସ୍ତ ଆନୁସଙ୍ଗିକ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ଡଃ ପାତ୍ର ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି। ଏହି ଗୃହଗୁଡିକ ସହ ସଂଲଗ୍ନ କରି ଯୋଜନାବଦ୍ଧ ଭାବେ କମ୍ୟୁନିଟି ହଲ୍, ଟେନିସ୍ କୋର୍ଟ, ମାର୍କେଟ୍ କମ୍ପ୍ଲେକ୍ସ ଇତ୍ୟାଦିର ମଧ୍ୟ ସୁବ୍ୟବସ୍ଥା ଓ ସୁବନ୍ଦୋବସ୍ତ ପାଇଁ ବାଚସ୍ପତି ଡଃ ପାତ୍ର ପରାମର୍ଶ ଦେଇଛନ୍ତି। ଏ ପର୍ଯ୍ୟନ୍ତ ୧୬ଜଣ ବିଧାୟକ ଏବଂ ପୂର୍ବତନ ବିଧାୟକ ଗୃହ ଛାଡିନଥିବାରୁ ସେମାନଙ୍କୁ ତୁରନ୍ତ ଉଚ୍ଛେଦ ପାଇଁ



ବାଚସ୍ପତି ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ସାଧାରଣ ପ୍ରଶାସନ ବିଭାଗ ପ୍ରମୁଖ ଶାସନ ସଚିବ ଏସ୍. କୁମାର ବିଧାନସଭା ସଚିବ ଦାଶରଥୀ ଶତପଥୀ, ଅର୍ଥ ବିଭାଗ ଅତିରିକ୍ତ ଶାସନ ସଚିବ ନୃସିଂହ ଚନ୍ଦ୍ର ସ୍ୱାଇଁ, ନିର୍ଦ୍ଦେଶକ ଇଷ୍ଟେଟ୍ସ ଏସ୍. କେ. ମହାନ୍ତି, ଓଡ଼ିଶା ବ୍ରିଜ୍ କନ୍ସଟ୍ରକସନ୍ କର୍ପୋରେସନ୍‌ର ମୁଖ୍ୟ ଯନ୍ତ୍ରୀ ଦୁଃଖ ବନ୍ଧୁ ବେହେରା, ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଦୁର୍ଗା ପ୍ରସନ୍ନ ମିଶ୍ର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ଖପୁରିଆ ଆଇଟିଆଇ ଛାତ୍ରଛାତ୍ରୀ ୟୁନିଫର୍ମ ପାଉନାହାଁନ୍ତି ଅଧ୍ୟକ୍ଷ ହୃଷିକେଶ ମହାନ୍ତି ସନ୍ତୋଷଜନକ ଉତ୍ତର ରଖିପାରୁନାହାଁନ୍ତି

**କଟକ(ତପନ ମହାନ୍ତି):-** ସରକାରୀ ଆଇଟିଆଇ ଗୁଡିକରେ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ଯୋଗାଇ ଦେବାକୁ ସରକାରୀ କଲେଜ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶନାମା ଅନୁଯାୟୀ ଅକ୍ଟୋବର ୨୫ ତାରିଖ ସୁଦ୍ଧା କଲେଜରେ ୟୁନିଫର୍ମ ଗଚ୍ଛିତ ରଖାଯିବା କଥା ହେଲେ ଖପୁରୀଆସ୍ଥିତ ଆଇଟିଆଇ କର୍ତ୍ତୃପକ୍ଷ ୟୁନିଫର୍ମ ଯୋଗାଣ ପାଇଁ ଟେଣ୍ଡର ଦାଖଲର ଶେଷ ତାରିଖ ଅକ୍ଟୋବର ୩୦ ତାରିଖ ରଖିଛନ୍ତି । ତେଣୁ ଚଳିତବର୍ଷ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ଯୋଗାଣରେ ବିଳମ୍ବ ଯେ ନିଶ୍ଚିତ ହେବ ତାହା ଏବେଠାରୁ ସ୍ପଷ୍ଟ ଜଣାପଡୁଛି । ତେବେ ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ପୂର୍ବରୁ ଆଇଟିଆଇରେ ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ପାଇଁ ସରକାର ୩ହଜାର ଟଙ୍କା ପ୍ରଦାନ କରୁଥିଲେ । ଛାତ୍ରଛାତ୍ରୀ ବଜାରରୁ ୟୁନିଫର୍ମ କିଣି ରସିଦ କଲାପରେ ସେମାନଙ୍କ ଆକାଉଣ୍ଟକୁ ସରକାର ଟଙ୍କା ପ୍ରଦାନ କରୁଥିଲେ । ତେବେ କେତେକ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଏଥି ସହ ଏହି ବ୍ୟବସ୍ଥାରେ ସରକାର ଟିକସ ପାଇବାରେ ଅସୁବିଧା ହେଉଥିଲା । ତେଣୁ ଚଳିତବର୍ଷ ସେ ବ୍ୟବସ୍ଥାକୁ ବନ୍ଦ କରିଦିଆଯାଇଛି । ଶିଳ୍ପ ତାଲିମ ଅନୁଷ୍ଠାନ ନିର୍ଦ୍ଦେଶକ ଓଡିଶା ଏକ ପତ୍ର ସଂଖ୍ୟା-୧୦୪୯୦ (୫୦)/ ତା୦୫.୧୦.୨୦୨୧) ରେ ସମସ୍ତ ସରକାରୀ ଆଇଟିଆଇ ଅଧ୍ୟକ୍ଷଙ୍କୁ ଚିଠି କରିଛନ୍ତି । ଏହି ଚିଠି ଅନୁଯାୟୀ ୨୦୨୧-୨୨ ବର୍ଷ ଛାତ୍ରଛାତ୍ରୀଙ୍କୁ ୟୁନିଫର୍ମ ବଣ୍ଟନ ପାଇଁ ଏକ ସ୍ୱତନ୍ତ୍ର ମାଗଦର୍ଶିକା ଜାରି କରିଛନ୍ତି । ଏହି ମାର୍ଗ ଦର୍ଶିକା ଅନୁଯାୟୀ ୟୁନିଫର୍ମ ଯୋଗାଣ ପାଇଁ କଲେଜ କର୍ତ୍ତୃପକ୍ଷ ଟେଣ୍ଡର ଆହ୍ୱାନ କରିବେ । ସରକାରୀର ପୋର୍ଟାଲରେ ଯେଉଁ ସଂସ୍ଥା ପଞ୍ଜିକୃତ ହୋଇଥିବେ ସେମାନେ ଟେଣ୍ଡରେ ଅଂଶଗ୍ରହଣ କରିପାରିବେ । ସବୁ କାର୍ଯ୍ୟ ସରିବା ପରେ ଅକ୍ଟୋବର ୨୫ ତାରିଖ ସୁଦ୍ଧା ୟୁନିଫର୍ମ କଲେ ୟୁନିଫର୍ମ ପାଇଲେ କି ନାହିଁ ତାହା ପଚାରି ବୁଝିବେ । ତେବେ ଖପୁରିଆ ଆଇଟିଆଇ କଲେଜ କର୍ତ୍ତୃପକ୍ଷ ଅକ୍ଟୋବର ୩୦ ତାରିଖ ସୁଦ୍ଧା ଟେଣ୍ଡର ଦାଖଲର ଶେଷ ତାରିଖ ରଖିଛନ୍ତି । ଅପରପକ୍ଷରେ ଛାତ୍ରଛାତ୍ରୀ ୟୁନିଫର୍ମ ପାଇନଥିବାରୁ ସେମାନେ କ୍ଲାସ୍ କରିବାରେ ଅସୁବିଧା ହେଉଛି ।

ଏ ସଂପର୍କରେ ଖପୁରୀଆସ୍ଥିତ ସରକାରୀ ଆଇଟିଆଇର ଅଧ୍ୟକ୍ଷ ହୃଷିକେଶ ମହାନ୍ତିଙ୍କ ଠାରୁ ସନ୍ତୋଷ ଜନକ ଉତ୍ତର ମିଳି ନ ଥିଲା ।

# ଭୁବନେଶ୍ୱରରେ ପହଁଚିଲା 'ବିଜୟ ମଶାଲ' ବୀର ଯବାନମାନଙ୍କ ସମ୍ମାନରେ ସ୍ଲୋଗାନ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ୧୯୭୧ ମସିହାରେ ସଂଘଠିତ ପାକିସ୍ତାନ ଉପରେ ଭାରତର ବିଜୟ ଲାଭର ୫୦ ବର୍ଷ ପୂର୍ତ୍ତି ପାଳନ ଉପଲକ୍ଷେ ଯାତ୍ରା କରୁଥିବା ସ୍ୱର୍ଣ୍ଣିମ ବିଜୟ ମଶାଲ ଆଜି ୨୯ ତାରିଖରେ ଭୁବନେଶ୍ୱରରେ ପହଞ୍ଚିଛି। ପୂର୍ବ ପ୍ରସ୍ତୁତି ଅନୁସାରେ ଏହି ବିଜୟ ମଶାଲ ଆଜି ସକାଳୁ ଆଇଏନ୍ଏସ୍ ଚିଲିକାରୁ ବାହାରି ଖୋର୍ଦ୍ଧା ଦେଇ ଭୁବନେଶ୍ୱର ସ୍ଥିତ ୧୨୦ ବାଟାଲିୟନ କ୍ଷେସନ୍ ହେଡ୍‌କ୍ୱାର୍ଟର୍ସ ଠାରେ ଅପରାହ୍ନ ୩.ଟା ସମୟରେ ପହଁଚିଥିଲା। ସ୍ଥାନୀୟ ପାଓ୍ୱାର ହାଉସ୍ ଛକଠାରୁ ୧୨୦ ବାଟାଲିୟନ୍ ସୂର୍ଯ୍ୟ ଦ୍ୱାର ପର୍ଯ୍ୟନ୍ତ ଆର୍ମି ଏ.ଜି.କଲେଜ୍ ଗୋପାଳପୁରର ପାଇପ୍ ବ୍ୟାଣ୍ଡ ଟ୍ରୁପ୍ ଧୂନର ତାଳେ ତାଳେ ଏବଂ ଜାତୀୟ ସେବା ସଂସ୍ଥା (ଏନ୍ଏସ୍ଏସ୍) କଲେଜ ଛାତ୍ରଛାତ୍ରୀମାନଙ୍କ ସ୍ଲୋଗାନ ମଧ୍ୟରେ ବିଜୟ ମଶାଲକୁ ଶୋଭାଯାତ୍ରାରେ





ଅଣାଯାଇଥିଲା। ଦେଶର ମାନ-ବୀର ଜବାନ, ଦେଶର ସମ୍ମାନ-ବୀର ଜବାନ, ୧୯୭୧ ଯୁଦ୍ଧ ବୀର ଯବାନଙ୍କୁ ସମ୍ମାନ, ଜୟ ଜବାନ-କିଶାନ, ସୈନିକ ତୁମେ ମାତୃଭୂମିର ରକ୍ଷକ ଆଦି ସ୍ଲୋଗାନରେ ୧୨୦ ବାଟାଲିୟନ ପରିସରରେ ଦେଶାତ୍ମବୋଧ ଭାବାବେଗରେ ପ୍ରକମ୍ପିତ ହୋଇଥିଲା। ବ୍ରିଗେଡିୟର ପ୍ରଶାନ୍ତ ଚୌହାନ (ସେନା ମେଡାଲ) ତଥା କମାଣ୍ଡର ଛତିଶଗଡ-ଓଡ଼ିଶା ସବ୍ ଏରିଆ ଏଠାରେ ସ୍ୱର୍ଣ୍ଣିମ ବିଜୟ ମଶାଲକୁ ଗ୍ରହଣ କରିଥିଲେ। ଅନ୍ୟ ସେନା ବରିଷ୍ଠ ପଦାଧିକାରୀ ଓ ଏସ୍‌ସିସି କ୍ୟାଡେଟ୍‌ମାନଙ୍କ ଉପସ୍ଥିତିରେ ସଂପୂର୍ଣ୍ଣ ସେନା ମର୍ଯ୍ୟାଦାର ସହ ଏହି ପବିତ୍ର ବିଜୟ ମଶାଲକୁ ଭବ୍ୟ ସ୍ୱାଗତ ସଂବର୍ଦ୍ଧନା ମଧ୍ୟରେ ୧୨୦ ବାଟାଲିୟନ ସୂର୍ଯ୍ୟଦ୍ୱାର ସ୍ଥିତ ଅମର ଜବାନ ଶହୀଦ୍ ସ୍ତମ୍ଭ ନିକଟରେ ଅବସ୍ଥାପିତ କରାଯାଇଛି।

# ଆଇଟିଆଇ ପ୍ରଶିକ୍ଷାର୍ଥୀଙ୍କୁ ବିଶ୍ୱସ୍ତରୀୟ ନିଯୁକ୍ତି ନିମନ୍ତେ ଅନୁପ୍ରାଣିତ କଲେ ବାଗ୍‌ଚୀ





**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓଏସ୍‌ଡିଏ) ଅଧୀନରେ ସରକାରୀ ଆଇଟିଆଇର ପ୍ରଶିକ୍ଷାର୍ଥୀମାନଙ୍କର ରୂପାନ୍ତରଣ ନିମନ୍ତେ ଲାଇଫ୍ ସ୍କିଲ୍ ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମର ଅଂଶ ବିଶେଷ ସରକାରୀ ଆଇଟିଆଇମାନଙ୍କରେ ଆଇଟିଆଇ ସ୍ପାର୍କ ୧.୦ ପ୍ରତିଯୋଗିତା ଆରମ୍ଭ କରାଯାଇଥିଲା। ଆଜି ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ ଓ୍ୱାର୍ଲ୍ଡ ସ୍କିଲ୍ ସେଣ୍ଟରଠାରେ ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହ ଓ୍ୱାର୍ଲ୍ଡ ସ୍କିଲ୍ ସେଣ୍ଟରଠାରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ।

ଶ୍ରୀ ବାଗ୍‌ଚୀ ଏହି ଅବସରରେ କହିଥରଲେ ଯେ ସ୍କିଲ୍ଡ ଇନ୍ ଓଡ଼ିଶା ବ୍ରାଣ୍ଡକୁ ସଫଳ କରାଇବା ପାଇଁ ଯେଉଁ ଲକ୍ଷ୍ୟ ରହିଥିଲା ତାହା ସାକାର ହୋଇଯାଇଛି। ସେ ଆହୁରି ମଧ୍ୟ କହିଥିଲେ ଯେ ସ୍କିଲ୍ ଇନ୍ ଓଡ଼ିଶାର ଆଭିମୁଖ୍ୟ ହେଉଛି ଦକ୍ଷତା ମାଧ୍ୟମରେ ମାନବ ରୂପାନ୍ତରଣ। ଆଇଆଇଟିର ପ୍ରଶିକ୍ଷାର୍ଥୀମାନଙ୍କୁ ଓ୍ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଭଳି ଦୃଢ ହୋଇ ମୁଣ୍ଡ ଟେକି ଆଗକୁ ବଢିବାକୁ ହେବ। ଆଇଟିଆଇ ଓ ପଲିଟେକ୍‌ନିକ୍‌ରେ ତାଲିମ ପରେ ଓ୍ୱାର୍ଲ୍ଡ ସ୍କିଲ୍ ସେଣ୍ଟର ଭଳି ଅତ୍ୟାଧୁନିକ ପ୍ରତିଷ୍ଠାନରେ ତାଲିମ ନେଇ ନିଜକୁ ବିଶ୍ୱସ୍ତରୀୟ ନିଯୁକ୍ତି ପାଇଁ ପ୍ରସ୍ତୁତ କରିବା ପାଇଁ ଛାତ୍ରଛାତ୍ରୀଙ୍କୁ ସେ ଆହ୍ୱାନ କରିଥିଲେ।

# କଟକ:ଛତ୍ରବଜାରରେ ସ୍ମାର୍ଟ ଅର୍ବାନ୍ ହାଟ ହେବ

**ବାଦାମବାଡି(ସଂପର୍କବାର୍ତ୍ତା):-** ଛତ୍ରବଜାର ପରିବା ମାର୍କେଟ୍ ଏବେ ସ୍ମାର୍ଟ ଅର୍ବାନ୍ ହାଟର ରୂପ ନେବ। ଏଥିପାଇଁ ସିଏମ୍‌ସି ପକ୍ଷରୁ ୩ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ ହେବ। ହାଟରେ ୫୩୩ଜଣ ପରିବା ବ୍ୟବସାୟୀ ବସିବା ପାଇଁ ବ୍ୟବସ୍ଥା କରାଯିବ। ମହାନଗର ନିଗମ ପକ୍ଷରୁ ଅର୍ବାନ୍ ହାଟର ନକ୍ସା ପ୍ରସ୍ତୁତ ଶେଷ ହୋଇଥିବା ବେଳେ ଖୁବ୍‌ଶୀଘ୍ର ଏହାର ନିର୍ମାଣ କାମ ଆରମ୍ଭ ହେବ। ହାଟରେ ପରିବା ବ୍ୟବସାୟୀଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯିବା ସହିତ ଗ୍ରାହକ ଓ ବେପାରିଙ୍କ ପାଇଁ ପୃଥକ ପାର୍କିଂ ବ୍ୟବସ୍ଥା ରହିବ। ତାଳଦଣ୍ଡା କେନାଲ୍ ବନ୍ଧ ରାସ୍ତା ସଂପ୍ରସାରଣରେ ଉଚ୍ଛେଦ ହୋଇଥିବା ପରିବା ବ୍ୟବସାୟୀଙ୍କୁ ଏଠାରେ ବସିବା ପାଇଁ ସୁଯୋଗ ଦିଆଯିବ। କଟକ ମେଡିକାଲ୍ ବା ଏସ୍‌ସିବିକୁ ଏମ୍ସ୍ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟରେ ରାଣୀହାଟ ପୋଲରୁ ମାତୃଭବନ ପର୍ଯ୍ୟନ୍ତ କେନାଲ ଉଭୟ ପାର୍ଶ୍ୱ ରାସ୍ତା ସଂପ୍ରସାରଣ କାମ ଚାଲିଛି। ଏଥିରେ ଓଡ଼ିଶାର ସର୍ବପୁରାତନ ପରିବାର ମାର୍କେଟ୍ ଛତ୍ରବଜାରକୁ ଗତ ଫେବୃୟାରୀ ୧୨ରେ ଉଚ୍ଛେଦ କରାଯାଇଥିଲା। ଉଚ୍ଛେଦ ହୋଇଥିବା ପରିବା ବ୍ୟବସାୟୀଙ୍କ ପାଇଁ ଏବେ ସିଏମ୍‌ସି ତରଫରୁ ସ୍ମାର୍ଟ ଅର୍ବାନ୍ ହାଟ ନିର୍ମାଣ ହେବ। ରାଣୀହାଟରୁ ମାତୃଭବନ ଥିବା ତାଳଦଣ୍ଡା କେନାଲ୍‌ର ବାମ ପର୍ଶ୍ୱର ମାଲଗୋଦାମ ଅର୍ବାନ୍ ବ୍ୟାଙ୍କ ପଛରେ ଥିବା ଦେଢ ଏକରରୁ ଅଧିକ ଜାଗା ଉପରେ ଏହା ତିଆରି ହେବ।



ଅର୍ବାନ୍ ହାଟ ପାଇଁ ୩କୋଟି ୭୪ଲକ୍ଷ ୪୧ହଜାର ଟଙ୍କା ଖର୍ଚ୍ଚ ହେବ। ଏଠାରେ ୫୩୩ଜଣ ପରିବା ବ୍ୟବସାୟୀଙ୍କ ବସିବା ପାଇଁ ପିଣ୍ଡି ହେବା ସହିତ ଏହା ଉପରେ କଂକ୍ରିଟ୍‌ର ଛାତ ରହିବ। ଜଣେ ବେପାରୀ ୫/୬ ଫୁଟ ଜାଗା ଦିଆଯିବ। ପରିବା ହାଟକୁ ପ୍ରବେଶ କରିବା ପାଇଁ ଗୋଟିଏ ମୁଖ୍ୟ ରାସ୍ତା ସହିତ ମୋଟ ୩ଟି ରାସ୍ତା ରହିବ। ଏହା ମଧ୍ୟରେ ୪ଟି ଶୌଚାଳୟ ସହିତ ୨ଟି କମ୍ୟୁନିଟି ସ୍ପେସ୍ ଓ ପିଇବା ପାଣିର ବ୍ୟବସ୍ଥା ରହିବ। ପରିବା ବ୍ୟବସାୟୀଙ୍କ ପାଇଁ ୧୫ଟି ସ୍ଥାନରେ ପାଣି କଳ ବ୍ୟବସ୍ଥା ରହିବ। ଅର୍ବାନ୍ ହାଟକୁ ଆସୁଥିବା ଗ୍ରାହକଙ୍କ ପାଇଁ ହାଟ ଆଗରେ ପାର୍କିଂର ବ୍ୟବସ୍ଥା କରାଯିବା ସହିତ ବ୍ୟବସାୟୀଙ୍କ ପାଇଁ ଏହା ମଧ୍ୟରେ ପାର୍କିଂ ସ୍ଥାନ ରହିବ। ରାସ୍ତା ପାର୍ଶ୍ୱରେ ଥିବା ଗ୍ରାହକଙ୍କ ପାର୍କିଂସ୍ଥାନରେ ଯେପରି ପରିବା ବ୍ୟବସାୟୀ ବସି ନପାରିବେ ସେଥିପାଇଁ ସେଠାରେ ବୋଲାର୍ଡସ୍(ଗାଡିର ପଥ ପ୍ରତିରୋଧ ପାଇଁ ରାସ୍ତାରେ ରଖାଯାଇଥିବା ଖମ୍ବ) ଲଗାଯିବା ସହିତ ହାଟ ମଧ୍ୟକୁ ବୁଲା ପଶୁଙ୍କ ନ ପସିବା ପାଇଁ ଗେଟ୍‌ରେ କାଓକ୍ୟାଚର(କିଛି ଅନ୍ତରରେ କେତେଗୁଡିଏ ନଳକୁ ସମାନ୍ତରାଳ ଭାବେ ବିଛାଯିବା) ବ୍ୟବସ୍ଥା ହେବ। ନିର୍ମାଣ କାମ ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଥିବା ବେଳେ, ଏହାର କାମ ୮ରୁ ୯ ମାସ ମଧ୍ୟରେ ଶେଷ କରିବାକୁ ସିଏମ୍‌ସି ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ସୂଚନା ରହିଛି।

# ସପ୍ତମ ଶ୍ରେଣୀ ଛାତ୍ରୀ ଗର୍ଭବତୀ

ଫୁଲବାଣୀ ଅଫିସ,୨୭/୧୦; କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡାଥାନା ଅଂଚଳରେ ଜଣେ ନାବାଳିବକାଙ୍କୁ ଗର୍ଭବତୀ କରିବା ଅଭିଯୋଗରେ ସମ୍ପୃକ୍ତ ଯୁବକଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି । ପ୍ରକାଶ ଯେ ,ସପ୍ତମ ଶ୍ରେଣୀରେ ପଢୁଥିବା ନାବାଳିକାଙ୍କ ସହ ଯୁବକଙ୍କ ସହ ଯୁବକଙ୍କ ମଧ୍ୟ ରେ ପ୍ରେମ ସମ୍ପର୍କ ଗଢଉଠିଥିଲା ପରେ ନାବାଳିକାଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ । ପରିବାର ଲୋକେ ସନ୍ଦେହ କରି ଝିଅକୁ ପଚାରିବାକୁ ସେ ସବୁ କଥା କହିଥିଲେ ।ଏ ନେଇ ନାବାଳିକାଙ୍କ ବାପା ଗତ ୯ ତାରିଖରେ ଥାନାରେ ଏତଲା ଦେଇଥିଲେ । ସେବେଠୁ



ଯୁବକ ଜଣକ ଫେରାର ହୋଇଯାଇଥିଲେ ।ବୁଧବାର ସେ ଫୁଲବାଣୀ ସହରରେ ବୁଲୁଥିବା ଖବର ମିଳିବା ପରେ ଗୋ'ପଡା ପୋଲିସ ତାଙ୍କୁ କାବୁ କରିଥିଲା ନାବାଳିକାଙ୍କ ଡାକ୍ତରୀ ମାଇନା ପରେ ବାଲାଶ୍ରମରେ ରଖାଯାଇଛି । ଏନେଇ ଥାନାରେ ଏକ ମାମଲା(ନଂ;୮୮/୨୧) ରୁଜୁ ହୋଇଥିବା ଥାନାଧିକାରୀ ରଞ୍ଜିତ କୁମାର ମୁନୀ କହିଛନ୍ତି ।

# ସଭ୍ୟତାର ଦୁର୍ଲଭ ପ୍ରାଣୀଜାତିକୁ ବଞ୍ଚାଇ ରଖିବା ଆମର ଦାୟିତ୍ୱ: ମନ୍ତ୍ରୀ ଅରୁଣ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ସଭ୍ୟତାର ଦୁର୍ଲଭ ପ୍ରାଣୀଜାତିକୁ ବଞ୍ଚାଇ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ହେବା ଉଚିତ। ଜଣଙ୍କର ଜୀବିକାର୍ଜନ ପାଇଁ ଅନ୍ୟ ପ୍ରାଣୀଙ୍କୁ ବିପଦରେ ପକାଇବା ଉଚିତ ନୁହେଁ। କୃଷି ଭବନସ୍ଥି ପ୍ରେକ୍ଷାଳୟରେ ଫିସର ଫ୍ରେଣ୍ଡ୍ ମୋବାଇଲ୍ ଆପ୍ଲିକେଶନ( ଏଫ୍ଏଫ୍ଏମ୍ଏ)କୁ ଲୋକାର୍ପଣ କରି କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ, ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ପ୍ରକାଶ କରିଛନ୍ତି ଯେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ୫-ଟି ମନ୍ତ୍ର ଅଧୀନରେ ଟେକ୍‌ନୋଲୋଜିର ବ୍ୟବହାରକୁ ଅତ୍ୟନ୍ତ ଗୁରୁତ୍ୱ ଆରୋପ କରାଯାଇଛି। ଆଧୁନିକ ଟେକ୍‌ନୋଲୋଜି ବ୍ୟବହାର କରି ସାଧାରଣ ଜନତାଙ୍କୁ ରାଜ୍ୟ ସରକାର ଅନେକ ସେବା ଯୋଗାଇ ଆସୁଛନ୍ତି। ଶୁଭାରମ୍ଭ ହେଉଥିବା ମୋବାଇଲ୍ ଆପ୍ ରାଜ୍ୟ ସରକାରଙ୍କର ଜନମୁଖୀ ଯୋଜନାରେ ଯୋଡିଛି ଆଉ ଏକ ଫର୍ଦ୍ଦ। ଏହି ଅବସରରେ ମନ୍ତ୍ରୀ ଡ. ସାହୁ ବିରଳ ଅଲିଭ୍ ରିଡ୍‌ଲେ ସାମୁଦ୍ରିକ କଇଁଛଙ୍କ ସୁରକ୍ଷା ନିମନ୍ତେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ମନ୍ତ୍ରୀ ଡ. ସାହୁ ସୂଚନା ଦେଇଥିଲେ ଯେ ଏହି ମୋବାଇଲ୍ ଆପ୍ଲିକେସନ୍ ନିମନ୍ତେ ଇଣ୍ଟରନେଟ୍ ଆବଶ୍ୟକତା ପଡିବ ନାହିଁ ଏବଂ ସମୁଦ୍ର ମଧ୍ୟରେ ଅଫ୍ ଲାଇନ୍‌ରେ ଏହା କାର୍ଯ୍ୟ କରିବ। ଏହା ଦ୍ୱାରା କଇଁଛମାନଙ୍କ ମିଳନ ଓ ଅଣ୍ଡାଦାନ ପ୍ରକ୍ରିୟା ନିମନ୍ତେ ଉଦ୍ଦିଷ୍ଟ ମାଛଧରା ନିଷିଦ୍ଧାଞ୍ଚଳଠାରୁ ଦୂରେଇ ରହିବା ପାଇଁ




ମତ୍ସ୍ୟଜୀବୀମାନଙ୍କ ଏହି ଆମର ସତର୍କ ସୂଚନା ମିଳିପାରିବ। ଫଳରେ ଅଜାଣତରେ ନିଷିଦ୍ଧାଞ୍ଚଳରେ ପ୍ରବେଶ କରି ଦଣ୍ଡବିଧାନଜନିତ ଅପ୍ରିତିକର ପରିସ୍ଥିତିରୁ ମତ୍ସ୍ୟଜୀବୀ ବଞ୍ଚିପାରିବେ। ପ୍ରକୃତିପ୍ରେମୀ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଦିଗ୍‌ଦର୍ଶନ ଓ ଦୃଢ ନେତୃତ୍ୱ ମତ୍ସ୍ୟସଂପଦ ବିକାଶ କ୍ଷେତ୍ରରେ ଓଡ଼ିଶା ଏକ ନୂତନ ଶିଖରରେ ପହଞ୍ଚିପାରିବା ସହ ମାଛ ଉତ୍ପାଦନ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ଓଡ଼ିଶା ଆଜି ଚତୁର୍ଥ ସ୍ଥାନରେ ପହଞ୍ଚିପାରିଛି ବୋଲି ମନ୍ତ୍ରୀ ଡ. ସାହୁ ପ୍ରକାଶ କରିଥିଲେ।

# ମିଶନ ଶକ୍ତି-ଓଡ଼ିଶା ମିଲେଟ୍ ମିସନର ଏକ ବର୍ଷର ମିଳିତ କାର୍ଯ୍ୟକ୍ରମ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁଙ୍କ ଦ୍ୱାରା ଆଭାସି ମାଧ୍ୟମରେ କେଉଁଝର ଜିଲ୍ଲାରେ ମୁକାକାଶ ରେସ୍ତୋରାଁରେ ଓଡ଼ିଶାର ପ୍ରଥମ ସ୍ୱତନ୍ତ୍ର ମିଲେଟ୍ ଶକ୍ତି କାଫେ ଆଜି ଉଦ୍‌ଘଅଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତିର କମିସନର ତଥା ଶାସନ ସଚିବ ସୁଜାତା କାର୍ତ୍ତିକେୟନ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମନ୍ତ୍ରୀ ଶ୍ରୀମତୀ ସାହୁ ଏହି ଅବସରରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ସହ ଆଲୋଚନା କରିବା ସହ ସେମାନଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକ୍‌ରେ ଜିଲ୍ଲାରେ ଏହି ଭଳି ଆହୁରି ଅଧିକ କାଫେ ଖୋଲାଯିବ ବୋଲି କହିଥିଲେ।



ଓଡ଼ିଶା ମିଲେଟ୍ ମିସନର ବୈଷୟିକ ଏବଂ ପରିଚାଳନାଗତ ଆଭିମୁଖ୍ୟ ସଂପର୍କରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ପର୍ଯ୍ୟାପ୍ତ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି ମିଲେଟ୍ ଶକ୍ତି କାଫେରେ ମିଲେଟ୍‌ରୁ ପ୍ରସ୍ତୁତ ବହୁବିଧ ଖାଦ୍ୟ ସାମଗ୍ରୀ ଯେମିତି କି ରନ୍ଧାଖାଦ୍ୟ ସାମଗ୍ରୀ, ଅଟା, ପାନୀୟ, ଜଳଖିଆ, ବେକେରୀ ସାମଗ୍ରୀ ଆଦି ବିକ୍ରୟ କରାଯିବ। ରାଜ୍ୟର ସହରାଞ୍ଚଳଗୁଡିକରେ ଆଗାମୀ ଏକ ବର୍ଷ ମଧ୍ୟରେ ଏହି ଭଳି ଆହୁରି ୧୫ଟି ମିଲେଟ୍ ଶକ୍ତି କାଫେ ଖୋଲାଯିବ। ସିଏସ୍ଆଇଆର୍-ସିଏଫ୍‌ଟି ଆର୍‌ଆଇ, ମହୀଶୂରର ବୈଷୟିକ ତତ୍ତ୍ୱାବଧାନରେ ଓଡ଼ିଶା ମିଲେଟ୍ ମିଶନ ଦ୍ୱାରା ଏଥି ପାଇଁ ଆହୁରି ଉଚ୍ଚତର ପ୍ରଶିକ୍ଷଣ ପ୍ରଦାନ କରାଯିବ ଏବଂ ଏହାର ମାନକ ନିର୍ଦ୍ଧାରଣ କରାଯିବ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮

**ADVERTISEMENT TARIFF**

| | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |

Vol.5 Issue-21 November 1 to 7, 2021, Jagatsinghpur Page-8 Rs. 5/- ବର୍ଷ- ୫ ସଂଖ୍ୟା-୨୧ ନଭେମ୍ବର ୧ ରୁ ୭, ୨୦୨୧, ଜଗତସିଂହପୁର, ପୃଷ୍ଠା-୮ ମୂଲ୍ୟ-୫ଟଙ୍କା


# ମୋଦିଙ୍କୁ ହଟାଇବା ଅସମ୍ଭବ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଭାରତର ନିର୍ବାଚନ ରଣନୀତିଜ୍ଞ ପ୍ରଶାନ୍ତ କିଶୋର ଗୋଆ ଗସ୍ତ ସମୟରେ ବିଜେପି ବିଷୟରେ ପୂର୍ବାନୁମାନ କରି ରାଜନୈତିକ ମହଲକୁ ଗରମ କରିଦେଇଛନ୍ତି। ତାଙ୍କ ଭବିଷ୍ୟତବାଣୀରେ ସେ କହିଛନ୍ତି ଯେ, ଭାରତୀୟ ଜନତା ପାର୍ଟି ଆଗାମୀ ୧୦ବର୍ଷ ଧରି ଶକ୍ତିଶାଳୀ ରହିବ। ସେ କହିଛନ୍ତି ଯେ, ବିଜେପିକୁ ପରାସ୍ତ କରିବା ପାଇଁ ଅନେକ ଦଶନ୍ଧୀ ଧରି ସଂଘର୍ଷ କରିବାକୁ ପଡିବ। ଏହା ସହିତ ସେ ଆହୁରି ମଧ କହିଛନ୍ତି ଯେ, ରାହୁଲ୍ ଗାନ୍ଧୀ ମୋଦିଙ୍କୁ କ୍ଷମତାରୁ ହଟାଇବା ଭ୍ରମରେ ରହିବା ଠିକ୍ ହେବ ନାହିଁ। ଚଳିତ ବର୍ଷ ମେଁ ମାସ ଶେଷ ହୋଇଥିବା ପଶ୍ଚିମବଙ୍ଗ ନିର୍ବାଚନ ସମୟରେ ମଧ ନିର୍ବାଚନ ରଣନୀତଜ୍ଞ ପ୍ରଶାନ୍ତ କିଶୋର ବିଜେପି ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଷୟରେ ମନ୍ତବ୍ୟ ଦେଇ ରାଜନୈତିକ ମହଲରେ ଉଷ୍ଣତା ସୃଷ୍ଟି କରିଥିଲେ। ତେବେ ତାଙ୍କ ବିବୃତ୍ତି ପରେ ପଶ୍ଚିମବଙ୍ଗ ବିଧାନସଭାରେ ଶାସକ ତୃଣମୂଳ କଂଗ୍ରେସ(ଟିଏମ୍ସି) ବିପୁଳ ପାଇଥିଲା।

ଇଂରାଜୀ ଖବରକାଗଜ ହିନ୍ଦୁସ୍ଥାନ ଟାଇମ୍ସ୍‌ରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଜିତିବାରେ ସଫଳ ହୋଇଥିବା ନିର୍ବାଚନ ରଣନୀତିଜ୍ଞ ପ୍ରଶାନ୍ତ କିଶୋର ବର୍ତ୍ତମାନ ଗୋଆରେ ଅଛନ୍ତି। ଆଗାମୀ ଦଶନ୍ଧୀ ଧରି ଭାରତୀୟ ରାଜନୀତିରେ ବିଜେପିର ଏକ ଦୃଢ ଉପସ୍ଥିତି ରହିବ ବୋଲି ସେ ପୂର୍ବାନୁମାନ କରିଛନ୍ତି। ଏହା ସହିତ ସେ କଂଗ୍ରେସର ପୂର୍ବତନ ସଭାପତି ରାହୁଲ୍ ଗାନ୍ଧୀଙ୍କୁ ମଧ ଗାର୍ଗେଟ୍ କରିଛନ୍ତି।

**ରାହୁଲ୍ ଗାନ୍ଧୀ ଦ୍ୱନ୍ଦ୍ୱରେ:** କଂଗ୍ରେସର ପୂର୍ବତନ ସଭାପତି ରାହୁଲ୍ ଗାନ୍ଧୀଙ୍କ ଉପରେ ପ୍ରଶାନ୍ତ କିଶୋର କହିଛନ୍ତି ଯେ, ମୋଦିଙ୍କ କ୍ଷମତା ଶେଷ ହେବାର ସମୟ ଆସିଛି ବୋଲି ସେ ମଧ ଭ୍ରମରେ ଅଛନ୍ତି। ତାଙ୍କ



ଭବିଷ୍ୟତବାଣୀରେ ସେ କହିଛନ୍ତି ଯେ, ବିଜେପି ଜିତୁ କିମ୍ବା ହାରୁ, କିନ୍ତୁ ଆସନ୍ତା ଦଶନ୍ଧୀ ଧରି ଏହା କେନ୍ଦ୍ରରେ ରହିବ। ଯେପରି ପ୍ରଥମ ୪୦ବର୍ଷ ଧରି କଂଗ୍ରେସ ଭାରତୀୟ ରାଜନୀତିର କେନ୍ଦ୍ରରେ ଥିଲା। ସେ କହିଛନ୍ତି ଯେ, ଦୀର୍ଘଦିନ ଧରି ବିଜେପି କୌଣସି ସ୍ଥାନକୁ ଯାଉନାହିଁ, ସେ କହିଛନ୍ତି ଯେ, ଯେତେବେଳେ ଆପଣ ଜାତୀୟ ସ୍ତରରେ ଭାରତରେ ପ୍ରାୟ ୩୦% ଭୋଟ ପାଇବା ସ୍ଥିତିରେ ଥାଆନ୍ତି ସେତବେଳେ ଆପଣ ଏତେ ଶୀଘ୍ର ଭାରତୀୟ ରାଜନୀତିରୁ ଅପସରି ଯିବେନାହିଁ।

**ବିଜେପି ହଟାଇବା ଏତେ ସହଜ ନୁହେଁ:** ଗୋଆର ସଂଗ୍ରହାଳୟରେ ଆୟୋଜିତ ଏକ କର୍ମଶାଳା ସମୟରେ ସେ କହିଛନ୍ତି ଯେ, ଲୋକମାନେ କ୍ରୋଧୀତ ଏବଂ ମୋଦିଙ୍କୁ କ୍ଷମତାକୁ ହଟାଇଦେବେ ବୋଲି ଭ୍ରମରେ ରହିବା ଉଚିତ୍ ନୁହେଁ। ସେ କହିଛନ୍ତି ଯେ, ମୋଦି କ୍ଷମତାରେ ନ ଥାଇ ପାରନ୍ତି, କିନ୍ତୁ ବିଜେପିକୁ ହଟାଇବା ଏତେ ସହଜ ନୁହେଁ। ବିଜେପିକୁ କ୍ଷମତାରୁ ହଟାଇବା ପାଇଁ ଆପଣ ଅନେକ ଦଶନ୍ଧୀ ଧରି ସଂଘର୍ଷ କରିବାକୁ ପଡିବ।

**ମୋଦିଙ୍କ ଶକ୍ତି ଯାଞ୍ଚ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ:** ରାହୁଲ ଗାନ୍ଧୀଙ୍କ ଉପରେ ମନ୍ତବ୍ୟ ଦେଇ ସେ କହିଛନ୍ତି ଯେ, ରାହୁଲ ଗାନ୍ଧୀଙ୍କ ସହ ସମାନ ସମସ୍ୟା ରହିଛି। ବୋଧ ହୁଏ ସେ ଭାବନ୍ତି ଯେ, ଏ ସମୟ ଯେତେବେଳେ ଲୋକମାନେ ତାଙ୍କୁ(ନରେନ୍ଦ୍ର ମୋଦି)ଙ୍କୁ କ୍ଷମତାରୁ ବାହାର କରିଦେବେ କିନ୍ତୁ ତାହା ଘଟିବ ନାହିଁ। ସେ କହିଛନ୍ତି ଯେ, ଯେ ପର୍ଯ୍ୟନ୍ତ ଆପଣ ତାଙ୍କ(ମୋଦିଙ୍କ) ଶକ୍ତି ବୁଝି ପାରିବେ ନାହିଁ ଏବଂ ଗ୍ରହଣ ସେ ପର୍ଯ୍ୟନ୍ତ ପରାସ୍ତ ସମ୍ଭବ ନୁହେଁ। ମୋଦିଙ୍କ ଶକ୍ତିକୁ ଚିହ୍ନିବା ପାଇଁ ପର୍ଯ୍ୟାପ୍ତ ସମୟ ଦେଉନାହାଁନ୍ତି। ସେ ଆହୁରି ମଧ କହିଛନ୍ତି ଯେ, ମୁଁ ଦେଖୁଥିବା ସମସ୍ୟା ହେଉଛି, ଅଧିକାଂଶ ଲୋକ ସେମାନଙ୍କ ଶକ୍ତି ବୁଝିବା ପାଇଁ ପର୍ଯ୍ୟାପ୍ତ ସମୟ ଦେଉନାହାଁନ୍ତି। ସେମାନଙ୍କୁ ଲୋକପ୍ରିୟ କରାଉଥିବା କାରଣ ବୁଝିବା ପାଇଁ ମଧ ସମୟ ଦେଉନାହାଁନ୍ତି। ଯଦି ଆପଣ ତାହା ଜାଣିପାରିବେ, ତେବେ ସେତବେଳେ ସେଗୁଡିକର ମୁକାବିଲା କରିପାରିବେ।

# କଟକ ନୂଆବଜାର ଓଭର ବ୍ରିଜ୍ ପ୍ରେମର ନିରୋଳା ସ୍ଥାନ

**କଟକ(ତପନ ମହାନ୍ତି):-** ସନ୍ଧ୍ୟା ହେଲେ କଟକ ନୂଆବଜାର ଓଭରବ୍ରିଜ ପ୍ରେମୀ ଯୁଗଳଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଯେବେଠାରୁ କରୋନା ହେଲାଣି ସେହି ବ୍ରିଜ ଉପର ଦେଇ କୌଣସି ଗାଡି ଚାଳକ ନ ଯିବା ଦ୍ୱାରା ପ୍ରେମୀ ଯୁଗଳ ଏବଂ ଅସାମାଜିକ ଯୁବକଙ୍କୁ ଭଲ ସୁଆଇଛି। ଆମିଷଦିନ ମାନଙ୍କରେ ଟଙ୍ଗା ହୋଇଥିବା ଜରିପାଲ ଭିତରେ ଆମିଷ ବେପାର ଚାଲେ ସନ୍ଧ୍ୟା ହେଲେ ସେହି ଜରିପାଲ ଭିତରେ ପ୍ରେମୀ ଯୁଗଳଙ୍କ ଆଡ୍ଡା ଚାଲେ। ଏମିତିକି ସେଇ ପଟଦେଇ ପିସିଆରଭ୍ୟାନ ଗାଡି ଗଲାବେଳେ ପୁଲିସ ବାବୁମାନେ ଲଜ୍ଜାରେ ମୁହଁ ବୁଲାଇ ଚାଲିଯାଉଥିବାର ଲକ୍ଷ୍ୟ କରାଯାଏ। ପ୍ରେମୀ ଯୁଗଳ ମାନେ ସଂନ୍ଧ୍ୟା ସମୟରେ ମୋ ବାଇଲ ବ୍ଲୁଟୁଥ ସ୍ପିକର ଲଗାଇ ଡ୍ୟାନ୍ସ ଚାଲେ। ଯଦି କେହି ପ୍ରତିବାଦ କଲେ ତାକୁ ଅଭଦ୍ର ଭାଷାରେ ଗାଳିଗୁଲଜ କରିଥାନ୍ତି। ରାତି ୧୧ଟା ପରେ ମଦୁଆମାନେ ଗୋଟିକ ପରେ ଗୋଟିଏ ଗଡିଥାନ୍ତି। ରାତିସାରା ମଦପିଇ ଫୁଲ୍ ବୋବାଲ୍ ଚାଲେ। ଯଦି ବିଳମ୍ବିତ ରାତିରେ ସେଇ ବ୍ରିଜ୍ ଦେଇ କେହି ଯିବା ଆସିବା କରେ ତା ହେଲେ ତା ଅବସ୍ଥା ସାଘାତିକ। କିଛିଦିନ ତଳେ ନିଶାସକ୍ତ ଯୁବକ ମାନେ ଝିଅଙ୍କୁ କମେଣ୍ଟ ମାରି ହଟହଟା ହେବାକୁ ପଡିଛି। କମେଣ୍ଟ ଘଟଣାକୁ କେନ୍ଦ୍ରକରି

## ସନ୍ଧ୍ୟା ହେଲେ ଚୁମା ଦିଆନିଆ ଆରମ୍ଭ

ପୋତାପୋଖରୀ ଛକରେ ଦୁଇ ଗୋଷ୍ଠୀ ଯୁବକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଖବର ପାଇ ଚାଉଳିଆଗଞ୍ଜ ଥାନା ପିସିଆର ଘଟଣା ସ୍ଥଳରେ ପହଞ୍ଚି ଜଣେ ଯୁବକଙ୍କୁ ଧରି ଥାନାକୁ ନେଲାବେଳେ ୩ଟି ବାଇକ ଜବତ୍ କରି ଥାନାକୁ ନେଇଥିଲେ। ପରେ ଯୁବକଙ୍କ ଠାରୁ ଜରିମାନା ଆଦାୟ କରି ଲିଖିତ ଭାବେ ରଖି ଛାଡିଥିବା ପୁଲିସ ସୁତ୍ରରୁ ଜଣାପଡିଥିଲା। ବ୍ରିଜ ତଳେ ଥିବା ଏକ ଘରୋଇ କୋଚିଙ୍ଗ ସେଣ୍ଟରୁ ପାଠପଢି ଘରକୁ ଫେରୁଥିବା ଛାତ୍ରୀମାନେ କମେଣ୍ଟର ଶିକାର ହେଉଥିବା ଅଭିଯୋଗ କରିଛନ୍ତି। ପ୍ରତେକ ଦିନ ଛାତ୍ରୀମାନେ କମେଣ୍ଟର ଶିକାର ହେଉଥିଲେ ମଧ ବ୍ରିଜ୍‌ଠାରୁ ୧୦୦ ମିଟର ଦୂରରେ ଫାଣ୍ଡିଥିଲେ ମଧ ଏଥିପ୍ରତି ଗୁରୁତ୍ୱ ଦେଇନଥାନ୍ତି। କାରଣ ଏହି ଯୁବକମାନେ ପ୍ରାୟ ସମୟ ଫାଣ୍ଡି କର୍ମଚାରୀଙ୍କ ସହିତ ଚା ଖଟିରେ ବସି ଖଟି କରିଥାନ୍ତି ବୋଲି କେତେକ ଅଭିଭାବକ କହିଥିଲେ। ପୁଲିସ ପାଟ୍ରାଲିଂ ନ ହେବା ଯୋଗୁ ନୂଆବଜାର, ଚଉଳିଆଗଞ୍ଜ ଏବଂ ମହାନଦୀ ବିହାର ଅଞ୍ଚଳରେ ବେପିଁକର ହୋଇ ଏଭଳି ଉତ୍ପାତ କରୁଛନ୍ତି। ଏମାନଙ୍କ ଯୋଗୁ ସଂନ୍ଧ୍ୟା ସମୟରେ ଝିଅମାନେ କୋଚିଙ୍ଗ ସେଣ୍ଟର ଯିବାକୁ ଭୟ କରୁଛନ୍ତି। ବାଧ୍ୟ ହୋଇ ଅଭିଭାବକ ମାନେ ପିଲାଙ୍କୁ ସାଥିରେ ନେଇ କୋଚିଙ୍ଗ ସେଣ୍ଟରରେ ଛାଡିଲାପରେ ଘଣ୍ଟା ଘଣ୍ଟା ଧରି ବାହାରେ ଅପେକ୍ଷା କରୁଛନ୍ତି। ଏହି କିଛି ମାସ ହେବ ମଦୁଆ ଏବଂ ରୋଡ ରୋମିଓଙ୍କ ଉତ୍ପାତ ବଢିବାରେ ଲାଗିଛି। ଏଥିପ୍ରତି କମିଶନରେଟ ପୁଲିସ ଯଦି ଦୃଷ୍ଟି ନ ଦିଅନ୍ତି ଆଉ କିଛି ପରେ ସଂନ୍ଧ୍ୟା ହେଲେ ଉକ୍ତ ଅଞ୍ଚଳରେ କବାଟ ପଡିଯିବ ବୋଲି ଅଭିଭାବକ ମାନେ କୁହନ୍ତି।

# କଟକ ମହାନଗର ନିଗମ(ସିଏମ୍ସି) ଅଫିସ୍‌ରୁ ଟେଣ୍ଡର ଫାଇଲ ଗାଏବ !

**କଟକ(ତପନ ମହାନ୍ତି):-** ଡ୍ରେନ କାମ ହେବାକୁ ଟେଣ୍ଡର ହେଲା କିନ୍ତୁ କାର୍ଯ୍ୟାଦେଶ ହେବାକୁ ଲାଗିଗଲାଣି ଦେଢ ବର୍ଷ। ଠିକାଦାର କାମ ନ କରିବାରୁ ସ୍ଥାନୀୟ ଲୋକଙ୍କ ମଧରେ ଅସନ୍ତୋଷ ବଢିବାରେ ଲାଗିଛି। କ'ଣ ପାଇଁ କାମ ହୋଇ ପାରୁନି, ଏ ସଂପର୍କରେ ବିଭିନ୍ନ କଥା ଶୁଣିବାକୁ ମିଳୁଛି। କିଛି ଠିକାଦାର ନିଜ ନାମକୁ ଗୋପନ ରଖି କହିଛନ୍ତି ବିଭାଗୀୟ ଇଂଜିନିୟର ଜଣକ ଏଠାରେ ଦୀର୍ଘ ବର୍ଷ ରହି ବହୁ ଠିକାଦାରଙ୍କୁ ହଇରାଣ ହରକତ କରୁଛନ୍ତି। ଠିକାଦାର ଟେଣ୍ଡର ମାଧମରେ କାମ ପାଇଲା ମାତ୍ରକେ କାମ ଆରମ୍ଭ କରିବା ପୂର୍ବରୁ ଯେତିକି ଟଙ୍କାର କାମ ହୋଇଥିବା ସଂଗେ ସଂଗେ ହିସାବ କରି ଆଗୁଆ ପିସି ମାଗି ନେଉଛନ୍ତି। ପି.ସି. ଦେବାରେ ଟିକିଏ ବିଳମ୍ବ ହେଲେ ଟେଣ୍ଡର ଫାଇଲକୁ ଲୁଚାଇ ଦେଉଥିବା ଅଭିଯୋଗ ହୋଇଛି। ଏହିଭଳି ଭାବରେ ଠିକାଦାର ମାନଙ୍କୁ ହଇରାଣ ହରକତ କରୁଥିଲେ ମଧ ଏଥି ପ୍ରତି କେହି ଦୃଷ୍ଟି ନ ଦେବାରୁ ମନମୁଖି କାର୍ଯ୍ୟ ଚଳାଇଛି। ଏବେ ପୁଣି ଟେଣ୍ଡର ଫାଇଲ ହଜି ଯାଇଥିବା ଆଲୋଚନା ହେଉଛି।

ସୂଚନା ନୁଯାୟୀ ସି.ଏମ୍.ସି.ର ୫୫ ନଂ. ୱାର୍ଡ ଅନ୍ତର୍ଗତ ଉଦିମୂଳ ଭୋଇ ସାହିରେ ଡ୍ରେନ ପାଣି ଲୋକଙ୍କ ଘରେ ପଶିବା ସହ ରାସ୍ତାରେ ମାଡୁଥିଲା। ଦୀର୍ଘଦିନ ଧରି ରାସ୍ତାରେ ପଚା ପାଣି ଜମି ରହିବାରୁ ଲୋକେ ଯାଆସ କରିବାରେ ନାନା ଅସୁବିଧାର ସମ୍ମୁଖିନ ହେଉଥିଲେ। ତେଣୁ ଲୋକଙ୍କ ଅଭିଯୋଗ କ୍ରମେ ତଥା ବିଧାୟକ ସୌଭିକ ବିଶ୍ୱାଳଙ୍କ ସୁପାରିସରେ ସି.ଏମ୍.ସି. ତରଫରୁ ଡ୍ରେନ୍ କାମ ହେବାକୁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ୨୪ ଜୁନ୍ ୨୦୨୦ ରଶ୍ମି ମିଶ୍ର ନାମକ ଜଣେ ଠିକାଦାର ଟେଣ୍ଡର ପକାଇଥିଲେ ଏବଂ ତାଙ୍କ ନାମରେ ମଧ ଟେଣ୍ଡର ହୋଇଥିଲା। ଏହାପରେ ସି.ଏମ୍.ସି. ତରଫରୁ ଟେଣ୍ଡରଧାରୀଙ୍କ ନାମରେ କାର୍ଯ୍ୟାଦେଶ ଦେଇ କାମ ଆରମ୍ଭ କରିବା କଥା। ମାତ୍ର ଆଜିକୁ ପ୍ରାୟ ୧୮ ମାସରୁ ଅଧିକ ସମୟ ବିତି ଯାଇଥିଲେ ବି ଏଯାଏ କାମ ଆରମ୍ଭ ହୋଇପାରିନାହିଁ। କେହି ଜଣେ ଏହି ଫାଇଲଟିକୁ ଗାଏବ କରି ଦେଇଥିବାରୁ କାମ ଆରମ୍ଭ ହୋଇପାରୁ ନାହିଁ ବୋଲି ଶୁଣିବାକୁ ମିଳୁଛି। କିନ୍ତୁ କିଛି ଠିକାଦାର ଏହି କଥାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି। କେହି କେହି କୁହନ୍ତି ବିଭାଗୀୟ ଇଂଜିନିୟରଙ୍କ କାର୍ଯ୍ୟକଳାପକୁ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସବୁ ଦୁର୍ନିତିର ପର୍ଦ୍ଦାଫାସ ହୋଇପାରନ୍ତା। ଟେଣ୍ଡର ଫାଇଲକୁ କିଏ ଗାଏବ କରିଛି ଏହାକୁ ଉଚ୍ଚସ୍ତରୀୟ ତଦନ୍ତ ହେବା ସଂଗେ ସଂଗେ ତୁରନ୍ତ ଏହି ଇଂଜିନିୟରଙ୍କୁ ଏଠାରୁ ବଦଳି କରିବାକୁ ଦାବି ହେଉଛି। ସେ ସବୁବେଳେ ଗୋଟିଏ କଥା କୁହନ୍ତି ମୋର କାହାରିକୁ ଭୟ କରିବାର ନାହିଁ। ଏମିତିକି ୫ଟି ସଚିବଙ୍କୁ ନୁହେଁ ବୋଲି କହୁଥିବା ସର୍ବସାଧାରଣରେ ଆଲୋଚନା ହେଉଛି। ଏହି ଇଂଜିନିୟର ଜଣକ କାହା ବଳରେ ବଳିୟାନ ବୋଲି ସାଧାରଣରେ ଆଲୋଚନା ହେଉଛି।

# ମମିତା ମୃତ୍ୟୁର ଖୁଲାସା କଲେ ଦାମ


**ଭୁବନେଶ୍ୱର(ପରମେଶ୍ୱର ଦାଶ)-** ମହାଲିଙ୍ଗ ମମିତା ହତ୍ୟା ଘଟଣା କୁ ନିନ୍ଦା କରିଛନ୍ତି ବରିଷ୍ଠ ନେତା ଦାମୋଦର ରାଉତ। ଏହି ଘଟଣାକୁ ନେଇ କୌଣସି ବ୍ୟକ୍ତି କିମ୍ବା ଦଳ ନୁହଁନ୍ତି ସମସ୍ତ ରାଜ୍ୟବାସୀ ଲଜ୍ଜିତ ବୋଲି କହିଛନ୍ତି।ଦାମ ପୋଲିସ ତଦନ୍ତ ପରେ ଘଟଣାରେ ସଂଶ୍ଳିଷ୍ଟ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ବିରୋଧ ବିଶେଷ କରି ବିଜେପି ଏହାକୁ ରାଜନେତିକ ଭୋବ ବ୍ୟବହାର କରୁଛି, କିଛି ଆନ୍ତରିକତା ନାହିଁ। ଆଇନ୍ ଶୃଙ୍ଖଳା ରାଜ୍ୟର ବିଷୟ। ଏଥିପାଇଁ ରାଜ୍ୟରେ ପୋଲିସ ରହିଛି।ସିବିଆଇ କ୍ରେନ୍ଦୀୟ ସଂସ୍ଥା। ବିଜେପି ନେତା କହୁଛନ୍ତି ସିବିଆଇ ତଦନ୍ତ ହେଉ। ଯଦି ରାଜ୍ୟ ପୋଲିସ ଉପରେ ବିଜେପିର ବିଶ୍ୱାସ ନାହିଁ, ତାହେଲେ



ସିବିଆଇ ଆସିଲେ ବିଜେପି ଦ୍ୱାରା ପ୍ରଭାବିତ ହୋଇ ରାଜ୍ୟ ସରକାରଙ୍କୁ ବଦନାମ କରିବା ପାଇଁ କିଛି କରିପାରନ୍ତି। ସରିଲେ ନବୀନ କାର୍ଯ୍ୟାନୁଷ୍ଠାନନେବେ ବୋଲି କହିଛନ୍ତି ଦାମ। ବିଜେପି ଓ କଂଗ୍ରେସ ମମିତା ମେହେରଙ୍କୁ ନ୍ୟାୟ ଦେବା ପାଇଁ କିଛି କରୁନାଁନ୍ତି. ଯାହା କରୁଛନ୍ତି ରାଜନୀତି ପାଇଁ। ମମିତାଙ୍କୁ ହତ୍ୟା କରି ଗୋବିନ୍ଦ ଓ ଅନ୍ୟାମାନେ ପୋଡିଛନ୍ତି ମନ୍ତ୍ରୀଙ୍କର ସମ୍ପୃକ୍ତି ନେଇ କୌଣସି ପ୍ରମାଣ ନାହିଁ। ବରୋଧୀ ଖାଲି ତୁଚ୍ଛାରେ ଡେଉଁଛନ୍ତି। ତଥ୍ୟ ଓ ସାକ୍ଷ୍ୟ ପ୍ରମାଣ ଥିଲେ ଦେବାକୁ କହିଛନ୍ତି ଦାମୋଦର ରାଉତ। କେବଳ ରାଜନୈତକ ଫାଇଦା ପାଇଁ ବରୋଧୀ କଂଗ୍ରେସ ଓ ବିଜେପି ଏଭଳି କରୁଥିବା ଦାମ କହିଛନ୍ତି। ମମିତାଙ୍କୁ ନ୍ୟାୟ ଦେବାକୁ ବିରୋଧୀଙ୍କ ଆନ୍ତରିକତା ନାହିଁ। ବିଜେପିର ଆଭିମୁଖ୍ୟ ହେଉଛି, ଏହି ଘଟଣା କୁ ଆଳ କରି ରାଜନୈତିକ ଫାଇଦା ଉଠାଇବା ବିଜେପି ଅଧିକ୍ଷ ଯଦି ଏଠାକୁ କମିଟି ପଠାଉଛନ୍ତି, ୟୁପି ଲକ୍ଷ୍ମୀପୁର ଖେରିକୁ କାହିଁକି ନୁହେଁ ବୋଲି ପ୍ରଶ୍ନ କରିଛନ୍ତି ଦାମ।ବାରମ୍ବାର ମମିତାଙ୍କ ଘରକୁ ଯାଇ ବିଜେପି ଡ୍ରାମ କରୁଥିବା ବେଳେ ପରିବାର ଲୋକ କଷ୍ଟ ପାଉଛନ୍ତି।ଏସବୁକୁ ନାପସନ୍ଦ କରିଛନ୍ତି ବରିଷ୍ଠ ନେତା ଦାମୋଦର ରାଉତ।

# ନବୋଦୟ ବିଦ୍ୟାଳୟର ୩୩ ଛାତ୍ରଛାତ୍ରୀଙ୍କୁ କରୋନା ପଜିଟିଭ୍

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବେଙ୍ଗାଲୁରୁ କୋଡାଗୁ ଜିଲ୍ଲାର ମାଡିକେରିରେ ଜବାହାରଲାଲ୍ ନବୋଦୟ ବିଦ୍ୟାଳୟର ୩୩ଜଣ ଛାତ୍ରଛାତ୍ରୀ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଛାତ୍ରଛାତ୍ରୀମାନେ କୋଭିଡ୍ ପଜିଟିଭ୍ ବାହାରିବା ପରେ ବିଦ୍ୟାଳୟକୁ ଏକ କଣ୍ଟେନମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଗତ ବୁଧବାର ଦିନ ବିଦ୍ୟାଳୟର




ପରିଚାଳକ ସମସ୍ତ ୨୭୦ ଛାତ୍ରଛାତ୍ରୀଙ୍କୁ କରୋନା ଟେଷ୍ଟ କରାଇଥିଲେ। ସେମାନଙ୍କ ମଧରୁ ୩୩ ଛାତ୍ରଛାତ୍ରୀ କରୋନା ପଜିଟିଭ୍ ହୋଇଥିବା ଖବର ପ୍ରକାଶ ପାଇଛି। ହିନ୍ଦୁସ୍ଥାନ ଟାଇମ୍ ରିପୋର୍ଟ ଅନୁଯାୟୀ କୋଭିଡ୍-୧୯ ପାଇଁ ଛାତ୍ରଛାତ୍ରୀଙ୍କ ପରୀକ୍ଷା ପରେ ଏହି ମାମଲା ନିଶ୍ଚିତ ହୋଇଛି ବୋଲି ସ୍କୁଲ୍ କର୍ତ୍ତୃପକ୍ଷ ସରକାରୀ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ସୂଚନା ଦେଇଛନ୍ତି।

# ଶିଳ୍ପୋଦ୍ୟୋଗୀମାନଙ୍କ ସଫଳତା ଉପରେ ପର୍ଯ୍ୟବେସିତ ଇ-ପତ୍ରିକା ମାନ୍ୟବର ବାଚସ୍ପତିଙ୍କ ଦ୍ୱାରା ଉନ୍ମୋଚିତ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶାର ଶିଳ୍ପୋଦ୍ୟୋଗୀମାନଙ୍କର ସଂଘର୍ଷ, ସଫଳତା ଓ ଜୀବନ କାହାଣୀ ଉପରେ ପର୍ଯ୍ୟବେସିତ ଇ-ପତ୍ରିକା "ଟାଇକୁନ୍ ସ୍ପିକସ୍"ର ତୃତୀୟ ସଂସ୍କରଣ ଆଜି ମାନ୍ୟବର ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ବାଚସ୍ପତିଙ୍କ ପ୍ରକୋଷ୍ଠରେ ଇ-ପତ୍ରିକାର ସମ୍ପାଦକ ଦ୍ୱୟଙ୍କ ଉପସ୍ଥିତିରେ ବାଚସ୍ପତି ଡ଼ଃ ପାତ୍ର ଆନୁଷ୍ଠାନିକ ଭାବେ ଏହା ଉନ୍ମୋଚନ କରିଛନ୍ତି। ଦ୍ୱିମାସିକ ଭିତ୍ତିରେ ପ୍ରକାଶିତ ହେଉଥିବା ଏହି ଇ-ପତ୍ରିକା ମାଧମରେ ଓଡ଼ିଶାର




ଶିଳ୍ପୋଦ୍ୟୋଗୀମାନଙ୍କ ସ୍ୱପ୍ନ, ସମ୍ଭାବନା ଓ ସେମାନେ ବାସ୍ତବ ଜୀବନରେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ତାର ଦିଗରେ ପଥପ୍ରଦର୍ଶକ ହେବ ବୋଲି ବାଚସ୍ପତି ଡ଼ଃ ପାତ୍ର ଆନୁଷ୍ଠାନିକ ଭାବେ ଏହା ଉନ୍ମୋଚନ କରିଛନ୍ତି। ଦ୍ୱିମାସିକ ଭିତ୍ତିକ ପ୍ରକାଶିତ ହେଉଥିବା ଏହି ଇ-ପତ୍ରିକା ମାଧମରେ ଓଡ଼ିଶାର ଶିଳ୍ପୋଦ୍ୟୋଗୀମାନଙ୍କ ସ୍ୱପ୍ନ, ସମ୍ଭାବନା ଓ ସେମାନେ ବାସ୍ତବ ଜୀବନରେ ସମ୍ମୁଖୀନ ହେଉଥିବା ସମସ୍ୟା ଓ ତାର ସମାଧାନ ଦିଗରେ ପଥପ୍ରଦର୍ଶକ ହେବ ବୋଲି ବାଚସ୍ପତି ଡ଼ଃ ପାତ୍ର ଆଶା ପ୍ରକାଶ କରିଛନ୍ତି। ସମ୍ପାଦକ ଭାବରେ ଗୁରୁଦାୟିତ୍ୱ ବହନ କରି ଓଡ଼ିଶାର ଉଦ୍ୟମୀ ଶିଳ୍ପୋଦ୍ୟୋଗୀମାନଙ୍କୁ ପ୍ରୋତ୍ସାହିତ କରୁଥିବାରୁ ବାଚସ୍ପତି ଡ଼ଃ ପାତ୍ର ମଧ ସମ୍ପାଦକ ଭବାନୀ ଶଙ୍କର ପରିଜା ସୌମ୍ୟା ମହାପାତ୍ରଙ୍କୁ ସାଧୁବାଦ ଜ୍ଞାପନ କରିଛନ୍ତି। "ଟ୍ରେଇଲ୍ ବ୍ଲେଜର୍ସ" ନାମରେ ନାମିତ ଏହି ତୃତୀୟ ସଂସ୍କରଣରେ ଓଡ଼ିଶାର ୫ଜଣ ଶିଳ୍ପୋଦ୍ୟୋଗୀଙ୍କ ସଂଘର୍ଷ ଓ ସଫଳତାର କାହାଣୀ ପ୍ରକାଶିତ ହୋଇଛି।

# ଚଳିତବର୍ଷ ହେବନି ବାଲିଯାତ୍ରା

**କଟକ(ସଂପର୍କବାର୍ତ୍ତା):-** ଚଳିତବର୍ଷ ହେବନି ବାଲିଯାତ୍ରା। ଗତ ବର୍ଷ ପରି ଏଥର ମଧ୍ୟ କଟକରେ ରାଜ୍ୟସ୍ତରୀୟ ଐତିହାସିକ ବାଲିଯାତ୍ରା ଆୟୋଜନ ହେବ ନାହିଁ। କୋଭିଡ୍ କଟକଣା ଜାରି ରହିଥିବାରୁ ଚଳିତ ବର୍ଷ ବାଲିଯାତ୍ରା ଆୟେଜନ ଲାଗି ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପ୍ରସ୍ତୁତି ନାହିଁ ବୋଲି କଟକ ଜିଲ୍ଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ବାଲିଯାତ୍ର ଆୟୋଜନ ନ ହେବା ଖବର କ୍ଷୁଦ୍ର ବ୍ୟବସାୟୀଙ୍କ ସମେତ ମଧ୍ୟମବର୍ଗର



ବ୍ୟବସାୟୀ ଏବଂ ମିଶନ ଶକ୍ତି ତଥା ସ୍ୱୟଂ ସହାୟିକା ପୁଣି ନିରାଶ କରିଛି। ଏପରିସ୍ଥଳେ ବାଲିଯାତ୍ରାରେ ବ୍ୟବସାୟ ପାଇଁ ଚାତକ ପରି ଚାହିଁ ବସିଥିବା ବ୍ୟବସାୟୀ ହତାଶ ହୋଇପଡିଛନ୍ତି। କରୋନାକୁ ନେଇ ଲୋକଙ୍କ ମନରେ ଆଶଙ୍କା କମିବା ସହ ରାଜ୍ୟରେ ବିଭିନ୍ନ ରାଜନୈତିକାସମାବେଶ ସମେତ ସରକାରୀ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏପରିସ୍ଥିତରେ କଟକର ଐତିହାସିକ ବାଲିଯାତ୍ରକୁ କିପରି କଭୋଡ୍ କଟକଣା ମଧ୍ୟରେ ଆୟୋଜନ କରିହେବ ସେ ଦିଗରେ ପ୍ରଶାସନ କୌଣସି ପଦକ୍ଷେପ ନ ନେଇ ବାଲିଯାତ୍ରକୁ ବନ୍ଦ କରିବା ପାଇଁ ଚକ୍ରାନ୍ତ କରୁଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ସେମାନେଙ୍କ କହିବା କଥା, ସାମାଜିକ ଦୂରତା ରକ୍ଷା କରାଯାଇ ବାଲିଯାତ୍ରା ଆୟୋଜନା ପାଇଁ ମହାନଦୀ ପଠାରେ ଜାଗାର ଅଭାବ ନାହିଁ।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୯୫୮୩୭୮୩୩୫୧(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



**ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ। ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି।**

**All disputes relating to any news item published shall be subject to the Jurisdiction of Jagatsinghpur court/s.**

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

● Editor : Rama Chandra Mohanty Mob- 9437023380, 7978875473 Email : samparkabarta1@gmail.com

ସଂପାଦକ : ରାମଚନ୍ଦ୍ର ମହାନ୍ତି

News Editor: Akshaya Kumar Behera